# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମେ ୫/୨୦୨୧ (୧୨ ପୃଷ୍ଠା) | Bhubaneswar, Wednesday, May 5/2021 | ★★★★

୪୭ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶିଳ୍ପାଙ୍କ ସ୍ଥାନରେ ମଲାଇକା**

ଡ୍ୟାନ୍ସ ରିଅଲିଟି ଶୋ' ସୁପର ଡ୍ୟାନ୍ସର-୪ରେ ଜଜ୍ ଶିଳ୍ପା ସେଟ୍ଟିଙ୍କ ସ୍ଥାନରେ ମଲାଇକା ଅରୋରାଙ୍କୁ ଦେଖିବାକୁ ମିଳିବ। ୧୦

୧୨ **ମାର୍କ ସେଲ୍‌ବି ଚାମ୍ପିୟନ**

ଇଂଲଣ୍ଡର ମାର୍କ ସେଲ୍‌ବି ଚତୁର୍ଥ ଥର ପାଇଁ ବିଶ୍ୱ ସ୍ନୁକର ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ନିଜ ଦେଶର ଶନ ମର୍ଫିଙ୍କୁ ହରାଇଛନ୍ତି।



## ଆଜିଠୁ ରାଜ୍ୟରେ ଲକ୍‌ଡାଉନ

### ସାଧାରଣ ଯାତାୟାତ ଉପରେ କଟକଣା

**ଭୁବନେଶ୍ୱର,୪।୫(ବ୍ୟୁରୋ):** କୋଭିଡ୍-୧୯ ସଂକ୍ରମଣ ବେଳକୁ ବେଳ ମାଡ଼ି ଚାଲିଛି। କିଛିଦିନ ହେବ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୮ହଜାର ଉପରେ ରହୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାରଠାରୁ ମେ' ୧୯ତାରିଖ ସକାଳ ୫ଟା ଯାଏ ସମଗ୍ର ରାଜ୍ୟରେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଥିସହିତ ସପ୍ତାହାନ୍ତ ଶଟ୍‌ଡାଉନ ମଧ୍ୟ ଜାରି ରହିବ। ଶୁକ୍ରବାର ସନ୍ଧ୍ୟା ୬ଟାରୁ ସୋମବାର ସକାଳ ୫ଟା ଯାଏ ଶଟ୍‌ଡାଉନ ଜାରି ରହିବ। ଲକ୍‌ଡାଉନ ସମୟରେ ଲୋକମାନଙ୍କ ଯାତାୟାତ ଉପରେ କଟକଣା ରହିବ। ଲକ୍‌ଡାଉନକୁ କଡ଼ାକଡ଼ି ଭାବେ ପରିଚାଳନା କରିବାକୁ ସମସ୍ତ ଜିଲାର ଏସ୍‌ପି, ପୋଲିସ କମିଶନରଙ୍କୁ ଜଣାଇ ଦିଆଯାଇଛି। ତେବେ ଲକ୍‌ଡାଉନ ସମୟରେ ମାଲ୍ ପରିବହନ ଏବଂ ଟିକାକରଣ ଚାଲୁରହିବ। ଟିକା ନେବା ପାଇଁ ଯୋଗ୍ୟ ବ୍ୟକ୍ତି ନିକଟସ୍ଥ କୋଭିଡ୍ ଟିକାକରଣ କେନ୍ଦ୍ର(ସିଭିସି)କୁ ଟାକ୍ସି, ଅଟୋରିକ୍ସା କିମ୍ବା ନିଜର ଯାନବାହନ ସାହାଯ୍ୟରେ ☞ପୃଷ୍ଠା-୪

# ଅଷ୍ଟ୍ରିଚ୍ ଭଳି ତୁମେ ମୁହଁ ପୋତିପାରିବ

## କେନ୍ଦ୍ର ସରକାରଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଭର୍ତ୍ସନା

- ଦିଲ୍ଲୀକୁ ଅକ୍ସିଜେନ ଯୋଗାଇବାରେ କେନ୍ଦ୍ର ବିଫଳ
- ହାଇକୋର୍ଟ ଦେଲେ ଅବମାନନା ମାମଲା ଚେତାବନୀ
- ଜବାବ ଦାଖଲ ପାଇଁ କାରଣ ଦର୍ଶାଅ ନୋଟିସ ଜାରି
- କେନ୍ଦ୍ରର ୨ ବରିଷ୍ଠ ଅଧିକାରୀଙ୍କୁ ହାଜର ନିର୍ଦ୍ଦେଶ



**ନୂଆଦିଲ୍ଲୀ,୪।୫**

ତୁମେ ଅଷ୍ଟ୍ରିଚ୍ (ଓଟପକ୍ଷୀ) ଭଳି ବାଲିରେ ମୁଣ୍ଡ ପୋତିପାରିବ। କିନ୍ତୁ ଆମେ ପାରିବୁ ନାହିଁ ବୋଲି ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ଦିଲ୍ଲୀରେ ମେଡିକାଲ ଅକ୍ସିଜେନ ଅଭାବରୁ ଚିକିତ୍ସାଧୀନ କରୋନା ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ଜାତୀୟ ରାଜଧାନୀକୁ ଦୈନିକ ୭୦୦ ମେଟ୍ରିକ୍ ଟନ୍ ଅମ୍ଳଜାନ ଯୋଗାଇବା ପାଇଁ ଏପ୍ରିଲ ୩୦ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ କେନ୍ଦ୍ର ସରକାର ମାତ୍ର ୪୯୦ ମେଟ୍ରିକ୍ ଟନ୍ ଯୋଗାଉଛନ୍ତି। ଏଥିଲାଗି କେନ୍ଦ୍ର ବିରୋଧରେ ଅଦାଲତ ଅବମାନନା ମାମଲା କାହିଁକି ରୁଜୁ କରାଯିବ ନାହିଁ ବୋଲି ପ୍ରଶ୍ନ କରି ଦିଲ୍ଲୀ ହାଇକୋର୍ଟ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କେନ୍ଦ୍ର ଯେକୌଣସି ପ୍ରକାରେ ଦିଲ୍ଲୀକୁ ୭୦୦ ମେଟ୍ରିକ୍ ଟନ୍ ତରଳ ମେଡିକାଲ ଅକ୍ସିଜେନ ଯୋଗାଇଦେଉ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ପଡ଼ିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ବିପିନ ସାଂଘି ଓ ରେଖା ପାଲ୍ଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କହିଛନ୍ତି, ଦିଲ୍ଲୀକୁ ଆବଶ୍ୟକ ଅକ୍ସିଜେନ ଯୋଗାଇ ଦିଆଯାଉ ନ ଥିବା ଆମ ଗୋଚରକୁ ଆସିଛି। ଏପରି କି ଦିନେ ହେଲେ ଧାର୍ଯ୍ୟ ଆବଣ୍ଟନ(କୋଟା) ଅନୁସାରେ ଅକ୍ସିଜେନ ଦିଆଯାଇ ନାହିଁ। ଦିଲ୍ଲୀକୁ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଧାର୍ଯ୍ୟ ପରିମାଣର ଯୋଗାଣରେ କେନ୍ଦ୍ର ବିଫଳ ହୋଇଛି। ଏଥିସହ ଓଲଟା ସୁପ୍ରିମକୋର୍ଟରେ ବୁଧବାର ସତ୍ୟପାଠ ଦାଖଲ କରିବ ବୋଲି କହିଛି। ଅକ୍ସିଜେନ ଯୋଗାଇପାରି ନ ଥିବାବେଳେ ସତ୍ୟପାଠ ☞ପୃଷ୍ଠା-୪

### ଅକ୍ସିଜେନ ଅଭାବରୁ ୬ ରୋଗୀଙ୍କ ମୃତ୍ୟୁ

**ବେଙ୍ଗାଲୁରୁ, ୪।୫:** କର୍ଣ୍ଣାଟକର ବିଭିନ୍ନ ଭାଗରେ ଗୁରୁତର ଅକ୍ସିଜେନ ସଙ୍କଟ ଦେଖାଦେଇଛି। ଚମରାଜନଗର ଜିଲାରେ ଅକ୍ସିଜେନ ଅଭାବରୁ ୨୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହାର ଦିନକ ପରେ ବେଙ୍ଗାଲୁରୁ ଏବଂ କାଲାବୁରାଗିରେ ୬ ଜଣ ପ୍ରାଣ ହରାଇଛନ୍ତି। ବେଙ୍ଗାଲୁରୁର ଆର୍କା ହସ୍ପିଟାଲରେ ମଙ୍ଗଳବାର ଭୋର ସମୟରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ବହୁବିଧ ରୋଗରେ ପୀଡ଼ିତ ଥିବା ସହ ଅକ୍ସିଜେନ ସପୋର୍ଟରେ ଥିଲେ। ହସ୍ପିଟାଲରେ ସୋମବାର ରାତି ୮ଟା ସୁଦ୍ଧା ଅମ୍ଳଜାନ ଅଭାବ ଗୁରୁତର ସ୍ଥିତିରେ ପହଞ୍ଚିବା ନେଇ କର୍ତ୍ତୃପକ୍ଷ ଜଣାଇଥିଲେ। ଭୋର ୪ଟାରେ ଅକ୍ସିଜେନ ପହଞ୍ଚିବା ବେଳକୁ ୨ ରୋଗୀଙ୍କ ମୃତ୍ୟୁ ଘଟିସାରିଥିଲା। କର୍ଣ୍ଣାଟକର ବିଭିନ୍ନ ହସ୍ପିଟାଲରେ ଅକ୍ସିଜେନ ଅଭାବ ନେଇ ଅଭିଯୋଗ ହୋଇଛି। ଅଧିକାଂଶ ହସ୍ପିଟାଲ ଅକ୍ସିଜେନ ଅଭାବ କାରଣରୁ ରୋଗୀଙ୍କୁ ଫେରାଇ ଦେଉଛନ୍ତି।

## 'ରାତ୍ର କର୍ଫ୍ୟୁ, ସପ୍ତାହାନ୍ତ ଲକ୍‌ଡାଉନ କାମକୁ ନୁହେଁ'

### ସେପ୍ଟେମ୍ବରରେ ଆସିପାରେ ତୃତୀୟ ଲହର

- ଶିଶୁ ଅଧିକ ସଂକ୍ରମିତ ହେବେ: ବିଶେଷଜ୍ଞ
- ମୁକାବିଲା ପାଇଁ ମୁମ୍ବାଇରେ ପ୍ରସ୍ତୁତି

**ନୂଆଦିଲ୍ଲୀ, ୪।୫**

ଭାରତରେ ଏବେ କୋଭିଡ୍-୧୯ ସଂକ୍ରମଣର ଦ୍ୱିତୀୟ ଲହର ଚାଲିଥିବାବେଳେ ଆଗକୁ ତୃତୀୟ ଲହର ଆସିବା ନେଇ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କଲେଣି। ଯଦି ଭୂତାଣୁର ବିବର୍ତ୍ତନ ଜାରି ରହେ ଏବଂ ଏହା ରୋଗ ପ୍ରତିରୋଧ ଶକ୍ତିକୁ ଅତିକ୍ରମ କରିବା କ୍ଷମତା ପାଇଯାଏ, ତେବେ ତୃତୀୟ ଲହର ଆସିବାର ଯଥେଷ୍ଟ ଆଶଙ୍କା ରହିଥିବା ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ ମଙ୍ଗଳବାର କହିଛନ୍ତି। କେତେକ ରାଜ୍ୟ ସଂକ୍ରମଣ ରୋକିବା ଲାଗି ରାତ୍ର କର୍ଫ୍ୟୁ ଏବଂ ସପ୍ତାହାନ୍ତ ଲକ୍‌ଡାଉନ୍ ଲାଗୁ କରିଥିବା ବେଳେ ଗୁଲେରିଆ ଏହାକୁ ନାପସନ୍ଦ କରିଛନ୍ତି। କାରଣ ଏଭଳି କଟକଣା ବିଶେଷ କାମ କରି ନ ଥାଏ। ସଂକ୍ରମଣ ରୋକିବାକୁ ହେଲେ ଏକ ଦୀର୍ଘମିଆଦୀ ଲକ୍‌ଡାଉନର ଆବଶ୍ୟକତା ଥିବା ସେ କହିଛନ୍ତି। କୋଭିଡ୍ ମୁକାବିଲା ପାଇଁ ୩ଟି ଜିନିଷ ଆବଶ୍ୟକ। ପ୍ରଥମ ହେଲା ହସ୍ପିଟାଲ ଭିତ୍ତିଭୂମିର ବିକାଶ, ଦ୍ୱିତୀୟରେ ସଂକ୍ରମଣର ଦ୍ରୁତ ହ୍ରାସ ପାଇଁ ବଳିଷ୍ଠ ପଦକ୍ଷେପ ଏବଂ ତୃତୀୟରେ ସମସ୍ତଙ୍କୁ ଟିକାକରଣ। ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ସବୁଠୁ ବଡ଼ କଥା। ଏଥିପାଇଁ ☞ପୃଷ୍ଠା-୪

## ଦେଶରେ ୫ଜି ପରୀକ୍ଷଣ ଶୀଘ୍ର



- ଆବେଦନକୁ ଡିଓଟି ଦେଲା ମଞ୍ଜୁରୀ
- ଦୌଡ଼ରେ ୪ ଭାରତୀୟ କମ୍ପାନୀ

**ନୂଆଦିଲ୍ଲୀ,୪।୫:** ଦେଶ ମଧ୍ୟରେ ୫ଜି ଟେକ୍ନୋଲୋଜିର ପରୀକ୍ଷଣ ଶୀଘ୍ର ଆରମ୍ଭ ହେବ। ଏହି ଦୌଡରେ ୪ ଭାରତୀୟ କମ୍ପାନୀ ସାମିଲ ହୋଇଛନ୍ତି। ଏଥିରେ କୌଣସି ଚାଇନା କମ୍ପାନୀର ଟେକ୍ନୋଲୋଜି ବ୍ୟବହାର ହେବ ନାହିଁ। କମ୍ପାନୀଗୁଡିକ ଏ ନେଇ ଟେଲିକମ ବିଭାଗ(ଡିଓଟି)କୁ ଆବେଦନ କରିଥିବା ବେଳେ ମଙ୍ଗଳବାର ବିଭାଗ ମଞ୍ଜୁରୀ ପ୍ରଦାନ କରିଛି। ଭାରତୀୟ କମ୍ପାନୀଙ୍କ ମଧ୍ୟରେ ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ, ☞ପୃଷ୍ଠା-୪

## ଜେଇଇ ମେନ୍ ସ୍ଥଗିତ


**ଭୁବନେଶ୍ୱର,୪।୫(ବ୍ୟୁରୋ):** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍‌କୁ ସ୍ଥଗିତ ରଖାଯାଇଛି। ଏପ୍ରିଲ ସେସନ ଭଳି ମେ' ୨୪ରୁ ୨୮ ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷାକୁ ମଧ ସ୍ଥଗିତ ଘୋଷଣା କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏନେଇ ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ଏନ୍‌ଟିଏ ପକ୍ଷରୁ ମଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନ୍‌ଟିଏ କହିଛି, ଜେଇଇ ମେନ୍ ୪ଟି ସେସନ ଯଥା ଫେବୃୟାରୀ, ମାର୍ଚ୍ଚ, ଏପ୍ରିଲ ଓ ମେ'ରେ ହେବାର ଥିଲା। ଫେବୃୟାରୀ ଓ ମାର୍ଚ୍ଚରେ ଦୁଇଟି ଅଧିବେଶନ ପରୀକ୍ଷା ସରିଛି। ଫେବୃୟାରୀ ୨୩ରୁ ୨୬ ପର୍ଯ୍ୟନ୍ତ ହୋଇଥିବା ପ୍ରଥମ ସେସନରେ ୬,୨୦,୯୭୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ମାର୍ଚ୍ଚ ୧୬ରୁ ୧୮ ଦ୍ୱିତୀୟ ସେସନରେ ୫,୫୬,୨୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତେବେ କରୋନା ପାଇଁ ଏପ୍ରିଲ ୨୭,୨୮ ଏବଂ ୩୦ରେ ହେବାକୁ ଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଚାର ବ୍ୟାକୁଳ**

## ନିର୍ବାଚନ ସରିଲା, ତେଲ ଦର ବଢ଼ିଲା


**ଭୁବନେଶ୍ୱର,(ବ୍ୟୁରୋ) ନୂଆଦିଲ୍ଲୀ,୪।୫**



**ପେଟ୍ରୋଲ ୧୫, ଡିଜେଲ ୧୯ ପଇସା**

ଦେଶବାସୀ ଯାହା ଆଶଙ୍କା କରୁଥିଲେ ତାହା ବର୍ତ୍ତମାନ ସତ ହୋଇଛି। ପଶ୍ଚିମବଙ୍ଗ ସମେତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ପାଇଁ ଦେଶ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଥିଲା। ମହାମାରୀ ସମୟରେ ତେଲ ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟି ଅତିଷ୍ଠ ହୋଇ ପଡ଼ିଥିଲେ। ନିର୍ବାଚନ ଅବଧିରେ ଦର ନ ବଢ଼ିଥିଲେ ମଧ୍ୟ ତୈଳ ବିପଣନ କମ୍ପାନୀଗୁଡିକ ନିର୍ବାଚନ ଶେଷ ହେବା ପରେ ଦର ବୃଦ୍ଧି ଜାରି ରଖିବେ ବୋଲି ପୂର୍ବରୁ ଯେଉଁ ଆକଳନ ହୋଇଥିଲା ତା'ର ବାସ୍ତବତା ବର୍ତ୍ତମାନ ଦେଖିବାକୁ ମିଳିଛି। ନିର୍ବାଚନ ପ୍ରକ୍ରିୟା ଶେଷ ହେବାର ଗୋଟିଏ ଦିନ ପରେ ତେଲ ଦର ପୁଣି ବୃଦ୍ଧି ପାଇଛି। ଗତ ୧୮ ଦିନ ପରେ ତେଲ ଦରରେ ଏଭଳି ପରିବର୍ତ୍ତନ ଘଟିଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୫ ପଇସା ଏବଂ ଡିଜେଲ ୧୯ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୧.୨୭ ଟଙ୍କା ଏବଂ ଡିଜେଲ ଦର ୮୮.୧୭ ଟଙ୍କା ଛୁଇଁଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୧୫ ପଇସା ଏବଂ ଡିଜେଲ ୧୮ ପଇସା ବୃଦ୍ଧି ଘଟିଛି। ଏଠାରେ ଦର ଯଥାକ୍ରମେ ୯୦.୫୫ ଟଙ୍କା ଓ ୮୦.୯୧ ଟଙ୍କା ରହିଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୨.୫୫ ଟଙ୍କା, ୯୦.୭୬ ଟଙ୍କା ଏବଂ ୯୬.୯୫ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୫.୯୦ ଟଙ୍କା, ☞ପୃଷ୍ଠା-୪




# ଖେଳ ବିଗାଡ଼ିଲା କରୋନା

## ଆଇପିଏଲ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

### ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ

- କୋଲକାତାର ବରୁଣ ଚକ୍ରବର୍ତ୍ତୀ, ସନ୍ଦୀପ ୱାରିୟରଙ୍କ ପରେ ସନ୍‌ରାଇଜର୍ସର ରିଦ୍ଧିମାନ ଶାହା ଓ ଦିଲ୍ଲୀ କ୍ୟାପିଟାଲ୍ସର ଅମିତ ମିଶ୍ର କରୋନା ପଜିଟିଭ୍
- ଆଇପିଏଲ୍ ସମ୍ପୂର୍ଣ୍ଣ ବାତିଲ ହେଲେ ବିସିସିଆଇ ୨୦୦୦ କୋଟି ଟଙ୍କା କ୍ଷତି ସହିବ



**ନୂଆଦିଲ୍ଲୀ, ୪।୫(ପି.ଟି.)**

କୋଭିଡ୍-୧୯ ମହାମାରୀ କାରଣରୁ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ଅଧାରୁ ସ୍ଥଗିତ ରଖାଯାଇଛି। ବାୟୋ-ବବ୍‌ଲ ତଥା ଜୈବ ବଳୟରେ କେତେଜଣ ଖେଳାଳି ସଂକ୍ରମିତ ହେବା ଜଣାପଡ଼ିବା



ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଏହି ନିଷ୍ପତ୍ତି ନେଇଛି। ବିଶ୍ୱର ଏହି ହାଇପ୍ରୋଫାଇଲ କ୍ରିକେଟ ଲିଗ୍ ଅଧାରୁ ବନ୍ଦ ହୋଇଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି ବୋଲି ଆଇପିଏଲ୍ ଅଧ୍ୟକ୍ଷ ବ୍ରିଜେଶ ପଟେଲ କହିଛନ୍ତି। ଫଳରେ ଆଇପିଏଲ୍‌ରେ ବାକିଥିବା ୩୧ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ପରେ ସମୟ ସୁବିଧା ଦେଖି ଘୋଷଣା କରାଯିବ। ଗତ ଦୁଇଦିନ ମଧ୍ୟରେ ୪ ଖେଳାଳି, ୧ କୋଚ୍, ୨ ଅନ୍ୟ ଷ୍ଟାଫ୍ ସଂକ୍ରମିତ ହେବା ପରେ ୨୯ଟି ମ୍ୟାଚ୍‌ର ଆୟୋଜନ ପରେ ଆଇପିଏଲ୍‌କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ପଟେଲ କହିଛନ୍ତି।

ସନ୍‌ରାଇଜର୍ସ ହାଇଦ୍ରାବାଦ ଉଇକେଟକିପର-ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଓ ଦିଲ୍ଲୀ ଅଭିଜ୍ଞ ସ୍ପିନର ଅମିତ ମିଶ୍ର କୋଭିଡ୍ ପଜିଟିଭ ବୋଲି ଜଣାପଡ଼ିବା ପରେ ଲିଗ୍ ସସ୍‌ପେଣ୍ଡ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରିସ୍ଥିତି ଉପରେ ନଜର ରଖାଯାଇଛି। ସ୍ଥିତିରେ ଉନ୍ନତି ହେଲେ ଚଳିତ ବର୍ଷ ବାକି ମ୍ୟାଚ୍‌ଗୁଡ଼ିକ ଆୟୋଜନ କରାଯିବ ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା କହିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ବାକିଥିବା ମ୍ୟାଚ୍ ଆୟୋଜନ କରିବା ନେଇ ବିଚାର କରାଯାଉଛି। ଏହା ପରିକଳ୍ପନା ମାତ୍ର। ତେବେ ବର୍ତ୍ତମାନ ସବୁକିଛି ବନ୍ଦ କରାଯାଇଛି ବୋଲି ଶୁକ୍ଳା ସ୍ପଷ୍ଟ କରିଛନ୍ତି।

ଗତ ସୋମବାର ଚେନ୍ନାଇ ସୁପର କିଙ୍ଗ୍ସ ବୋଲିଂ କୋଚ୍ ଲକ୍ଷ୍ମୀପତି ବାଲାଜୀ, କୋଲକାତା ନାଇଟ ରାଇଡର୍ସ ବୋଲର ସନ୍ଦୀପ ୱାରିୟର ଓ ବରୁଣ ଚକ୍ରବର୍ତ୍ତୀଙ୍କ ରିପୋର୍ଟ ପଜିଟିଭ ବୋଲି ଜଣାପଡ଼ିଥିଲା। ସଂକ୍ରମଣ ବଢ଼ିବା କାରଣରୁ ପ୍ରଥମେ ଦୁଇଟି ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଅଗ୍ରାଧିକାର ଦିଆଯାଉଛି ବୋଲି ଲିଗ୍‌ର ଆୟୋଜକମାନେ ଔପଚାରିକ ଭାବେ ☞ପୃଷ୍ଠା-୪

## ସ୍କୁଲ ମିଶ୍ରଣ ବିଜ୍ଞପ୍ତି ରଦ୍ଦ କଲେ ହାଇକୋର୍ଟ

**କଟକ ଅଫିସ୍/ ଭୁବନେଶ୍ୱର(ବ୍ୟୁରୋ), ୪।୫**



୨୦ ପିଲାରୁ କମ୍ ଉପସ୍ଥାନ ଥିବା ସରକାରୀ ସ୍କୁଲ୍‌କୁ ନିକଟସ୍ଥ ବିଦ୍ୟାଳୟରେ ସମ୍ମିଶ୍ରଣ କରିବାକୁ ରାଜ୍ୟ ସରକାର କରିଥିବା ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହିତ ରାଜ୍ୟରେ କମ୍ ଉପସ୍ଥାନ ଥିବା ୧୧, ୫୬୦ ପ୍ରାଥମିକ ସ୍କୁଲ୍‌କୁ ବନ୍ଦ କରିବାକୁ ସରକାର ନେଇଥିବା ନିଷ୍ପତ୍ତି ଉପରେ ମଙ୍ଗଳବାର ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବା ସହ ଆସନ୍ତା ୧୫ଦିନ ମଧ୍ୟରେ ରାଜ୍ୟ ସରକାର ଏନେଇ ନିଷ୍ପତ୍ତି ନିଅନ୍ତୁ ବୋଲି ଜଷ୍ଟିସ ବି. ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏପରିକି ସ୍କୁଲ ମିଶ୍ରଣ ସମ୍ପର୍କିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ଏଭଳି ନିଷ୍ପତ୍ତିକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ରାଜ୍ୟ ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ସ୍କୁଲଗୁଡ଼ିକ ଚାଲୁ ରଖିବା ପାଇଁ ସମସ୍ତ ବ୍ୟବସ୍ଥା କରନ୍ତୁ, ନଚେତ୍ ପୂର୍ବ ଘୋଷଣା ଅନୁଯାୟୀ, ବନ୍ଦ ହେଉଥିବା ସ୍କୁଲର ଗାଁରେ ସମସ୍ତ ଗ୍ରାମବାସୀ ତଥା ଅଭିଭାବକଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ମହାସଂଘ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି।

ସୂଚନା ଅନୁସାରେ ରାଜ୍ୟର କେବିକେ ତଥା ଅନ୍ୟ ଯେଉଁ ଜିଲାରେ ସରକାରୀ ସ୍କୁଲରେ ୨୦ଜଣ କିମ୍ବା ତା'ଠାରୁ କମ୍ ପିଲା ପାଠ ପଢ଼ୁଛନ୍ତି, ସେହି ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ କରିବାକୁ ୨୦୨୦ ମାର୍ଚ୍ଚ ୧୧ରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ☞ପୃଷ୍ଠା-୪

# ଭୂତାଣୁଠୁ ଅଧିକ ଲକ୍‌ଡାଉନ୍ ଭୟ

## ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୨ କୋଟି ପାର




**ଘାତକ କୋଭିଡ୍-୧୯ ଭୂତାଣୁ ଲୋକଙ୍କ ଜୀବନ ନେବାରେ ଲାଗିଥିବାବେଳେ ଏହାର ମୁକାବିଲା ପାଇଁ ଲକ୍‌ଡାଉନ୍ ଜାରି କରିବାକୁ ଅନେକ ବିଶେଷଜ୍ଞ ମତ ଦେଉଛନ୍ତି। ଏଭଳି ସମୟରେ ତାଲାବନ୍ଦ କରାଗଲେ ଗତବର୍ଷ ଭଳି ଲୋକଙ୍କ ଜୀବିକା ଉଜୁଡ଼ିବା ସହ ଦେଶର ଆର୍ଥିକ ସ୍ଥିତି ଆହୁରି ଦୋହଲିଯିବା ଆଶଙ୍କା ସୃଷ୍ଟି ହୋଇଛି।**

**ନୂଆଦିଲ୍ଲୀ,୪ା୫:** ଦେଶରେ ଥମୁନାହିଁ କରୋନା ଭାଇରସ୍ ତାଣ୍ଡବ। ପ୍ରତିଦିନ ଲକ୍ଷ ଲକ୍ଷ ନୂଆ ମାମଲା ସାମ୍ନାକୁ ଆସୁଥିବାବେଳେ ମୃତ୍ୟୁସଂଖ୍ୟାରେ ମଧ୍ୟ ରୋକ ଲଗାଯାଇ ପାରୁନାହିଁ। ଭୂତାଣୁ ସଂକ୍ରମଣ ରୋକିବା ଲାଗି କେତେକ ରାଜ୍ୟରେ ଆଂଶିକ, ସପ୍ତାହାନ୍ତ କିମ୍ବା ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଜାରି କରାଯାଇଥିଲେ ସୁଦ୍ଧା ବିଶେଷ ସୁଫଳ ମିଳିନାହିଁ। ଏହାକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ଜାତୀୟ ଲକ୍‌ଡାଉନ୍ ହିଁ ଏକମାତ୍ର ବିକଳ୍ପ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଜାରି ପାଇଁ ଦାବି କରିଛନ୍ତି। ସେହିପରି ଆମେରିକାର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ଆଣ୍ଟୋନି ଫାଉଚି ମଧ୍ୟ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଜାରି କରିବାକୁ ଭାରତକୁ ପରାମର୍ଶ ଦେଇଛନ୍ତି।


ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଲକ୍‌ଡାଉନ୍ ଚାପ ବଢ଼ିବାରେ ଲାଗିଛି। ଗତ ଏପ୍ରିଲ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍‌ଡାଉନ୍‌କୁ ଶେଷ ବିକଳ୍ପ ଭାବେ ଅଭିହିତ କରିଥିଲେ। ଦେଶକୁ ତାଲାବନ୍ଦରୁ ବଞ୍ଚାଇବାକୁ ହେଲେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ଉପରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟଗୁଡ଼ିକୁ ସେ ପରାମର୍ଶ ଦେଇଥିଲେ। ଏବେ ତାଙ୍କ ରାଜନୈତିକ ସହଯୋଗୀଙ୍କଠାରୁ ନେଇ ବିଜନେସ୍ ଲିଡର ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମୁଖ୍ୟ ମେଡିକାଲ୍ ଆଡ୍‌ଭାଇଜର ଆଣ୍ଟୋନି ଫାଉଚିଙ୍କ ପର୍ଯ୍ୟନ୍ତ ସମସ୍ତେ ଭାରତରେ ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍‌କୁ ଏକମାତ୍ର ବିକଳ୍ପ ବୋଲି ମତ ଦେଉଛନ୍ତି। ଗତବର୍ଷ ମାର୍ଚ୍ଚ ୨୫ରେ ପ୍ରଧାନମନ୍ତ୍ରୀ ଲକ୍‌ଡାଉନ୍ ଘୋଷଣା କରିଥିଲେ। ବିନା କୌଣସି ପ୍ରସ୍ତୁତିରେ ହଠାତ୍ ଲକ୍‌ଡାଉନ୍ ଜାରି କରାଯାଇଥିବାରୁ ଦେଶରେ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବାସୀମାନେ ସହରରେ କାମଧନ୍ଦା ହରାଇ ଘରକୁ ଫେରିଥିଲେ। କିଏ ସାଇକେଲରେ ତ କିଏ ଚାଲି ଚାଲି ଶହ ଶହ କି.ମି. ପଥ ଅତିକ୍ରମ କରିବାବେଳର କରୁଣ ଚିତ୍ର ଏବେ ବି ଲୋକଙ୍କ ମନରୁ ଲିଭିନାହିଁ। ଏଥର ମୋଦି ସମାଲୋଚନା ଏଡ଼ାଇବା ପାଇଁ ଚାହୁଁଥିବାବେଳେ ସଦ୍ୟ ଅନୁଷ୍ଠିତ ପଶ୍ଚିମବଙ୍ଗ ନିର୍ବାଚନରେ ଭାଜପା ହାରିଯାଇଛି। ଏପରି କି ଭାଜପା ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ମୋଦିଙ୍କ ପରାମର୍ଶକୁ ଅଣଦେଖା କରି ନିଜ ନିଜ ହିସାବରେ କଟକଣା ଜାରି କରିବାରେ ଲାଗିଛନ୍ତି। ଏଭଳି ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, କରୋନା ସଂକ୍ରମଣ ରୋକିବା ପାଇଁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସହ ସର୍ବନିମ୍ନ ଆୟ ସୁନିଶ୍ଚିତ ଯୋଜନା 'ନ୍ୟାୟ' ହିଁ ଏକମାତ୍ର ଉପାୟ। କାରଣ ଏହାର ମୁକାବିଲା ପାଇଁ ସରକାରଙ୍କ ପାଖରେ କୌଣସି ରଣନୀତି ନାହିଁ। ବିଶ୍ୱର ଅନ୍ୟତମ ପ୍ରମୁଖ ସଂକ୍ରାମକ ରୋଗ ବିଶେଷଜ୍ଞ ଭାବେ ପରିଚିତ ଡକ୍ଟର ଫାଉଚିଙ୍କ ମତରେ ଭାରତରେ ସ୍ଥିତି ଅତି ଗମ୍ଭୀର ହୋଇଯାଇଛି। ତେଣୁ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରାଯିବା ସହ ସମସ୍ତଙ୍କୁ ଟିକା ଦିଆଗଲେ ସ୍ଥିତି ସୁଧୁରିବ। ସେହିପରି ସୁପ୍ରିମକୋର୍ଟ ମଧ୍ୟ ଜାତୀୟ ଲକ୍‌ଡାଉନ୍ ଜାରି ଉପରେ ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ବିହାରରେ କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ପାଟନା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମେ' ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଜାରି କରିଛନ୍ତି। ସେହିପରି କେରଳ ସରକାର ମଧ୍ୟ ମେ' ୯ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ମଙ୍ଗଳବାର ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୩.୫୭ ଲକ୍ଷ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୩,୪୪୯ ଜଣଙ୍କ ମୃତ୍ୟୁ ଘଟିଛି। ଏହାସହ ମୋଟ ସକ୍ରିୟ ମାମଲା ୧୭% ବୃଦ୍ଧି ପାଇ ୩୪,୪୭,୧୧୩ରେ ପହଞ୍ଚିଛି। ଦେଶରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୨,୦୨,୮୨,୮୩୩ ହୋଇଥିବାବେଳେ କୋଭିଡ୍ -୧୯ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୨,୨୨,୪୦୮ ଛୁଇଁଛି। ଅନ୍ୟପକ୍ଷେ ଦିନକ ଭିତରେ ୩,୨୦,୨୮୯ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ୧,୬୬,୧୩,୨୯୨ରେ ପହଞ୍ଚିଛି। ଅଦ୍ୟାବଧି ୧୫,୭୧,୯୮,୨୦୭ ଜଣଙ୍କୁ ଭାକ୍ସିନ ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୪ ଘଣ୍ଟାରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ୭୩.୧୫% ହେଉଛନ୍ତି ୧୦ ରାଜ୍ୟର। ସେହିପରି ୧୨ ରାଜ୍ୟରେ ୮୧% ସକ୍ରିୟ ମାମଲା ରହିଛି।

### ମୋଟ କୋଭିଡ୍-୧୯ ମାମଲା


(ମେ'୪, ୨୦୨୧, ସକାଳ ୮ଟା ସୁଦ୍ଧା)




### ୧୨ ରାଜ୍ୟରେ (ଲକ୍ଷେରୁ ଊର୍ଦ୍ଧ୍ୱ) ୮୧ ପ୍ରତିଶତ ସକ୍ରିୟ ମାମଲା




### ୧୦ ରାଜ୍ୟରେ ମୋଟ ମୃତ୍ୟୁର ୭୩%




## ସଂକ୍ଷେପରେ

### ମେଟ୍ରୋ ଲାଇନ ଖସି ୨୩ ମୃତ



**ମେକ୍ସିକୋ ସିଟି, ୪ା୫:** ମେକ୍ସିକୋ ରାଜଧାନୀରେ ସୋମବାର ଏକ ମେଟ୍ରୋ ଲାଇନକୁ ଉଠାଯାଉଥିବାବେଳେ ତାହା ଖସିପଡ଼ିବାରୁ ୨୩ ଜଣଙ୍କର ମୃତ୍ୟୁ ହେବା ସହ ୭୦ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ସମୟ ରାତି ୧୦ଟା ବେଳେ ଓଲିଭୋସ୍ ଷ୍ଟେଶନରେ ମେଟ୍ରୋ ଲାଇନକୁ ଉଠାଯିବା ସମୟରେ ଏକ ଟ୍ରେନ ଚାଲିଆସିବାରୁ ଏହା ସହ ଧକ୍କା ଖାଇଥିଲା। ଫଳରେ ମେଟ୍ରୋ ଲାଇନ ଖସିପଡ଼ିଥିଲା ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଜରୁରୀ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମେଟ୍ରୋ ଲାଇନ କାମକୁ ବନ୍ଦ କରିଦିଆଯାଇଛି। ଆହତମାନଙ୍କୁ ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମେକ୍ସିକୋ ସିଟି ସବ୍‌ୱେରେ ୧୨ ମେଟ୍ରୋ ଲାଇନ ଦେଇ ଦୈନିକ ଲକ୍ଷ ଲକ୍ଷ ଯାତ୍ରୀ ଯାତାୟାତ କରିଥାନ୍ତି।

### ବିନା ଟିକାରେ ଫ୍ଲାଇଟ୍ ଉଡ଼ାଇବୁନି

**ଏୟାର ଇଣ୍ଡିଆ ପାଇଲଟ୍‌ଙ୍କ ଚେତାବନୀ**

**ନୂଆଦିଲ୍ଲୀ, ୪ା୫:** ଜରୁରିକାଳୀନ ଭିତ୍ତିରେ ଏୟାର ଲାଇନ ପକ୍ଷରୁ ଟିକାକରଣ କରା ନ ଗଲେ ବିମାନ ଉଡ଼ାଣ ପାଇଁ ଏୟାର ଇଣ୍ଡିଆର ପାଇଲଟ୍‌ମାନେ ମନା କରିଛନ୍ତି। ଗତ ବର୍ଷ ବହୁ ସଂଖ୍ୟାରେ କ୍ରିଉ ସଦସ୍ୟ କରୋନାରେ ସଂକ୍ରମିତ ହେବା ଏବଂ ଅନେକଙ୍କ ମୃତ୍ୟୁ ଘଟିବା ପରେ ପାଇଲଟ୍‌ଙ୍କ ପକ୍ଷରୁ ଦାବି କରାଯାଇଛି। ଇଣ୍ଡିଆନ କମର୍ସିଆଲ ପାଇଲଟ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି, କରୋନାରେ କ୍ରିଉ ସଦସ୍ୟମାନେ ସଂଘର୍ଷ କରୁଛନ୍ତି। ବିନା କୌଣସି ସ୍ୱାସ୍ଥ୍ୟ ସୁବିଧା, ଇନ୍ସ୍ୟୁରାନ୍ସରେ ବିମାନ କର୍ମଚାରୀ କାମ କରିବାକୁ ଇଚ୍ଛୁକ ନାହାନ୍ତି। ଯଦି ଏୟାର ଇଣ୍ଡିଆ ପକ୍ଷରୁ ସମସ୍ତ ସଦସ୍ୟଙ୍କ ଟିକାକରଣ କରା ନ ଯାଏ ତେବେ ସେମାନେ କାର୍ଯ୍ୟରୁ ବିରତ ରହିବେ ବୋଲି ଚେତାବନୀ ଦେଇଛନ୍ତି।

### ଏନ୍‌୪୪୦କେ ଭାରିଆଣ୍ଟ ୧୫ଗୁଣ ଅଧିକ ପ୍ରାଣଘାତୀ

**ହାଇଦ୍ରାବାଦ, ୪ା୫:** ବିଭିନ୍ନ ଦେଶରେ ସାର୍ସ-କୋଭ୍-୨ ଭୂତାଣୁର ବିଭିନ୍ନ ଭାରିଆଣ୍ଟ ଦେଖିବାକୁ ମିଳୁଛି। ଭୂତାଣୁର ନୂଆ ରୂପ ଅଧିକ ଭୟଙ୍କର ହେଉଛି। ଭାରତର ଦକ୍ଷିଣ ଭାଗରେ କେତେକ ସ୍ଥାନରେ ଏନ୍‌୪୪୦କେ ଭାରିଆଣ୍ଟ ଚିହ୍ନଟ ହୋଇଛି, ଯାହା ପୂର୍ବ ଭୂତାଣୁ ଅପେକ୍ଷା ୧୫ ଗୁଣ ଅଧିକ ପ୍ରାଣଘାତୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲିକୁଲାର ବାୟୋଲୋଜି (ସିସିଏମ୍‌ବି) ଏହି ନୂଆ ରୂପକୁ ଆବିଷ୍କାର କରିଛି। ଭାରତୀୟ ଭାରିଆଣ୍ଟ ବି୧.୬୧୭ ଏବଂ ବି୧.୬୧୮ ତୁଳନାରେ ଏନ୍‌୪୪୦କେ ଅଧିକ ଶକ୍ତିଶାଳୀ ହୋଇପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ପ୍ରଥମ ଲହର ପରେ ଦକ୍ଷିଣ ଭାରତରେ ଏହି ଏନ୍‌୪୪୦କେ ମ୍ୟୁଟେଶନ ଦେଖାଦେଇଥିଲା।

### ବ୍ରିଟେନରୁ ବେଆଇନ ପ୍ରବାସୀଙ୍କୁ ଫେରାଇ ଆଣିବ ଭାରତ

**ନୂଆଦିଲ୍ଲୀ, ୪ା୫:** ଭାରତ ଓ ବ୍ରିଟେନ ମଧ୍ୟରେ ମଙ୍ଗଳବାର ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ଅନୁଯାୟୀ ସେଠାରେ ବାର୍ଷିକ ୩,୦୦୦ ଯୁବ ଭାରତୀୟ ପେସାଦାରଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହା ବଦଳରେ ବ୍ରିଟେନରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ଭାରତ ଫେରାଇ ଆଣିବ। ଦୁଇ ଦେଶ ଘରୋଇ ସେକ୍ଟରରେ ୧.୩୯ ବିଲିୟନ ଡଲାର ପୁଞ୍ଜିନିବେଶ ସମ୍ପର୍କରେ ଘୋଷଣା କରିବା ପରେ ଦେଶାନ୍ତର ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଚୁକ୍ତିନାମା ଅନୁଯାୟୀ ଯେଉଁ ଭାରତୀୟମାନେ ବିନା କାଗଜପତ୍ରରେ ବ୍ରିଟେନରେ ରହିଛନ୍ତି, ଯେଉଁମାନଙ୍କୁ ସେଠାର ଜାତୀୟତା କିମ୍ବା ରହିବା ପାଇଁ ଅନୁମତି ମିଳିନାହିଁ, ସେମାନଙ୍କୁ ଫେରାଇ ଆଣିବାକୁ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନ୍ୟାୟିକ ମାଧ୍ୟମରେ ଶ୍ରେଷ୍ଠ ଏବଂ ମେଧାବୀ ପେସାଦାରଙ୍କୁ ଆକର୍ଷିତ କରିବା ଚୁକ୍ତିନାମାର ଉଦ୍ଦେଶ୍ୟ ବୋଲି ବ୍ରିଟେନ୍ କହିଛି।

## ଅନ୍‌ଲାଇନ ପାଠପଢ଼ା ହେଉଥିବାରୁ ସ୍କୁଲ୍ ଦେୟ କମାଇବାକୁ ବାଧ

**ନୂଆଦିଲ୍ଲୀ, ୪ା୫**

ମହାମାରୀ ଯୋଗୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା କେବଳ ଅନ୍‌ଲାଇନରେ ପାଠପଢ଼ା ଚାଲିଛି। ଏହାକୁ ନେଇ ସୁପ୍ରିମକୋର୍ଟ କେତେକ ଉଲ୍ଲେଖନୀୟ ମତାମତ ଦେଇଛନ୍ତି, ଯାହା ସ୍କୁଲ୍ କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପାଇଁ ପ୍ରଯୁଜ୍ୟ। ଜଷ୍ଟିସ୍ ଏ.ଏମ୍. ଖନୱିଲକରଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏକ ରାୟରେ କହିଛନ୍ତି, ସ୍କୁଲ୍ ଓ ଶିକ୍ଷାନୁଷ୍ଠାନଗୁଡ଼ିରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ପ୍ରତ୍ୟକ୍ଷ କ୍ଲାସ୍ ହେଉନାହିଁ। କ୍ୟାମ୍ପସ୍ ବନ୍ଦ ରହିଥିବାରୁ ସ୍କୁଲଗୁଡ଼ିକ ପରିଚାଳନା, ବିଦ୍ୟୁତ, ଜେନେରେଟର ଚଳାଇବା ପାଇଁ ପେଟ୍ରୋଲ/ଡିଜେଲ୍, ପାଣି ଖର୍ଚ୍ଚ, ପରିମଳ ଖର୍ଚ୍ଚ କମାଇବା ପାଇଁ ବାଧ। ପିଲାମାନଙ୍କୁ ଯେଉଁ ସୁବିଧା ମିଳୁନାହିଁ, ସେଥିପାଇଁ ଦେୟ ନେବା ଅର୍ଥ ଲାଭଖୋରି ଏବଂ ବ୍ୟବସାୟୀକରଣ ବୋଲି ଖଣ୍ଡପୀଠ କହିଛନ୍ତି। ଉପରୋକ୍ତ ମତାମତ ଦେବା ସହ ସର୍ବୋଚ୍ଚ ଅଦାଲତ ରାଜସ୍ଥାନର ଘରୋଇ ସ୍କୁଲଗୁଡ଼ିକୁ ୨୦୨୦-୨୧ ବର୍ଷ ପାଇଁ ବାର୍ଷିକ ସ୍କୁଲ ଦେୟ ୧୫ ପ୍ରତିଶତ ହ୍ରାସ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ରାଜସ୍ଥାନର ଘରୋଇ ସ୍କୁଲ୍‌ଗୁଡ଼ିକ ୩୦ ପ୍ରତିଶତ ଦେୟ ହ୍ରାସ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ମଧ୍ୟ ଉକ୍ତ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏହା ବିରୋଧରେ କେତେକ ଘରୋଇ ସ୍କୁଲ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

**୧୫% ଫି ହ୍ରାସ ପାଇଁ ରାଜସ୍ଥାନ ଘରୋଇ ସ୍କୁଲ୍‌କୁ ନିର୍ଦ୍ଦେଶ**



## ହଟିଲା କଙ୍ଗନାଙ୍କ ଟୁଇଟର୍ ଆକାଉଣ୍ଟ

**ମମତାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ**



**ନୂଆଦିଲ୍ଲୀ, ୪ା୫:** ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଟୁଇଟ୍ କରିବା ପରେ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଟୁଇଟର ଆକାଉଣ୍ଟକୁ ମଙ୍ଗଳବାର ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯାଇଛି। ବାରମ୍ବାର ଘୃଣା ଓ ଅପମାନଜନକ ମନ୍ତବ୍ୟ ରଖି ଏହି ମାଇକ୍ରୋ ବ୍ଲଗିଂ ସାଇଟ୍‌ର ପଲିସି ଉଲ୍ଲଂଘନ କରିଥିବାରୁ କଙ୍ଗନାଙ୍କ ଆକାଉଣ୍ଟକୁ ସସ୍‌ପେଣ୍ଡ କରାଯାଇଥିବା ଟୁଇଟର ପକ୍ଷରୁ କୁହାଯାଇଛି। କଙ୍ଗନା ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା ଉପରେ ଟୁଇଟ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୦୦ ଦଶକ ଆରମ୍ଭ ଭଳି ନିଜର 'ବିରାଟ ରୂପ' ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ଦେଖାନ୍ତୁ ବୋଲି କଙ୍ଗନା ଏକ ଟୁଇଟରେ କହିଥିଲେ। ମମତା 'ରକ୍ତ ଶୋଷି' 'ରାକ୍ଷସୀ ତାଡ଼କା' ବୋଲି ମଧ୍ୟ ସେ ପୂର୍ବରୁ ଟୁଇଟ୍‌ରେ କରିଥିଲେ। ପ୍ରତିକ୍ରିୟା ରଖି କଙ୍ଗନା କହିଛନ୍ତି, ଆକାଉଣ୍ଟ ହଟାଇ ଟୁଇଟର ଏହା ପ୍ରମାଣ କରିଛି ଯେ ସେମାନେ ଆମେରିକୀୟ ଏବଂ ଗୋରାମାନେ ଅନ୍ୟ ବର୍ଣ୍ଣର ଲୋକଙ୍କୁ ଗୁଲାମ କରି ରଖିବା ସେମାନଙ୍କ ଜନ୍ମଗତ ଅଧିକାର।

# 'ଭାଜପାକୁ ରାଜନୈତିକ ଅମ୍ଳଜାନ ଆବଶ୍ୟକ'

**କୋଲକାତା, ୪ା୫**



ପଶ୍ଚିମବଙ୍ଗ ଜନସାଧାରଣ ଭାଜପାକୁ ପ୍ରତ୍ୟାଖ୍ୟାନ କରିଥିବା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ଭାଜପାକୁ ଏବେ ରାଜନୈତିକ ଅମ୍ଳଜାନ ଆବଶ୍ୟକ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଭାଜପା ହାରିପାରେ ନିର୍ବାଚନ ଫଳାଫଳ ତାହା ପ୍ରମାଣିତ କରିଛି। ଶେଷରେ ଗଣତନ୍ତ୍ରର ବିଜୟ ହୋଇଛି। ରାଜ୍ୟବାସୀ ଭାଜପାକୁ ବାଟ ଦେଖାଇ ଦେଇଛନ୍ତି। ଗଣତନ୍ତ୍ରରେ ତୁମେ ଅହଂକାର ଦେଖାଇବା ଉଚିତ ନୁହେଁ ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି।

ଭାଜପା ସାମ୍ପ୍ରଦାୟିକ ଦଳ, ସେମାନେ ଅନ୍ୟମାନଙ୍କୁ ଅସୁବିଧାରେ ପକାଇଥାନ୍ତି। ସେମାନେ ଜାଲ୍ ଭିଡିଓ ବ୍ୟବହାର କରିବା ସହ କ୍ଷମତାର ଅପବ୍ୟବହାର କରିଥାନ୍ତି। ସେମାନେ କେନ୍ଦ୍ରୀୟ ସଂସ୍ଥାକୁ ନିଜ ଫାଇଦା ପାଇଁ ବ୍ୟବହାର କରିଥାନ୍ତି। ଉକ୍ତ ଦଳ ଭ୍ରାତୃଭାବ ଏବଂ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରିଦେବାକୁ ଚାହାନ୍ତି। ଏଭଳି ଏଜେନ୍ସି ରାଜନୀତିର ଅନ୍ତ ହେଲେ ନରେନ୍ଦ୍ର ମୋଦି-ଅମିତ୍ ଶାହାଙ୍କ ରାଜନୀତି ଯୁଗ ଶେଷ ହେବ। ଏପରିକି ଭାଜପାର ବରିଷ୍ଠ ସଦସ୍ୟମାନେ ମୋଦି-ଶାହାଙ୍କ ରାଜନୈତିକ ଢାଞ୍ଚାକୁ ପ୍ରତ୍ୟାଖ୍ୟାନ କରିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଛନ୍ତି।

### 'କେନ୍ଦ୍ରୀୟ ବଳ ମୁତୟନ ହେଉ'

**ନୂଆଦିଲ୍ଲୀ, ୪ା୫:** ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାକୁ ନିୟନ୍ତ୍ରଣ କରିବାକୁ ହେଲେ ସେଠାରେ କେନ୍ଦ୍ରୀୟ ସଶସ୍ତ୍ର ବଳ ମୁତୟନ ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟରେ ଏକ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଆବେଦନ କରିଛି। ପଶ୍ଚିମବଙ୍ଗରେ ହିଂସା ନିୟନ୍ତ୍ରଣ ସାଙ୍ଗକୁ ଆଇନଶୃଙ୍ଖଳା ବଜାୟ ରଖିବାକୁ ହେଲେ କେନ୍ଦ୍ରୀୟ ବଳ ମୁତୟନ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଇଣ୍ଡିକ୍ କଲେକ୍ଟିଭ୍ ଟ୍ରଷ୍ଟ ଅନୁରୋଧ କରିଛି। ଉକ୍ତ ଟ୍ରଷ୍ଟରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ନାଗରିକ ସ୍ୱାଧୀନତା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ରହିଛନ୍ତି। ମେ'୨ରେ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଘୋଷଣା ପରେ ହିଂସାକାଣ୍ଡ ଆରମ୍ଭ ହୋଇଛି। ବିରୋଧୀ ଦଳର କର୍ମୀ ଓ ସମର୍ଥକମାନଙ୍କୁ ନୃଶଂସ ଭାବେ ହତ୍ୟା କରାଯିବା ସହ ସେମାନଙ୍କ ଘର ଓ ସମ୍ପତ୍ତିକୁ ନଷ୍ଟ କରିଦିଆଯାଉଛି। ରାଜ୍ୟ ସରକାର ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଦୁର୍ବୃତ୍ତମାନେ ରାଜ୍ୟକୁ ସମ୍ପୂର୍ଣ୍ଣ ଆଇନଶୂନ୍ୟ ଜୋନ୍‌ରେ ପରିଣତ କରିଦେଇଥିବା ଟ୍ରଷ୍ଟ ଅଭିଯୋଗ କରିଛି।

## ହିଂସାକୁ ନେଇ ଉଦ୍‌ବେଗ ଜଣାଇଲେ ମୋଦି

**ସିବିଆଇ ତଦନ୍ତ ଲାଗି ସୁପ୍ରିମକୋର୍ଟରେ ଆବେଦନ**



**ନୂଆଦିଲ୍ଲୀ, ୪ା୫**

ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ୧୨ ଜଣଙ୍କ ଜୀବନ ଗଲାଣି। ମାସବ୍ୟାପୀ ନିର୍ବାଚନ ବେଳେ ମଧ୍ୟ ହିଂସାକାଣ୍ଡରେ କେତେଜଣଙ୍କର ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ୍ ଧନଖରଙ୍କୁ ଫୋନ୍ କରି ରାଜନୈତିକ ହିଂସା ଓ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ହିଂସାକାଣ୍ଡକୁ ନେଇ ରିପୋର୍ଟ ମାଗିଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଚିନ୍ତାବ୍ୟକ୍ତ କରିଥିବା ରାଜ୍ୟପାଳ ଟୁଇଟ୍ କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଦଙ୍ଗା, ପୋଡ଼ାଜଳା, ହତ୍ୟା, ଲୁଟ୍‌ପାଟ ଜାରି ରହିଛି। ହିଂସାକାଣ୍ଡର ସିବିଆଇ ତଦନ୍ତ ପାଇଁ ଜଣେ ଭାଜପା ନେତା ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଭାଜପା କର୍ମୀଙ୍କୁ ଆକ୍ରମଣ ଓ ହତ୍ୟା କରାଯିବା ସହ ମହିଳାମାନେ ବଳାତ୍କାରର ଶିକାର ହେଉଥିବା ସେ ପିଟିଶନରେ ଉଲ୍ଲେଖ କରିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକମାନଙ୍କୁ ଶାନ୍ତ ହେବାକୁ ଅନୁରୋଧ କରିବା ସହ ହିଂସା ପାଇଁ ଭାଜପାକୁ ଦାୟୀ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୪୬,୩୦,୨୪୬ | ୩୨,୩୨,୭୬୪ | ୧୩,୨୦,୮୪,୮୭୧ |
| ଭାରତ | ୨,୦୫,୮୧,୪୩୧ | ୨,୨୫,୦୩୭ | ୧,୬୮,୭୫,୩୪୯ |
| ଓଡ଼ିଶା | ୪,୭୯,୭୫୨ | ୨୦୮୮(+୫୩) | ୪,୧୦,୨୨୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଲକ୍‌ଡାଉନ୍‌ରେ 'ମୋ ବସ୍‌'ର ନିୟମିତ ସେବା ବନ୍ଦ

**ଭୁବନେଶ୍ୱର, ୪।୫ (ବ୍ୟୁରୋ) :** କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସରକାର ବୁଧବାରଠାରୁ ସାରା ରାଜ୍ୟକୁ ୧୪ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ସମୟରେ ସମସ୍ତ ଗାଡି, ମୋଟର ବନ୍ଦ ରହିଥିବାବେଳେ ସାଧାରଣ ଯାତ୍ରୀଙ୍କ ପାଇଁ 'ମୋ ବସ୍'ର ନିୟମିତ ସେବା ମଧ ବନ୍ଦ ରହିବ ବୋଲି କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶଟ୍‌ଡାଉନ୍ ସମୟରେ ଯେପରି ଯାତ୍ରୀଙ୍କୁ 'ମୋ ବସ୍' ସେବା ଯୋଗାଉଥିଲା, ଲକ୍‌ଡାଉନରେ ମଧ ସେହିପରି ସେବା ଜାରି ରହିବ। ରେଳ ଷ୍ଟେଶନରୁ କଟକ ଓ ଖୋର୍ଦ୍ଧାକୁ ବସ୍ ଚଳାଚଳ କରିବ। ସେହିପରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ 'ମୋ ବସ୍' ସେବା ମିଳିବ। ତେବେ ମୋ ବସ୍‌ରେ କୌଣସି ଯାତ୍ରୀ ଠିଆହୋଇ ଯାତ୍ରା କରିପାରିବେ ନାହିଁ। ସମସ୍ତ ଯାତ୍ରୀ ମୁହଁରେ ମାସ୍କ ଲଗାଇବା ବାଧତାମୂଳକ ବୋଲି କ୍ରୁଟ୍ କହିଛି।

### ସୀମାନ୍ତରେ ଲ୍ୟାଣ୍ଡମାଇନ୍, ବର୍ତ୍ତିଲେ ଯବାନ

ରାୟପୁର,୪।୫: ମାଲକାନଗିରି ସୀମାନ୍ତ ଛତିଶଗଡ଼ର ମିନାପା ଜଙ୍ଗଲରେ ମଙ୍ଗଳବାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନମାନେ ଏକ ସମ୍ଭାବ୍ୟ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମାଓବାଦୀଙ୍କ ଆଡ୍ଡା କୁହାଯାଉଥିବା ମିନାପା ଜଙ୍ଗଲରେ ବିସ୍ଫୋରକ ସାମଗ୍ରୀ ଥିବା ନେଇ ସିଆର୍‌ପିଏଫ୍‌କୁ ଗୋଇନ୍ଦା ସୂଚନା ମିଳିଥିଲା। ୨୦୬ ବାଟାଲିୟନ୍‌ର ଯବାନମାନେ ସେଠାକୁ ଯାଇ ତନାଘନା ଚଳାଇଥିଲେ। ଯବାନଙ୍କ ସହ ସ୍ୱତନ୍ତ୍ର ବୋମା ନିଷ୍କ୍ରିୟକାରୀ ଦଳ ମେଟାଲ ଡିଟେକ୍ଟର ସାହାଯ୍ୟରେ ୧୦ କେ.ଜି.ର ଲ୍ୟାଣ୍ଡମାଇନ୍‌କୁ ଠାବ କରିବାରେ ସକ୍ଷମ ହୋଇଥିଲେ। ସୁରକ୍ଷା ବଳକୁ ଟାର୍ଗେଟ କରି ଏହି ଶକ୍ତିଶାଳୀ ବିସ୍ଫୋରକ ବିଛାଯାଇଥିବା ସିଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ୪ ମାସ ପୂର୍ବରୁ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ମଧ ମାଓବାଦୀଙ୍କ ପକ୍ଷରୁ ବିଛାଯାଇବା ଲ୍ୟାଣ୍ଡମାଇନ୍‌କୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନମାନେ ନିଷ୍କ୍ରିୟ କରିଥିଲେ।

### ୧ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ: ୩ ଗିରଫ

କୋରାପୁଟ/ଲମତାପୁଟ,୪।୫(ସ୍ୱ.ପ୍ର./ଡି.ଏନ.ଏ.): କୋରାପୁଟ ଜିଲା ମାଛକୁଣ୍ଡ ପୋଲିସ ମଙ୍ଗଳବାର ଏକ ପଣସ ବୋଝେଇ ଟ୍ରକରୁ ପ୍ରାୟ ୧ଟନ୍ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୁଣ୍ଟୁର ଅଞ୍ଚଳର ଭି. ସତ୍ୟ, ଜି. ଶ୍ରୀମନ ନାରାୟନ ଓ ଜି. ଶ୍ରୀଧର। ଜିଲା ଏସ୍‌ପି ଓ ନନ୍ଦପୁର ଏସ୍‌ଡିପିଓଙ୍କ ନିର୍ଦ୍ଦେଶରେ ମାଛକୁଣ୍ଡ, ଜଲାପୁଟ ଓ ଲମତାପୁଟ ପୋଲିସ ଟିକାପୁଟ ଛକ ନିକଟରେ ନାକାବନ୍ଦୀ କରି ଜଗି ରହିଥିଲେ। କିଛି ସମୟ ପରେ ଏହି ପଣସ ବୋଝେଇ ଟ୍ରକ (ଏପି୩୧ଟିଆର-୧୩୧୪)ଟି ଦ୍ରୁତ ଗତିରେ ଆସୁଥିବା ଦେଖି ଜଗି ରହିଥିବା ପୋଲିସ ଟ୍ରକକୁ ଅଟକାଇଥିଲେ। ଏହାକୁ ଯାଞ୍ଚ କରିବା ପରେ ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ହେବ। ଏହି ଗଞ୍ଜେଇ ଜଲାପୁଟରୁ ଆନ୍ଧ୍ରର ଗୁଣ୍ଟୁର ଅଞ୍ଚଳକୁ ଚାଲାଣ ହେଉଥିଲା। ମାଛକୁଣ୍ଡ ଆଇଆଇସି ପ୍ରଫୁଲ୍ଲ କୁମାର ଲାକ୍ରା,ଏସ୍‌ଆଇ ଡମ୍ବରୁ ବାଡ୍ରିଆ, ଲମତାପୁଟ ଫାଣ୍ଡି ଅଧିକାରୀ ଦିଲୀପ କୁମାର ପ୍ରଧାନ, ଜଲାପୁଟ ଫାଣ୍ଡି ଅଧିକାରୀ ମହେଶ କ୍ରିଷାନିଙ୍କ ସମେତ କର୍ମଚାରୀମାନେ ଚଢାଉରେ ସାମିଲ ହୋଇଥିଲେ।



ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ବର୍ଷାର ଦୃଶ୍ୟ।

# ଆହୁରି ୪ ଦିନ ଝଡ଼ବର୍ଷା

**ବର୍ଷା କମାଇଲା ତାତି**

ଭୁବନେଶ୍ୱର,୪।୫(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ନାହିଁ। ଗତ କିଛିଦିନ ହେବ ଲାଗିରହିଥିବା ଝଡ଼ବର୍ଷା ତାତି କମାଇ ଦେଇଛି। ପାରଦ ତଳମୁହାଁ ରହିଛି। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ସବୁଠି ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ବାଲେଶ୍ୱରରେ ସର୍ବାଧିକ ୨୬.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୨୨.୮, ପାରାଦୀପ ୩୫.୭, ଅନୁଗୋଳ ୧୧, ସମ୍ବଲପୁର ୨.୨, ସୁନ୍ଦରଗଡ଼ ୪, ହୀରାକୁଦ ୧୧.୮, ଭୁବନେଶ୍ୱର ୫.୨, ଦାରିଙ୍ଗବାଡି ୨, ସୋନପୁର ୨.୬, ତାଳଚେରରେ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୬ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଦେବଗଡ଼, କୋରାପୁଟ, ରାୟଗଡ଼ା, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ୭ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ସେହିପରି ୮ ତାରିଖରେ କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ନୟାଗଡ଼, ବୌଦ୍ଧ, କଟକ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

## 'ମନୋଜଙ୍କ ନାମରେ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର'

**ଘୋଷଣା କଲେ ରାଜ୍ୟ ସରକାର**
- ହାଇସ୍କୁଲସ୍ତରରେ ଦିଆଯିବ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ'
- ସ୍ୱର୍ଗତ ମନୋଜ, ବଡ଼ଭାଇ ମନ୍ମଥଙ୍କ ନାମରେ ପ୍ରତିଷ୍ଠା ହେବ ସ୍ମାରକୀ ଲାଇବ୍ରେରି

ଭୁବନେଶ୍ୱର, ୪।୫(ବ୍ୟୁରୋ)

ଓଡ଼ିଆ ସାହିତ୍ୟର ଅନ୍ୟତମ ଅସାଧାରଣ ସ୍ରଷ୍ଟା, ଭାରତୀୟ ଇଂଲିଶ ସାହିତ୍ୟର ପ୍ରଥିତଯଶା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ମନୋଜ ଦାସଙ୍କ ସ୍ମୃତିରେ ରାଜ୍ୟ ସରକାର 'ମନୋଜ ଦାସ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର' ପ୍ରଦାନ କରିବେ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଇଂଲିଶ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡ଼ିଆ ସାହିତ୍ୟିକଙ୍କୁ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯିବ। ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ମିଳିବ। ସେହିପରି ଯୁବପିଢ଼ିଙ୍କ ମଧ୍ୟରେ ଇଂଲିଶ ଓ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଉଭୟ ବିଭାଗରେ ମୌଳିକ ରଚନା ପାଇଁ ପ୍ରତିବର୍ଷ ହାଇସ୍କୁଲସ୍ତରରେ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ' ଦିଆଯିବ। ଓଡ଼ିଆ ଓ ଇଂରାଜୀ ଭାଷା ଲାଗି ପୃଥକ୍ ପୁରସ୍କାର ଦିଆଯିବ। ପୁରସ୍କାର ବାବଦକୁ ସରକାର ଏକ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମନୋଜ ଦାସଙ୍କ ପରିବାର ସଦସ୍ୟଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସରକାର ବାଲେଶ୍ୱର ଜିଲା ଶଙ୍ଖାରି ଗ୍ରାମରେ ଥିବା ତାଙ୍କ ପୈତୃକ ବାସଭବନକୁ ନିଜ ହାତକୁ ନେବାକୁ ସ୍ଥିର କରିଛନ୍ତି। ଉକ୍ତ ସ୍ଥାନକୁ ମନୋଜ ଦାସ ଏବଂ ତାଙ୍କ ବଡ଼ଭାଇ ତଥା ଖ୍ୟାତନାମା ଐତିହାସିକ ପ୍ରଫେସର ମନ୍ମଥ ଦାସଙ୍କ ନାମରେ 'ମନ୍ମଥ-ମନୋଜ ସ୍ମାରକୀ' ଭାବେ ଘୋଷଣା କରାଯିବ। ଉଭୟଙ୍କ ଦ୍ୱାରା ରଚିତ ଇତିହାସ ଏବଂ ସାହିତ୍ୟକୃତି ସମ୍ପର୍କିତ ପୁସ୍ତକକୁ ଏକାଠି କରି ଲାଇବ୍ରେରିର ରୂପ ଦିଆଯିବ। ମନୋଜ ଦାସଙ୍କ ସ୍ମୃତିରେ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ କୋଣାର୍କ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୭ ବିଳମ୍ବିତ ସନ୍ଧ୍ୟାରେ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ୮୭ ବର୍ଷ ବୟସରେ ମନୋଜ ଦାସଙ୍କ ମହାପ୍ରୟାଣ ଘଟିଥିଲା। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକବ୍ୟକ୍ତ କରିବା ସହ ସ୍ମୃତି ରକ୍ଷା ସମ୍ପର୍କରେ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ।

## ଆଜିଠୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଗ୍ରୀଷ୍ମଛୁଟି

ଭୁବନେଶ୍ୱର, ୪।୫(ବ୍ୟୁରୋ)

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଗ୍ରୀଷ୍ମଛୁଟି ଘୋଷଣା କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଆଜିଠାରୁ ଅର୍ଥାତ୍ ମେ' ୫ରୁ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜକୁ ଚିଠି ଲେଖି ଜଣାଇଛନ୍ତି। ତେବେ ଏହି ଗ୍ରୀଷ୍ମଛୁଟି ସମୟରେ କୌଣସି ଅନ୍‌ଲାଇନ୍ କ୍ଲାସ୍ କିମ୍ବା ପରୀକ୍ଷା କରାଯିବ ନାହିଁ ବୋଲି ସ୍ପଷ୍ଟ ମନା କରାଯାଇଛି। କିନ୍ତୁ ପିଏଚ୍‌ଡି ଓ ଅନ୍ୟ ରିସର୍ଚ୍ଚ ସ୍କଲାରଙ୍କ ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସାକ୍ଷାତ୍‌କାରଗୁଡ଼ିକ କରାଯାଇପାରିବ। ଏହି ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅଫିସ କାର୍ଯ୍ୟ ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ସଚିବ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାରଠାରୁ ମଧ ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ୍ ଆରମ୍ଭ ହେଉଛି।

## ଏଏସ୍‌ଆଇ, କନଷ୍ଟେବଲ ନିଲମ୍ବିତ

**ଗୋଳନ୍ଥରା ଥାନାରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଘଟଣା**

ଗୋପାଳପୁର,୪।୫

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପରିସରରେ ସୋମବାର ରାତିରେ ଜଣେ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା କରିଥିବାରୁ ଥାନା ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ ଓ କନଷ୍ଟେବଲ ଡିପି ଜେନାଙ୍କୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ମଙ୍ଗଳବାର ନିଲମ୍ବିତ କରିଛନ୍ତି। ସେହିପରି ଥାନା ଅଧିକାରୀ ବାବୁଲି ନାୟକଙ୍କୁ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ଗୋଳନ୍ଥରା ଥାନା ଦାୟିତ୍ୱ ଦିଆଯାଇଛି।

ପ୍ରକାଶ ଯେ, ସୋମବାର ଅପରାହ୍ଣରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁରର ଗଣେଶ ଡାକୁଆ ଗାଁରେ ଗଣ୍ଡଗୋଳ କରିଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଗଣେଶଙ୍କୁ କାବୁ କରି ଥାନାକୁ ନେଇ ଶିଶୁ ଓ ମହିଳା ଅଭ୍ୟର୍ଥନା କକ୍ଷରେ ରଖି ପଚରାଉଚୁରା କରିଥିଲା। ରାତି ପ୍ରାୟ ୮ଟାରେ ପୋଲିସ କର୍ମଚାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗଣେଶ ପିନ୍ଧିଥିବା ବେଲ୍ଟକୁ ବେକରେ ବାନ୍ଧି ଝରକାରେ ଝୁଲି ପଡ଼ିଥିଲେ। ଏହା ଦେଖି ଦାୟିତ୍ୱରେ ଥିବା ସେଣ୍ଟ୍ରି ଗଣେଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଏହି ସମ୍ବେଦନଶୀଳ ଘଟଣା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାତିରେ ମାଜିଷ୍ଟ୍ରେଟ, ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମଙ୍ଗଳବାର ସକାଳେ ପୋଲିସ ଗଣେଶଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିଥିଲା। ଏନେଇ ବୈଦ୍ୟନାଥପୁର ଥାନାରେ ନଂ.୨୨୫/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଭାର ମୁଖ୍ୟାଳୟରେ ଥିବା ଡିଏସ୍‌ପି ପ୍ରକାଶ ଚନ୍ଦ୍ର ଜେନାଙ୍କୁ ପ୍ରଦାନ କରାଯାଇଛି। ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ଗୋଳନ୍ଥରା ଥାନାକୁ ଯାଇ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଗଣେଶଙ୍କ ଆତ୍ମହତ୍ୟା ଘଟଣାରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କ ରିପୋର୍ଟକୁ ଆଧାର କରି ଅବହେଳା କରିଥିବା ପୋଲିସ ଏଏସ୍‌ଆଇ ଓ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ତେବେ ଘଟଣାର ଠିକ୍ ତଦନ୍ତ କରାଗଲେ ଗଣେଶ ଆତ୍ମହତ୍ୟା କରିଛନ୍ତି ନା ମାରି ଦିଆଯାଇଛି ତାହା ସ୍ପଷ୍ଟ ହୋଇପାରିବ।

## ମୁଖ୍ୟ ବିଚାରପତିଙ୍କ ଦ୍ୱାରା ବିଭିନ୍ନ ଜିଲାର କୋର୍ଟ ଉଦ୍‌ଘାଟିତ




ଭିଡିଓ କନ୍‌ଫରେନ୍ସରେ ବିଭିନ୍ନ ଜିଲାର କୋର୍ଟ ଉଦ୍‌ଘାଟନ କରାଯାଉଛି।

କଟକ ଅଫିସ/ ଭୁବନେଶ୍ୱର, ୪।୫ (ବ୍ୟୁରୋ)

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ.ଏସ୍. ମୁରଲୀଧର ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ ସ୍ଥାପିତ ଲିଭ୍ ରିଜର୍ଭ ଆଣ୍ଡ୍ ଲିଭ୍ ଟ୍ରେନିଂ ଭାକାନ୍ସି କୋର୍ଟ ସମେତ ଅନ୍ୟ କେତେକ କୋର୍ଟକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେଗୁଡିକ ହେଲା ନୟାଗଡ଼ ଜିଲାର ନୟାଗଡ଼ଠାରେ ଲିଭ୍ ରିଜର୍ଭ ଓ ଲିଭ୍ ଟ୍ରେନିଂ ଭାକାନ୍ସି ସିନିୟର ସିଭିଲ ଜଜ୍ କୋର୍ଟ, କୋରାପୁଟ ଜିଲାର ଜୟପୁରସ୍ଥିତ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ (ମହିଳା କୋର୍ଟ), ରାୟଗଡା ଜିଲାର ରାୟଗଡାସ୍ଥିତ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ (ମହିଳା କୋର୍ଟ), କେନ୍ଦୁଝର ଜିଲାର ବଡବିଲଠାରେ ୨ୟ ମାଜିଷ୍ଟ୍ରେଟ୍ (ଫାଷ୍ଟ କ୍ଲାସ୍) କୋର୍ଟ, କଳାହାଣ୍ଡି ଜିଲାର ଭବାନୀପାଟଣା ଓ ଝାରସୁଗୁଡ଼ାସ୍ଥିତ ସିନିୟର ସିଭିଲ ଜଜ୍ କୋର୍ଟ ପରିସରରେ ଲିଭ୍ ରିଜର୍ଭ ଓ ଲିଭ୍ ଟ୍ରେନିଂ ଭାକାନ୍ସି କୋର୍ଟ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ, ଜଷ୍ଟିସ୍ କେ.ଆର୍.ମହାପାତ୍ର, ଜଷ୍ଟିସ୍ ବି.ପି.ରାଉତରାୟ, ଜଷ୍ଟିସ୍ ଏସ୍. କେ. ପାଣିଗ୍ରାହୀ, ଜଷ୍ଟିସ୍ ସାବିତ୍ରୀ ରଥଙ୍କ ସମେତ ବହୁ ବିଚାରପତି ଭିଡିଓ କନ୍‌ଫରେନ୍ସରେ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀଙ୍କ ନୂଆ ବାସଭବନ ନିର୍ମାଣ ବଦଳରେ କରୋନା କବଳରୁ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ଉପଲବ୍ଧ ସମ୍ବଳ ଖର୍ଚ୍ଚ କରିବା ଜରୁରୀ।
– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ରମାକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗଡ଼ ବଗଡ଼ ଖାଏ ଯେ**
**ଶଗଡ଼ ପରି ହୁଏ ସେ।**

ଯିଏ ମୋଟା ରୋଟା ଖାଦ୍ୟ ଖାଏ, ସେ ବହୁ ବଳୁଆ ହେବାର ଦେଖାଯାଏ। ଏପରି ଖାଦ୍ୟ ଖାଉଥିବା ବ୍ୟକ୍ତି ଶଗଡ଼ ଭଳି ବୋଝ ବୋହିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଟେଣ୍ଟା ମାଇପ ଖେଣ୍ଟା**
**ମଠୁଆ ହଳଟି ଯାହାର**
**ଯମ ଘରଠେଇ କି ଦଶା ପାଇବ**
**ନିତି ମୁରୁଡୁ ତାହାର।**

ଅଳପ ଟଙ୍କା ପଇସା ବ୍ୟକ୍ତିକୁ ଅକଳରେ ପକେଇ ଦେଇଥାଏ। ସବୁ କ୍ଷେତ୍ରରେ ସେ ନାଚାର ହୋଇଯାଇଥାଏ। ଖେଣ୍ଟେଇକରି କଥା କହୁଥିବା ଘରଣୀ ମୁଣ୍ଡବ୍ୟଥାର କାରଣ ପାଲଟିଥାଏ। ଏପରି ସ୍ତ୍ରୀ ଥିଲେ ଘରେ ଅଶାନ୍ତି ହେବା ସୁନିଶ୍ଚିତ। ସେହିପରି ମଠୁଆ ହଳ ଚାଷବାସ କରିବାରେ ଅନ୍ତରାୟ ସୃଷ୍ଟି କରିବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସୀମା ଜଗ, ପୋଲିସ ମୁତୟନ କର

## ୬ ଜିଲାପାଳଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

**କୋଭିଡ୍-୧୯ ମୁକାବିଲା**

- ଆନ୍ଧ୍ର, ତେଲଙ୍ଗାନାରୁ ଆସିଲେ ୧୪ ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ
- ଟିକା ନେଇଥିଲେ ୭ ଦିନ ହୋମ୍ କ୍ୱାରାଣ୍ଟାଇନ

ଭୁବନେଶ୍ୱର,୪।୫(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାର ଅଧିକ ସତର୍କତା ଅବଲମ୍ବନ କରିଛନ୍ତି। ଲକ୍‌ଡାଉନ ସମୟରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଲାଗିଥିବା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ୬ଟି ସୀମାନ୍ତବର୍ତ୍ତୀ ଜିଲାରେ ବର୍ଡର ଚେକ୍ ପୋଷ୍ଟ(ବିସିପି) କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା ମଙ୍ଗଳବାର ଏ ନେଇ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଚେକ୍‌ପୋଷ୍ଟ ନିକଟରେ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତୟନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ଧ୍ର କିମ୍ବା ତେଲଙ୍ଗାନାରୁ ଯଦି କେହି ଓଡ଼ିଶା ଆସୁଥିବେ ତେବେ ସେମାନଙ୍କୁ ୧୪ ଦିନିଆ ବାଧ୍ୟତାମୂଳକ କ୍ୱାରାଣ୍ଟାଇନରେ ରଖାଯିବ। ଜିଲା ପ୍ରଶାସନ ଗାଇଡ୍‌ଲାଇନ ଅନୁଯାୟୀ ଅସ୍ଥାୟୀ ମେଡିକାଲ ସେଣ୍ଟର(ଟିଏମ୍‌ସି)ରେ ସମସ୍ତ ସୁବିଧା ଯୋଗାଇ ଦେବାକୁ କୁହାଯାଇଛି। ଆନ୍ଧ୍ର କିମ୍ବା ତେଲଙ୍ଗାନାରୁ କୌଣସି ବ୍ୟକ୍ତି ଯଦି ଓଡ଼ିଶା ଦେଇ ଅନ୍ୟ ରାଜ୍ୟକୁ ଯାଉଥିବେ ସେମାନଙ୍କୁ ନ ଅଟକାଇବାକୁ କୁହାଯାଇଛି। ଆନ୍ଧ୍ର ଓ ତେଲଙ୍ଗାନାରୁ ଆସିଥିବା କୌଣସି ବ୍ୟକ୍ତି ଯଦି କ୍ୱାରାଣ୍ଟାଇନରେ ରହି ନ ଥିବେ ସେ ସମ୍ପର୍କରେ ସରପଞ୍ଚ, ୱାର୍ଡମେମ୍ବର, ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିନିଧି, ସ୍ୱେଚ୍ଛାସେବୀମାନେ ବିଡିଓ, ଥାନା କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇବା ସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ଉକ୍ତ ଦୁଇ ରାଜ୍ୟରୁ ଭୁବନେଶ୍ୱର କିମ୍ବା ଝାରସୁଗୁଡ଼ା ବିମାନବନ୍ଦର ଦେଇ ଓଡ଼ିଶା ଆସୁଥିବା ସମସ୍ତ ଯାତ୍ରୀ ୧୪ ଦିନିଆ ଦେୟଯୁକ୍ତ କିମ୍ବା ସରକାରୀ କ୍ୱାରାଣ୍ଟାଇନରେ ରହିବେ। ଯେଉଁ ବ୍ୟକ୍ତି ୪୮ ଘଣ୍ଟା ମଧ୍ୟରେ ଦୁଇଟି ଟିକା ନେଇଥିବା ସାର୍ଟିଫିକେଟ ଦେଖାଇବେ ସେମାନଙ୍କୁ ୭ ଦିନ ଲାଗି ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ। ଯେଉଁମାନେ ସରକାରୀ ଜରୁରୀ କାମରେ ଓଡ଼ିଶାକୁ ଆସୁଛନ୍ତି ସେମାନଙ୍କୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଆରସି ଚେତାବନୀ ଦେଇଛନ୍ତି।


## classifieds Everyday
0674-2580101, 2549302




**BRIDE WANTED**

Brahmin boy 1992, M.Tech NIT , MBA IIM Software Engineer. 9040877205. D-20612

Require a beautiful Karan B.Tech bride for NIT Groom working in a MNC at Noida, call- 9437177313. D-20660

**GROOM WANTED**

Beautiful Karan girl 1989, 5'5" M.Tech serving Manager Nationalised Bank "Sunasansar". 9937512659, 8249969649. D-20608




**SALE**

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.-220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70449




Independent spacious renovated well ventilated ground floor 2BHK with study and utility at plot No.- VM-06 VSS Nagar near Hotel Management Prabhujee and St.Xavier. Contact: 9437206362. D-69396




Ayurvedic full body massage by experienced (M/F) therapist. 8018656899, 7008773793. D-59989

Newly open Spa Offer @599/-, positively health benefits, Jaydevbihar. 7846814019. D-59990

New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**




(ମାହି)
**ସାଇ ରୁପମ ନାୟକ**
ନାୟକ ଭବନ, ବାଙ୍କୁଆଳ, ଭୁବନେଶ୍ୱର
ମା' ଖଣ୍ଡୁଆଳ ତୋ' ଚଲାପଥକୁ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଠାକୁର ମାଆ, ସବୁ ଜେଜେବାପା, ଜେଜେମାଆ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ନାନା, ପିଉସା, ପିଉସୀ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଶୁଭମ୍, ସ୍ନେହା, ଆଶୁ, ଆରାଧ୍ୟା।
ଧ-୭୦୬୨୪


ପ୍ରଥମ ପୃଷ୍ଠାରୁ...

## ଅକ୍ସିଜେନ ଭଳି ତୁମେ...

ଦାଖଲର ଯଥାର୍ଥତା କ'ଣ? ମେ' ୧ରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ କେନ୍ଦ୍ର ମାନିନାହାଁ। କେନ୍ଦ୍ର ସରକାର ଓଟପକ୍ଷୀ ଭଳି ବାଲିରେ ମୁଣ୍ଡ ଲୁଚାଇ ରହିପାରିବେ। କିନ୍ତୁ ଆମେ ସେପରି କରିପାରିବୁ ନାହିଁ। କେନ୍ଦ୍ର ସରକାର ଦିଲ୍ଲୀର ଏକ ଅଂଶ ଏବଂ ସହରର ସ୍ଥିତି ନିଜେ ଦେଖୁଛନ୍ତି। ସରକାର କଠୋର ବାସ୍ତବ ଜୀବନରୁ ଅପସରି ନିଭୃତ କକ୍ଷରେ ରହୁଛନ୍ତି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ଦୈନିକ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇନାହାନ୍ତି ବୋଲି କେନ୍ଦ୍ର ବାଢୁଥିବା ଯୁକ୍ତି ସହ ଆମେ ସହମତ ନୋହୁଁ। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଥିଲେ, ଦିଲ୍ଲୀରେ ଅକ୍ସିଜେନ ସଙ୍କଟ ଦୂର କରିବା ଲାଗି ଦୈନିକ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ କେନ୍ଦ୍ର ଯୋଗାଇବା ଜରୁରୀ। ଏବେ ଆମେ ମଧ୍ୟ ସମାନ ନିର୍ଦ୍ଦେଶ ଦେଉଛୁ। କେନ୍ଦ୍ର ସରକାର ଯେକୌଣସି ପ୍ରକାରେ ୭୦୦ ମେଟ୍ରିକ୍ ଟନ୍ ଅମ୍ଳଜାନ ଯୋଗାଇଦିଅନ୍ତୁ। ବାହାନା ଚଳିବ ନାହିଁ। ଆମେ ଅନ୍ୟ କିଛି ଶୁଣିବାକୁ ପ୍ରସ୍ତୁତ ନାହୁଁ। ଅକ୍ସିଜେନ ଯୋଗାଇବାରେ ବିଫଳ ହେଲେ ଅବମାନନା ହିଁ ଶେଷ ବିକଳ୍ପ ବୋଲି ଆମେ ପୂର୍ବରୁ ସତର୍କ କରାଇଥିଲୁ। ଆମକୁ ଚରମ ନିଷ୍ପତ୍ତି ନେବା ପାଇଁ ବାଧ କରନ୍ତୁ ନାହିଁ। ବହୁତ ହୋଇଗଲା। ଆଉ ବରଦାସ୍ତ କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମାଙ୍କୁ ଖଣ୍ଡପୀଠ ଚେତାବନୀ ଦେଇଛନ୍ତି। ଦିଲ୍ଲୀରେ ଅକ୍ସିଜେନ ସଙ୍କଟକୁ ନେଇ ୫ ଘଣ୍ଟା ଧରି ଚାଲିଥିବା ଶୁଣାଣି ବେଳେ ଖଣ୍ଡପୀଠ ଏଭଳି ଭାବେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଅଦାଲତଙ୍କ ନିର୍ଦ୍ଦେଶର ଅନୁପାଳନ କରି ନ ଥିବାରୁ ଅବମାନନା ମାମଲା କାହିଁକି ରୁଜୁ ହେବ ନାହିଁ ସେନେଇ କେନ୍ଦ୍ର ସରକାର ଜବାବ ଦାଖଲ କରନ୍ତୁ। ବୁଧବାର ଅଦାଲତରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ପୀୟୂଷ ଗୋୟଲ(ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ) ଓ ସୁମିତ୍ରା ଡବ୍ରା(ଶିଳ୍ପ ବିଭାଗ ଅତିରିକ୍ତ ସଚିବ)ଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## 'ରାତ୍ର କର୍ଫ୍ୟୁ, ସପ୍ତାହାନ୍ତ...

ଲୋକମାନଙ୍କ ମଧ୍ୟରେ ଦୂରତା ବଜାୟ ରଖିବା ଜରୁରୀ ବୋଲି ଡ. ଗୁଲେରିଆ କହିଛନ୍ତି। କୋଭିଡ୍‌ର ପ୍ରଥମ ଲହରରେ ବରିଷ୍ଠ ନାଗରିକ ଅଧିକ ଆକ୍ରାନ୍ତ ହେଉଥିଲେ। ଦ୍ୱିତୀୟ ଲହରରେ ଯୁବବର୍ଗ ସଂକ୍ରମିତ ହେଲେ। ଆଗାମୀ ସେପ୍ଟେମ୍ବର ବେଳକୁ ଆସିବାକୁ ଥିବା ତୃତୀୟ ଲହର ଶିଶୁମାନଙ୍କ ପାଇଁ ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେଥିପାଇଁ ଶିଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ଶିଶୁରୋଗ ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଟିକା ନେଇ ନ ଥିବା ୧୮ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ତୃତୀୟ ଲହର ଅଧିକ ଗୁରୁତର ସ୍ଥିତି ସୃଷ୍ଟି କରିବ ବୋଲି ସେମାନେ ଚେତାଇ ଦେଇଛନ୍ତି। ସବୁଠୁ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରର ମୁମ୍ବାଇ ଏବଂ ପୁଣେରେ ଅନେକ କମ୍ ବୟସ୍କ କୋଭିଡରେ ସଂକ୍ରମିତ ହେଲେଣି। ଏହାକୁ ରୋକିବାକୁ ହେଲେ ଶିଶୁମାନଙ୍କୁ ଟିକା ଦିଆଯିବା ଜରୁରୀ ବୋଲି ଜିଏମ୍‌ସିଏଚ୍‌ର ଶିଶୁ ରୋଗ ବିଭାଗ ମୁଖ୍ୟ ଡ. ଦୀପ୍ତି ଜୈନ କହିଛନ୍ତି। ମୁମ୍ବାଇରେ ଇତିମଧ୍ୟରେ ତୃତୀୟ ଲହରର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେଠାରେ ପେଡିଆଟ୍ରିକ୍ କୋଭିଡ୍ କେୟାର ସେଣ୍ଟର ଖୋଲିବା ସାଙ୍ଗକୁ ସେଥିରେ ଅକ୍ସିଜେନ୍ ବେଡ୍ ଏବଂ ଆଇସିୟୁ ବେଡ୍ ବ୍ୟବସ୍ଥା ହେବାକୁ ଯାଉଛି। ଏଥିସହିତ ମୁମ୍ବାଇରେ ଏକ କ୍ରେଚ୍ ନେଟୱର୍କ ପାଇଁ ରାଜ୍ୟ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ସେ ବୃହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଅତିରିକ୍ତ ମ୍ୟୁନିସିପାଲ କମିଶନରଙ୍କୁ ଭେଟି ଆଲୋଚନା କରିଛନ୍ତି।

## ଆଜିଠୁ ରାଜ୍ୟରେ...

ଯାଇପାରିବେ। ଏଥିସହିତ ଲୋକମାନେ ସରକାରୀ କିମ୍ବା ଘରୋଇ କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ। ଲକ୍‌ଡାଉନ ସମୟରେ ବସ୍ ସେବା ବନ୍ଦ ରହିବ। ମେଡିକାଲ କାରଣ ବ୍ୟତୀତ ଅନ୍ୟ କୌଣସି ବାହାନା ଦେଖାଇ ଲୋକମାନେ ଅନ୍ୟ ରାଜ୍ୟକୁ ଯାଇପାରିବେ ନାହିଁ। ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସମସ୍ତ ପ୍ରକାର ବ୍ୟବସାୟିକ ମେଳା, ବୈଠକ ଆଦି ଉପରେ କଟକଣା ଜାରି କରାଯାଇଛି। ସମସ୍ତ ସିନେମା ହଲ୍, ମଲ୍, ମାର୍କେଟ କମ୍ପ୍ଲେକ୍ସ, ଜିମ୍ନାସିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ଥିଏଟର, ପାର୍କ, ବାର୍, ଅଡିଟୋରିୟମ୍, ମିନାବଜାର ଇତ୍ୟାଦି ବନ୍ଦ ରହିବ। ସେହିପରି ଯାତ୍ରା, ଖୋଲା ମଞ୍ଚ ଉପରେ କଟକଣା ଜାରି କରାଯାଇଛି। ସମସ୍ତ ସେଲୁନ, ବିୟୁଟି ପାର୍ଲର, ସ୍ପା ଇତ୍ୟାଦି ବନ୍ଦ ରହିବ। ସମସ୍ତ ପ୍ରକାର ସାମାଜିକ, ଧାର୍ମିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକଳାପ ବନ୍ଦ ରହିବ। ବିବାହ ପାଇଁ ୫୦ ଜଣ ଓ ଶୁଦ୍ଧିକାର୍ଯ୍ୟ ପାଇଁ ୨୦ ଜଣଙ୍କୁ ଅନୁମତି ଦିଆଯାଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଛି।

ତେବେ ଲକ୍‌ଡାଉନ ସମୟରେ ହସ୍ପିଟାଲ, କ୍ଲିନିକ, ଟେଲି ମେଡିସିନ, ସମସ୍ତ ପ୍ରକାର ଔଷଧ ଦୋକାନ, ମେଡିକାଲ ଉପକରଣ ଦୋକାନ, ମେଡିକାଲ ଲାବୋରେଟୋରି, କଲେକ୍ସନ ସେଣ୍ଟର ଖୋଲା ରହିବ। ଔଷଧ ପ୍ରସ୍ତୁତ ୟୁନିଟ୍, ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଚାଲୁରହିବ। ବ୍ୟାଙ୍କ, ଏଟିଏମ୍ କାଉଣ୍ଟର ଖୋଲାରହିବ। ତେଜରାତି, ଦୁଗ୍ଧ, ପନିପରିବା, ମାଛ, ମାଂସ ଦୋକାନ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ଦୈନିକ ଓ ସାପ୍ତାହିକ ହାଟ ବନ୍ଦ ରହିବ। ରେଷ୍ଟୁରାଣ୍ଟ ଓ ଢାବାଗୁଡିକରେ କେବଳ ପାର୍ସଲ ବ୍ୟବସ୍ଥା ରହିବ। ହୋମ୍ ଡେଲିଭରି, ଇଣ୍ଟରନେଟ୍, ଟେଲି କମ୍ୟୁନିକେଶନ, ଇଲେକ୍ଟ୍ରୋନିକ୍, ଛାପା ଗଣମାଧ୍ୟମକୁ ଅନୁମତି ପ୍ରଦାନ କରାଯାଇଛି। ଗ୍ୟାରେଜ, ଯାନବାହନ ମରାମତି ଦୋକାନ ଖୋଲା ରହିବ। ସମସ୍ତ ପ୍ରକାର କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଜାରି ରହିବ।

## ଜେଇଇ ମେନ୍...

ପରୀକ୍ଷାକୁ ପ୍ରଥମେ ସ୍ଥଗିତ ରଖାଯାଇଥିଲା। ସେହିପରି ମେ' ୨୪ରୁ ୨୮ ପର୍ଯ୍ୟନ୍ତ ଜେଇଇ ମେନ୍‌ର ଶେଷ ସେସନ ଅନୁଷ୍ଠିତ ହେବାର ଥିଲା। ଏପରିକି ପଞ୍ଜୀକରଣ ମଧ୍ୟ ଆରମ୍ଭ ହୋଇ ନ ଥିଲା। ଏବେ ପରୀକ୍ଷା ସ୍ଥଗିତ ରହିଥିବାରୁ ପରେ ପଞ୍ଜୀକରଣ ତାରିଖ ଘୋଷଣା କରାଯିବ ବୋଲି ଏନ୍‌ଟିଏ କହିବା ସହ ପରୀକ୍ଷାର୍ଥୀଙ୍କୁ କେତେକ ପରାମର୍ଶ ଦେଇଛି। ପରୀକ୍ଷା ସ୍ଥଗିତ ରହିଥିବାରୁ ଉତ୍ତମ ପ୍ରସ୍ତୁତି ପାଇଁ ଛାତ୍ରୀଛାତ୍ରମାନେ ଅଧିକ ସମୟ ପାଇବେ। ଘରେ ଏନ୍‌ଟିଏ ଅଭ୍ୟାସ ଆପ୍ ସହିତ ମକ୍ ଟେଷ୍ଟ ଅଭ୍ୟାସ କରିବା ପାଇଁ କୁହାଯାଇଛି। ଅଧିକ ତଥ୍ୟ ପାଇଁ ଛାତ୍ରୀଛାତ୍ରମାନେ ଏନ୍‌ଟିଏର ୱେବ୍‌ସାଇଟ୍ www.nta.ac.in ଏବଂ jeemain@nta.ac.inକୁ ଯାଇ ଦେଖିପାରିବେ। ଏହାପରେ ଯଦି ଜେଇଇ ମେନ୍-୨୦୨୧କୁ ନେଇ କୌଣସି ଦ୍ୱନ୍ଦ୍ୱ ରୁହେ ତେବେ ଛାତ୍ରୀଛାତ୍ରମାନେ ୦୧୧-୪୦୭୫୯୦୦୦ ନମ୍ବରକୁ ଯୋଗାଯୋଗ କିମ୍ବା jee-main@nta.ac.inକୁ ମେଲ୍ କରି ପଚାରି ବୁଝିପାରିବେ ବୋଲି ଏନ୍‌ଟିଏ ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରିଛି।

## ଦେଶରେ ୫ଜି...

ଭୋଡାଫୋନ ଏବଂ ଏମ୍‌ଟିଏନ୍‌ଏଲ୍ ରହିଛି। ଟେଲିକମ କମ୍ପାନୀଗୁଡିକ ଏରିକସନ, ନୋକିଆ, ସାମସଙ୍ଗ, ସି-ଡଟ୍ ଏବଂ ସ୍ୱଦେଶୀ ରିଲାଏନ୍ସ ଭଳି ଗିୟର ପ୍ରସ୍ତୁତକାରୀଙ୍କ ଟେକ୍ନୋଲୋଜି ବ୍ୟବହାରକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ଚାଇନା କମ୍ପାନୀଗୁଡିକ ଏ କ୍ଷେତ୍ରରେ ସୁଯୋଗ ନ ଦେବାକୁ ସବୁ ପ୍ରକାରର ପଦକ୍ଷେପ ନିଆଯାଇଛି। ଚାଇନାର ହୁଏୱି ଟେକ୍ନୋଲୋଜି ବ୍ୟବହାର କରି ୫ଜି ପରୀକ୍ଷଣ କରିବା ନେଇ ଭାରତୀ ଏୟାରଟେଲ ଏବଂ ଭୋଡାଫୋନ ପୂର୍ବରୁ ପ୍ରସ୍ତାବ ଦେଇଥିଲେ। ପରେ ଦେଇଥିବା ଆବେଦନ ପତ୍ରରେ ଚାଇନା ଟେକ୍ନୋଲୋଜିକୁ ବାଦ ଦେବା ଲାଗି ଏହି ୨ କମ୍ପାନୀ କହିଛନ୍ତି। ପରୀକ୍ଷାମୂଳକ ଭିତ୍ତିରେ ବିଭିନ୍ନ ବ୍ୟାଣ୍ଡରେ ୩.୨ ଗିଗା ହର୍ଜଠାରୁ ୩.୬୭ ଗିଗାହର୍ଜ, ମିଲିମିଟର ୱେଭ ବ୍ୟାଣ୍ଡରେ ୨୪.୨୫ ଗିଗାହର୍ଜଠାରୁ ୨୮.୫ ଗିଗାହର୍ଜ ଏବଂ ସବ୍ ଗିଗାହର୍ଜ ବ୍ୟାଣ୍ଡରେ ୭୦୦ ଗିଗାହର୍ଜ ସ୍ପେକ୍ଟ୍ରମ କମ୍ପାନୀ ବ୍ୟବହାର କରିପାରିବେ। ଏହାବାଦ କମ୍ପାନୀ ହାସଲ କରିଥିବା ୮୦୦ ମେଗା ହର୍ଜ, ୯୦୦ ମେଗା ହର୍ଜ, ୧୮୦୦ ମେଗା ହର୍ଜ, ୨୫୦୦ ମେଗା ହର୍ଜର ସ୍ପେକ୍ଟ୍ରମ ମଧ୍ୟ ୫ ଜି ପରୀକ୍ଷଣ ଲାଗି ବ୍ୟବହାର କରିପାରିବେ ବୋଲି ଟେଲିକମ ବିଭାଗ ପକ୍ଷରୁ କୁହାଯାଇଛି। ଏଭଳି ପରିକ୍ଷଣ ୬ ମାସ ଅବଧି ବିଶିଷ୍ଟ ହେବ। ଏହା ମଧ୍ୟରେ ଯନ୍ତ୍ରାଂଶ ସଂଗ୍ରହ ଏବଂ ସ୍ଥାପନ ଲାଗି ୨ ମାସ ସମୟ ସାମିଲ ରହିଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଏଭଳି ପରୀକ୍ଷଣ କରାଯିବ। କେବଳ ସହରାଞ୍ଚଳକୁ ଗୁରୁତ୍ୱ ନ ଦେଇ ଦେଶର ସବୁ ପ୍ରାନ୍ତରେ ଏଭଳି ପରୀକ୍ଷଣ କରାଇବା ଉପରେ ଡିଓଟି ଟେଲିକମ୍ କମ୍ପାନୀଗୁଡ଼ିକୁ ଚିଠିରେ କହିଛି।

## ନିର୍ବାଚନ ସରିଲା...

୮୩.୭୮ ଟଙ୍କା ଏବଂ ୮୭.୯୮ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଗତ ୭ ମାସ ମଧ୍ୟରେ ତେଲ ଦର ଲଗାତର ବୃଦ୍ଧି ହେବା ଯୋଗୁ ସର୍ବୋଚ୍ଚ ରେକର୍ଡ ସ୍ତରରେ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଉତ୍ପାଦ ଶୁଳ୍କ ହ୍ରାସ ନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଉନାହିଁ। ଗତ କିଛି ମାସ ହେଲା ଅନ୍ତର୍ଜାତୀୟ ବଜାରର ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୨.୯୧ ଡଲାର ବଢ଼ିଛି। ଫଳରେ କମ୍ପାନୀ ବାଧ ହୋଇ ରିଟେଲ ଦରରେ ଏଭଳି ପରିବର୍ତ୍ତନ କରିଥିବା କୁହାଯାଇଛି। ସେହିଭଳି ବର୍ତ୍ତମାନ ସମୟରେ ଭାରତର କେତେକ ସହରରେ ପେଟ୍ରୋଲ ଦର ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଉ କିଛି ସହର ୧୦୦ ନିକଟବର୍ତ୍ତୀ ରହିଛି। ସରକାର ଆବଶ୍ୟକ ପଦକ୍ଷେପ ନେଲେ ତେଲ ଦର ହ୍ରାସ ହୋଇପାରନ୍ତା ଏବଂ ଖାଉଟି ଆଶ୍ୱସ୍ତି ମିଳିପାରନ୍ତା ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଫେବୃୟାରୀ ୨୮ରୁ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ତେଲ ଦର ବଢ଼ି ନ ଥିଲେ ମଧ୍ୟ ଏହି ଅବଧିରେ ଦର ପ୍ରାୟ ୭୦ ପଇସା କମିଥିଲା।

## ଖେଳ ବିଗାଡ଼ିଲା...

ଘୋଷଣା କରିଥିଲେ। ଆଇପିଏଲ ଗଭର୍ନିଂ କାଉନ୍‌ସିଲ ଓ ବିସିସିଆଇ ଏକ ଆପାତକାଳୀନ ବୈଠକରେ ବସି ଯଥାଶୀଘ୍ର ଲିଗ୍ ସସ୍‌ପେଣ୍ଡ କରିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ଲିଗ୍ ସହିତ ଜଡ଼ିତ ଥିବା ଅନ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନେଇ କୌଣସି ବୁଝାମଣା କରାଯିବ ନାହିଁ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ବୋର୍ଡ ତରଫରୁ ସ୍ପଷ୍ଟ କରାଯାଇଛି।

ସବୁ ଫ୍ରାଞ୍ଚାଇଜ୍‌ର ଖେଳାଳିମାନଙ୍କୁ କିପରି ସୁରକ୍ଷା ସହ ସେମାନଙ୍କ ଘରକୁ ପଠାଯିବ ସେ ନେଇ ବିସିସିଆଇ ସବୁପ୍ରକାର ବ୍ୟବସ୍ଥା କରିବ। ଆଇପିଏଲ୍‌ରେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ସମେତ ଅନ୍ୟ ଦେଶର ଖେଳାଳିମାନେ ବିଭିନ୍ନ ଫ୍ରାଞ୍ଚାଇଜ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଭାରତରେ ଏବେ କରୋନା ମହାମାରୀ ଉତ୍କଟ ରୂପ ଧାରଣ କରିଛି। ଏଭଳି ସ୍ଥିତିରେ ଆମେ ଲୋକଙ୍କ ମଧ୍ୟରେ ସକାରାତ୍ମକ ଭାବ ଆଣିବାକୁ ପ୍ରୟାସ କରିଥିଲୁ। ଶେଷରେ ଆଇପିଏଲ୍‌କୁ ବର୍ତ୍ତମାନ ପାଇଁ ବାତିଲ କରିବାକୁ ହୋଇଛି। ସମସ୍ତେ ଏବେ ସେମାନଙ୍କ ଘରକୁ ଯାଇ ନିଜ ପରିବାର ଲୋକଙ୍କୁ ଦେଖିବାର ସୁଯୋଗ ପାଇବେ। ଆଇପିଏଲ୍‌ରେ ଅଂଶଗ୍ରହଣ କରିଥିବା ସବୁ ଲୋକଙ୍କୁ କିପରି ନିରାପତ୍ତାର ସହ ସେମାନଙ୍କ ଘରକୁ ପଠାଯିବ ସେ ନେଇ ବିସିସିଆଇ ସବୁପ୍ରକାର ବ୍ୟବସ୍ଥା କରିବ ବୋଲି ଆଇପିଏଲ୍ ତରଫରୁ କୁହାଯାଇଛି।

ସଂକ୍ରମଣ ଉତ୍କଟରୂପ ଧାରଣ କରିବା ପୂର୍ବରୁ ଏପ୍ରିଲ ୯ ତାରିଖରୁ ଟୁର୍ନାମେଣ୍ଟ ଆରମ୍ଭ କରାଯାଇଥିଲା। ମେ' ୩୦ରେ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଦିଲ୍ଲୀସ୍ଥିତ ଫିରୋଜ ଶାହା କୋଟଲା ଷ୍ଟାଡିୟମରେ କେତେଜଣ ଗ୍ରାଉଣ୍ଡସ୍ମ୍ୟାନ ଟେଷ୍ଟରେ ପଜିଟିଭ ବୋଲି ଜଣାପଡ଼ିଥିଲା। ଏହାପୂର୍ବରୁ ୩ଜଣ ଅଷ୍ଟ୍ରେଲୀୟ ଖେଳାଳି କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଆଇପିଏଲ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ୨୦୨୦ ଆଇପିଏଲ୍ ଜୈବ ସୁରକ୍ଷିତ ପରିବେଶରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସଫଳତାର ସହ ଆୟୋଜିତ ହୋଇଥିଲା। ଆଇପିଏଲ୍ ଏବେ ସ୍ଥଗିତ ରହିଛି। ଯଦି ଏହାକୁ ବାତିଲ କରାଯାଏ ତେବେ ବିସିସିଆଇ ୨୦୦୦ କୋଟି ଟଙ୍କାର କ୍ଷତି ସହିବ ବୋଲି କୁହାଯାଇଛି। ଏଥିସହିତ ଚଳିତ ବର୍ଷ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ସ୍କୁଲ୍ ମିଶ୍ରଣ ବିଜ୍ଞପ୍ତି...

ସରକାରୀ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କମ୍ ଉପସ୍ଥାନ ଉପରେ ଚିନ୍ତାବ୍ୟକ୍ତ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟରେ ୨୦ରୁ କମ୍ ପିଲା ପଢୁଥିବା ପ୍ରାୟ ୧୪ହଜାର ସ୍କୁଲକୁ ଚିହ୍ନଟ କରି ଏଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିବାକୁ ପଦକ୍ଷେପ ନେଇଥିଲେ। ଏପରିକି ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୯୦୦ ବିଦ୍ୟାଳୟକୁ ବନ୍ଦ କରାଯାଇଛି। ସରକାରଙ୍କ ଏଭଳି ପଦକ୍ଷେପକୁ ଅଭିଭାବକଙ୍କ ସହ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ସରକାରଙ୍କ ସ୍କୁଲ ବନ୍ଦ ନିଷ୍ପତ୍ତି ପିଲାମାନଙ୍କୁ ନିୟମିତ ଭାବେ ବିଦ୍ୟାଳୟ ଯିବାରେ ବହୁ ଅସୁବିଧା ସୃଷ୍ଟି କରିବ ବୋଲି ଅଭିଯୋଗ କରି ଏକାଧିକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗରେ ମୁଖ୍ୟତଃ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମାବଳୀର ଉଲ୍ଲଂଘନ କରି ସରକାର ସ୍କୁଲ ମିଶ୍ରଣ ସମ୍ପର୍କିତ ନିଷ୍ପତ୍ତି ନେଇଛନ୍ତି। ନିୟମାନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କ ପାଇଁ ଚାଲିବା ଦୂରତା ୧କି.ମି. ଭିତରେ ସ୍କୁଲ ରହିବା ଉଚିତ। କିନ୍ତୁ ଏହାକୁ ଅଣଦେଖା କରି ବହୁ ସ୍କୁଲର ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହା ଦ୍ୱାରା ହଜାର ହଜାର ଛୋଟ ପିଲାଙ୍କ ଶିକ୍ଷା ଗ୍ରହଣରେ ବାଧା ସୃଷ୍ଟି ହେବ। ଏପରି କି, ସ୍କୁଲ ମିଶ୍ରଣ ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ଅଭିଭାବକ, ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଭାବିତ ହେବାକୁ ଥିବା ପକ୍ଷମାନଙ୍କ ମତାମତ ନିଆଯିବାର ଉଚିତ ଥିଲା। କିନ୍ତୁ ଏପରି କରାଯାଇ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ହାଇକୋର୍ଟ ଏ ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଥିଲେ। ଏଥିସହିତ ସ୍କୁଲ ମିଶ୍ରଣ ପ୍ରସଙ୍ଗରେ ରହିତାଦେଶ ଜାରି କରିଥିଲେ। ଗତ ମାର୍ଚ୍ଚ ୯ରେ ଗଣଶିକ୍ଷା ବିଭାଗ ପକ୍ଷରୁ ମାମଲାଗୁଡ଼ିକରେ ଜବାବ ଦାଖଲ କରାଯାଇଥିଲା। ଏହାପରେ ସରକାରଙ୍କ ଜବାବ ଉପରେ ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ମଧ୍ୟ ଦାଖଲ କରାଯାଇଥିଲା। ଶେଷରେ ହାଇକୋର୍ଟ ମଙ୍ଗଳବାର ବିଭାଗ କରିଥିବା ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଏକାଦଶସ୍ଥ ଚନ୍ଦ୍ର ଓ ବୁଧ ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ସ୍ୱଜନ ଶତ୍ରୁତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ସୂଚନା ରହିଛି। ଅବଶ୍ୟ ଦ୍ୱିଜା ନକ୍ଷତ୍ର ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ବୃଷ** – କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅର୍ଥନୈତିକ ପ୍ରଗତି ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଅତ୍ୟଧିକ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** – ପୂର୍ବର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁତ ଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ** – ଆଶା ଓ ଆଶଙ୍କା ମଧ୍ୟରେ ସମୟ କଟାଇବା ସଙ୍ଗକୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁମାନଙ୍କ ସହାୟତାରେ ଆରୋଗ୍ୟ ଲାଭ କରିବେ।

**ସିଂହ** – ଆଜି ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ଏହା ସଙ୍ଗକୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** – ଆଜି ଆପଣଙ୍କର ନରମ କଥା କହିବାଶୈଳୀ ହେତୁ କାର୍ଯ୍ୟଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଯିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡିବେ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି।

**ତୁଳା** – ଆଜି ସକାଳୁ ସକାଳୁ ମନ କୌଣସି ଶୁଭ ଖବର ପାଇ ଖୁସୀ ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁଁ କର୍ମ ମୁଖର ହେବେ। କିନ୍ତୁ, ଦିନ ମଧ୍ୟରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – କୌଶଳପ୍ରୟୋଗ କରି ନିକଟ ସମ୍ପର୍କୀୟମାନଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଅନୁରାଧାର ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟସାଧିତ ହେବ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁଁ କ୍ଷୋଭ ପ୍ରକାଶ କରିପାରନ୍ତି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସବୁକିଛି ଠିକ୍ ହୋଇଯିବ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ କିଛି ଅସୁବିଧା ହେବ ନାହିଁ। ସଭାସମିତିରେ ଯୋଗଦେଇ ପାରନ୍ତି କିମ୍ବା ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବନ୍ଧୁମାନଙ୍କ ସହ ଆଲୋଚନା କରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**କୁମ୍ଭ** – ଆଜିର କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବାରେ ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** – ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରକାର ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ବୈଶାଖ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର, ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିପ୍ଳବୀ ଧରଣୀଧର ନାୟକ (ଭୂୟାଁ)ଙ୍କ ଜନ୍ମ ଦିବସ। ରାଶିନକ୍ଷତ୍ର-ଦିବା ଘ.୦୯.୧୧ମି. ପରେ ଶତଭିଷା/କୁମ୍ଭ, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୫.୧୯ମି. ଗତେ ଘ.୦୭.୦୧ମି. ମଧ୍ୟେ, ଘ.୦୯.୩୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୧.୫୧ମି. ଗତେ ଘ.୦୩.୩୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

## ଛୁରାମାଡ଼ରେ ଜଣେ ଗୁରୁତର

**ଯାଜପୁର ରୋଡ,(ଡି.ଏନ.ଏ.):** ଯାଜପୁର ରୋଡ ଥାନା ଅଧୀନ ଗୋଶାଳା ଛକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୭ଟା ସମୟରେ ଛୁରାମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ମାର୍ଥାପୁର ଗ୍ରାମର ହରିହର ସେଠୀ(୪୦)। ହରିହରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆହତ ଲାଗିଛି। ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଯାଜପୁର ରୋଡ ଥାନା ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ହରିହରଙ୍କୁ କମିଶନ କାରବାରକୁ ନେଇ ଛୁରାମାଡ଼ ହୋଇଥିବା ଜଣାପଡିଛି।

### ସଂକ୍ଷେପରେ

## ବ୍ୟାଙ୍କରେ ରହୁନି ସାମାଜିକ ଦୂରତା

**ଚଣ୍ଡିଖୋଲ,୪।୫(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ସୋମବାର ଓ ମଙ୍ଗଳବାର ବ୍ୟାପକ ଭିଡ଼ ପରିଲକ୍ଷିତ ହୋଇଛି। କରୋନା ପାଇଁ ବ୍ୟାଙ୍କ ପକ୍ଷରୁ କୌଣସି ସଚେତନତା ପୋଷ୍ଟର ଲଗାଯାଇ ନାହିଁ କିମ୍ବା ଲୋକଙ୍କୁ ସଚେତନ ମଧ କରାଯାଉନାହିଁ। ଫଳରେ ପ୍ରତ୍ୟେକଦିନ ୧୧ଟାବେଳେ ବ୍ୟାଙ୍କର ମୁଖ୍ୟ ଫାଟକ ନିକଟରେ ଶତାଧିକ ଲୋକ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଗେଟ୍ ମଧରେ ଜଣେଜଣେ ଉପଭୋକ୍ତାଙ୍କୁ ଛାଡୁଥିବାରୁ ଏଭଳି ଭିଡ଼ ଦେଖା ଦେଇଛି। ଏପରି କି କରୋନା ମହାମାରୀ ପାଇଁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଠାରେ ସମସ୍ତ ନିୟମକୁ ଜଳାଞ୍ଜଳି ଦିଆଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏସମ୍ପର୍କରେ କୌଣସି ପଦକ୍ଷେପ ନ ନେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

## ବୈଠକକୁ ଆସିଲେ ନାହିଁ ବିଜିଆର୍ ଅଧିକାରୀ

**କାଳିଆପାଣି,୪।୫(ଡି.ଏନ.ଏ.):** ଓଡିଶା ଖଣି ନିଗମ (ଓଏମ୍‌ସି) ଖଣିରେ ନିୟୋଜିତ ବିଜିଆର ପ୍ରାଇଭେଟ ଲିମିଟେଡ଼ ଠିକାସଂସ୍ଥାର ୧୩୧ ଜଣ କର୍ମଚାରୀଙ୍କୁ ଛଟେଇ କରିବା ପରେ ସୁକିନ୍ଦା ଅଞ୍ଚଳରେ ଶ୍ରମିକ ଅଶାନ୍ତି ଉଗ୍ରରୂପ ନେଉଛି। ମଙ୍ଗଳବାର ଛଟେଇ ଶ୍ରମିକମାନେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହାପରେ ଆପୋସ ବୁଝାମଣା ନ ହେବା ପର୍ଯ୍ୟନ୍ତ ଖଣି କାମ ବନ୍ଦ ରହିବ ବୋଲି ବିଧାୟକ ଘଡେଇ ଚେତାବନୀ ଦେଇଥିବା ଜଣାପଡ଼ିଛି। ଗତ ୨୬ ତାରିଖରୁ ବିଜିଆର ଠିକାସଂସ୍ଥା ୧୩୧ ଜଣ କର୍ମଚାରୀଙ୍କୁ ଛଟେଇ ନୋଟିସ କରିବା ପରେ ଓଏମ୍‌ସିର ଦକ୍ଷିଣ କାଳିଆପାଣି ଖଣିରେ ଅଚଳାବସ୍ଥା ଲାଗିରହିଛି। ଗତ ୨ ତାରିଖ ଦିନ ସୁକିନ୍ଦା ତହସିଲଦାର ଓ କାଳିଆପାଣି ଥାନା ଅଧିକାରୀଙ୍କ ହସ୍ତକ୍ଷେପ ପରେ ଖଣିର ଅତ୍ୟାବଶ୍ୟକ କାର୍ଯ୍ୟ ଚାଲିଥିବାବେଳେ ଖଣିରୁ ଉତ୍ପାଦନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଏହାକୁ ନେଇ କର୍ମଚାରୀମାନେ ସୁକିନ୍ଦା ବିଧାୟକ ଘଡେଇଙ୍କୁ ଭେଟି ଅବଗତ କରିବା ପରେ ମଙ୍ଗଳବାର ଶ୍ରମିକ ସଂଘ କାର୍ଯ୍ୟାଳୟ କାଳିଆପାଣିଠାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ବିଧାୟକ ଘଡେଇ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ସହ ସମ୍ପାଦକ ଭରତ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବିଜିଆର ଠିକାସଂସ୍ଥାର କୌଣସି ଅଧିକାରୀ ବୈଠକକୁ ଆସି ନ ଥିଲେ। ଫଳରେ ବିଧାୟକ ଘଡ଼ାଇ ଅସନ୍ତୋଷ ପ୍ରକାଶ କରିବା ସହ କର୍ମଚାରୀମାନଙ୍କୁ କରୋନା ସମୟରେ କାମରୁ ବାହାର କରିବା ପଦକ୍ଷେପକୁ ଶ୍ରମିକ ଶୋଷଣ ସହ ତୁଳନା କରିଥିଲେ।

## ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ାଇଲେ ଅସାଧୁ ବ୍ୟବସାୟୀ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୪।୫(ଡି.ଏନ.ଏ.):** କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମେ' ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାକୁ ନେଇ ମଙ୍ଗଳବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର ଓ ଛତିଆ ବଜାରରେ ବ୍ୟାପକ ଗହଳି ପରିଲକ୍ଷିତ ହୋଇଥିଲା। ତେବେ ଭିଡ଼ର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି କରି ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ବଜାରରେ ଆଳୁ କେଜି ୨୦ ଟଙ୍କା ଥିବାବେଳେ ୩୦ଟଙ୍କାରେ ବିକ୍ରି ହୋଇଛି। ପିଆଜ ଦର ମଧ ବୃଦ୍ଧି କରାଯାଇ ୩୫ଟଙ୍କା ବିକ୍ରି କରାଯାଇଛି। ଯାହାକୁ ନେଇ ଗ୍ରାହକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଡାଲି ଓ ଖାଇବା ତେଲର ଦର ପୂର୍ବ ମୂଲ୍ୟ ତୁଳନାରେ ୧୦ରୁ୨୦ଟଙ୍କା ଅଧିକ ଦରରେ ବିକ୍ରି ହୋଇଛି। କେତେଜଣ ବ୍ୟବସାୟୀ ଏହି ଅତ୍ୟାବଶ୍ୟକ ସାମଗ୍ରୀକୁ ଚାପି ରଖି ବଜାରରେ ଅଭାବ ସୃଷ୍ଟି କରିଛନ୍ତି। ସାମଗ୍ରୀ ନାହିଁ କହି ଗ୍ରାହକଙ୍କୁ ଫେରାଉ ଥିବାବେଳେ ସେମାନଙ୍କ ଦୋକାନଠାରୁ ଦୂରରେ ମାଲବୋଝେଇ ଗାଡ଼ି ମଧରୁ ଛୋଟଛୋଟ ବ୍ୟବସାୟୀଙ୍କୁ ସିଧାସଳଖ ରାସ୍ତା କଡ଼ରେ ଗାଡ଼ି ରଖି ବିକ୍ରି କରାଯାଇଛି। ଆଳୁ ଓ ପିଆଜ ସମସ୍ତଙ୍କ ପାଇଁ ଜରୁରୀ ହୋଇ ପଡ଼ିଥିବାବେଳେ ଏହାର ବଜାର ଦର ବୃଦ୍ଧି କରି ବ୍ୟବସାୟୀ ଲୁଟୁ ଥିବା ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ନଚେତ୍ ଅସାଧୁ ବ୍ୟବସାୟୀ ଗ୍ରାହକମାନଙ୍କୁ ଶୋଷଣ କରିବା ପାଇଁ ଚେଷ୍ଟିତ ରହିବେ।

# ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

### ନଦୀରୁ ମନଇଚ୍ଛା ବାଲି ଖନନ

**ଯାଜପୁର ଟାଉନ,୪।୫(ଡି.ଏନ.ଏ.)**

ନଦୀଗର୍ଭରୁ ମନଇଚ୍ଛା ଲିଜ୍‌ଧାରୀ ବାଲିଖନନ କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଗ୍ରାମବାସୀ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଧିକ ବାଲି ପରିବହନ ଯୋଗୁ କେବଳ ଯେ ସରକାରଙ୍କର କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି ତାହା ନୁହେଁ, ବରଂ ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି।

ଗ୍ରାମବାସୀ ଜଣାଇଛନ୍ତି, ଯାଜପୁର ତହସିଲ ଅଧୀନ ବୁଢ଼ାନଦୀ ଶଯ୍ୟାର ସଇରାତ କେଶ୍ ନଂ.୮/୨୦୧୯-୨୦ରେ କଳିନ୍ଦ୍ରାବାଦ ନଦୀର ଲିଜ୍‌ଧାରୀଙ୍କୁ କଳିନ୍ଦ୍ରାବାଦ ରାଜସ୍ୱ ଗ୍ରାମ ଖାତା ନଂ.୫୦୯ର ପ୍ଲଟ ନଂ.୧୨୨ରୁ ୮୦ ଡିସିମିଲ ଏବଂ ପ୍ଲଟ ନଂ.୧୧୦ରୁ ୪୦ ଡିସିମିଲ ପରିମିତ ଅଞ୍ଚଳରୁ ବାଲି ଉତ୍ତୋଳନ ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି। ମାତ୍ର ସମ୍ପୃକ୍ତ ଲିଜ୍‌ଧାରୀ ସଇରାତ ଉପର



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡା ଦେଇ ଚିହ୍ନଟ କରିନାହାନ୍ତି। ମନଇଚ୍ଛା ନିର୍ଦ୍ଦିଷ୍ଟ ସଇରାତକୁ ଅତିକ୍ରମ କରି କଳିନ୍ଦ୍ରାବାଦ ଓ ବଡ଼ତ୍ରିଲୋଚନପୁର ମୌଜାର ବିଭିନ୍ନ ପ୍ଲଟରୁ ୧ ଲକ୍ଷ ଘନ ମିଟରରୁ ଅଧିକ ବାଲି ଉତ୍ତୋଳନ କରି ସାରିଲେଣି। ଲିଜ୍‌ଧାରୀ ମାତ୍ର ୧୧୨୦ ଘନ ମିଟର ବାଲି ଉତ୍ତୋଳନ ପାଇଁ ଅନୁମତି ପାଇଥିବା ବେଳେ ଏତେ ପରିମାଣର ଉତ୍ତୋଳନ ଯୋଗୁ ରାଜସ୍ୱ ଲୁଟ୍ କରାଯାଉଛି ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଛନ୍ତି। ହ୍ୟାଣ୍ଡଲୋଡ୍ ପରିବର୍ତ୍ତେ ମେଶିନରେ ୨୪ ଘଣ୍ଟା ବାଲି ଖୋଳାଯାଇ ଶତାଧିକ ହାଇୱା ସାହାଯ୍ୟରେ ପଡ଼ୋଶୀ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଫଳରେ ନଦୀଶଯ୍ୟାରୁ ବାଲି ସରି ସରି ଆସିବା ଯୋଗୁ ଯୋଗୁ ସ୍ଥାନୀୟ ବାସିନ୍ଦା ମୁଠାଏ ବାଲି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାବାଦ୍ ନଦୀଗର୍ଭକୁ ୨୦ ଫୁଟରୁ ଅଧିକ ଗଭୀର କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର କମିଲାଣି। ଗ୍ରାମବାସୀ ସ୍ନାନଶୌଚ ପାଇଁ ନଦୀ ଉପରେ ନିର୍ଭର କରୁଥିବା ବେଳେ ତାହା ମଧ ବନ୍ଦ ହୋଇଗଲାଣି। ତେଣେ ଗଭୀର ଖନନ ହେତୁ ଗଣ୍ଡ ସୃଷ୍ଟି ହେବା ଯୋଗୁ ନଦୀ ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ୨ ବର୍ଷ ପୂର୍ବେ ଏହି କାରଣରୁ ଅଡଙ୍ଗ ଅଞ୍ଚଳରେ ଜଣେ ଲୋକ ସ୍ନାନ ହେବାକୁ ଯାଇ ବାଲି ଖନନ ଜନିତ ଗଣ୍ଡରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଆଶଙ୍କା ମଧ ଦେଖାଦେଇଛି। ତେବେ ସପ୍ତାହ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଲକ୍ଷ୍ମୀ ହତ୍ୟା ଘଟଣା, ୪ କୋର୍ଟ ଚାଲାଣ

**ଯାଜପୁର ଅଫିସ,୪।୫**

ମଙ୍ଗଳପୁର ଥାନା ବିରିପଟା ପଞ୍ଚାୟତ ବରେଇ ଗ୍ରାମରେ ବେଆଇନ ମଦ କାରବାରକୁ ବିରୋଧ କରିବାରୁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ସେହି ଗ୍ରାମର ଲକ୍ଷ୍ମୀ ଜେନା(୩୬)। ମଙ୍ଗଳପୁର ପୋଲିସ ମଙ୍ଗଳବାର ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ବିଜୟ ବେହେରା (ମଣ୍ଟୁ)ଙ୍କ ସମେତ ତାଙ୍କ ଭାଇ ମଗୁଲି ବେହେରା, ସ୍ତ୍ରୀ ମାନ ବେହେରା ଓ ବାପା ବଳରାମ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୩୧/୨୧) ରୁଜୁ ହୋଇଛି। ସୂଚନାଯୋଗ୍ୟ, ସପ୍ତାହକ ତଳେ ମଙ୍ଗଳପୁର ଥାନାରେ ଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେଥିରେ ଦର୍ଶାଯାଇଥିଲା ଯେ, ବିଜୟ ଦୀର୍ଘଦିନ ହେବ ବରେଇ ଗ୍ରାମରେ ମଦ ବେପାର କରୁଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଥିଲେ ମଧ କେହି ଶୁଣୁ ନ ଥିଲେ। ଗତ ୨୧ ତାରିଖରେ ଗ୍ରାମବାସୀ ମଙ୍ଗଳପୁର ଥାନା, ଅବକାରୀ ବିଭାଗ ଓ ଯାଜପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ଥାନାରେ ଉଭୟ ପକ୍ଷଙ୍କୁ ଡାକି ଏକ ସମାଧାନ ବୈଠକ ହୋଇଥିଲା। ବୈଠକରେ ବିଜୟ ଆଉ ବେଆଇନ ମଦ ବ୍ୟବସାୟ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହାପରେ ବିଜୟ ଓ ତାଙ୍କ ପରିବାର ବର୍ଗ ମଦ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଲକ୍ଷ୍ମୀ ଓ ତାଙ୍କ ପରିବାରବର୍ଗଙ୍କୁ ଟାର୍ଗେଟ କରିଥିଲେ। ଗତ ୨ ତାରିଖରେ ଲକ୍ଷ୍ମୀଙ୍କ ଘରେ ପଶି ବିଜୟ ଓ ତାଙ୍କ ପରିବାରବର୍ଗ ଗାଳିଗୁଲଜ କରିଥିଲେ। ଏହି ସମୟରେ ବିଜୟ ଏକ ଇଟାରେ ଲକ୍ଷ୍ମୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଗୁରୁତର ଲକ୍ଷ୍ମୀଙ୍କୁ ପ୍ରଥମେ ମଙ୍ଗଳପୁର ସିଏଚସି ଓ ପରେ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ବିଳମ୍ବିତ ରାତିରେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀଙ୍କ ସ୍ୱାମୀ ମହେଶ୍ୱର ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଖରାରେ ବୃଦ୍ଧ, ଶିଶୁ, ମହିଳାଙ୍କ ଅପେକ୍ଷା



ସ୍ୱାବ୍ ଦେବାକୁ ଆସିଥିବା ଲୋକେ ଖରାରେ ଅପେକ୍ଷା କରିଛନ୍ତି।

### ସ୍ୱାବ୍ ସଂଗ୍ରହ କେନ୍ଦ୍ରରେ ଅବ୍ୟବସ୍ଥା

**ଯାଜପୁର ଟାଉନ,୪।୫(ଡି.ଏନ.ଏ.)**

ଯାଜପୁର ଜିଲାର ୧୭ଟି ସ୍ଥାନରେ କରୋନା ରୋଗୀଙ୍କ ଚିହ୍ନଟ ନିମନ୍ତେ ସ୍ୱାବ୍ ସଂଗ୍ରହ କରାଯାଉଛି। ରୋଗର ପ୍ରବାହ ବୃଦ୍ଧି ଯୋଗୁ ଲକ୍ଷଣ ବଢ଼ିବା ହେତୁ ପ୍ରତିଦିନ ହଜାର ହଜାର ଲୋକ ସ୍ୱାବ୍ ସଂଗ୍ରହ କେନ୍ଦ୍ରରେ ଧାଡ଼ି ଲଗାଉଛନ୍ତି। କିନ୍ତୁ ସମ୍ପୃକ୍ତ କେନ୍ଦ୍ରଗୁଡିକରେ ଅପେକ୍ଷା ପାଇଁ ଉପରେ କୌଣସି ଛାମୁଣ୍ଡିଆର ବ୍ୟବସ୍ଥା ନାହିଁ। ଫଳରେ ମେ' ମାସର ପ୍ରଚଣ୍ଡ ଖରାରେ ବୃଦ୍ଧ, ଶିଶୁ ଓ ମହିଳାମାନେ ଦୟନୀୟ ଭାବେ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଜିଲା ସ୍ୱାସ୍ଥ୍ୟ ମୁଖ୍ୟାଳୟ ନିକଟରେ ରହିଥିବା ଯାଜପୁର ପୌରାଞ୍ଚଳର ଜିଲା ସଦର ମହକୁମା ହସ୍ପିଟାଲ ପରିସରର ୨ଟି ସ୍ଥାନରେ ଏଭଳି ଲମ୍ବାଧାଡି ଏବଂ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ନମୁନା ସଂଗ୍ରହ କେନ୍ଦ୍ର ଟିକେଟ କାଉଣ୍ଟରଠାରୁ ମେଡିକାଲ ଛକ ଓ ଗରିଆପୁର ଛକ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ପ୍ରବଳ ଖରାରେ ଲମ୍ବାଧାଡ଼ି ଲାଗିରହୁଛି। ତାହା ପୁଣି ସାମାଜିକ ଦୂରତ୍ୱ ବିନା। ଧାଡ଼ିରେ ଅନେକ ମହିଳା, ବୁଢ଼ାବୁଢ଼ୀ, ଛୋଟ ଛୋଟ ପିଲା ଦୀର୍ଘ ସମୟ ଧରି ଠିଆ ହୋଇ ରହୁଛନ୍ତି। ଏଠାର ୨ଟି ସ୍ଥାନରେ ମାତ୍ର ୨୧୦ ଜଣଙ୍କ ନମୁନା ସଂଗ୍ରହ ବ୍ୟବସ୍ଥା ରହିଥିବା ବେଳେ ୭୦୦ ରୁ ୮୦୦ ପର୍ଯ୍ୟନ୍ତ ଧାଡିରେ ରହୁଛନ୍ତି। କୋଭିଡ୍ ପରିଚାଳନା ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଦେଉଛନ୍ତି। କିନ୍ତୁ ଆବଶ୍ୟକତା ରହିଥିବା ଛାମୁଣ୍ଡିଆ ପାଇଁ ସାମାନ୍ୟ ଅର୍ଥ ଖର୍ଚ୍ଚ କରିବାକୁ ପ୍ରଶାସନ କାହିଁକି ଯେ ପଛଘୁଞ୍ଚା ଦେଉଛି ସେନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଚଣ୍ଡ ଖରାରେ ଅନେକ ଅସୁସ୍ଥ ହୋଇପଡୁଥିବା ମଧ ଦେଖିବାକୁ ମିଳୁଛି। ଖରାରେ ଠିଆ ହୋଇ ଅଳ୍ପ ଅସୁସ୍ଥ ଲୋକ ଅଧିକ ଅସୁସ୍ଥ ହୋଇପଡୁଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏ ଦିଗରେ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଚେକ୍ ବାଉନ୍ସ ମାମଲା

## ତଳ କୋର୍ଟ ରାୟକୁ ରଦ୍ଦ କଲେ ଜିଲାଜଜ୍

**ଯାଜପୁର ଟାଉନ,୪।୫(ଡି.ଏନ.ଏ.)**

୨୦୧୯ର ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଯାଜପୁର ଏସ୍‌ଡିଜେଏମ୍ ଚେକ୍ ପ୍ରଦାନକାରୀଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ସହ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ଟଙ୍କା ଓ ଏହାର ଅନାଦାୟ ୩ ମାସ ଜେଲ ଦଣ୍ଡାଦେଶ କରି ଏକ ରାୟ ପ୍ରକାଶ କରିଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଚେକ୍ ପ୍ରଦାନକାରୀ ଜିଲା ତଥା ଦୌରାଜଜ୍‌ଙ୍କ କୋର୍ଟରେ ଅପିଲ ଆଗତ କରିଥିଲେ। ମାମଲାର ଶୁଣାଣି କରି ଜିଲାଜଜ୍ ତଳକୋର୍ଟର ରାୟକୁ ରଦ୍ଦ କରିଦେଇଥିବା ଜଣାପଡ଼ିଛି। ବିବରଣୀରୁ ପ୍ରକାଶ, କୁଆଖିଆ ଥାନା ସାରଙ୍ଗପୁର ଗ୍ରାମର ପ୍ରଦୀପ ସାହୁ ନିଜର ଜମି ବିକ୍ରିପାଇଁ ମୁଗପାଳ ଗ୍ରାମର ଶତ୍ରୁଘ୍ନ ନାୟକଙ୍କଠାରୁ ୭ଲକ୍ଷ ୨୦ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଜମି ବିକ୍ରି ନ କରି ନେଇଥିବା ଅର୍ଥରାଶିକୁ ଫେରସ୍ତ ପାଇଁ ଏକ ବ୍ୟାଙ୍କ୍ ଚେକ୍ ଶତ୍ରୁଘ୍ନଙ୍କୁ ପ୍ରଦାନ କରିଥିଲେ। ଶତ୍ରୁଘ୍ନ ଚେକ୍‌କୁ ବ୍ୟାଙ୍କରେ ଜମା କରିଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ଚେକ୍‌ଟିକୁ ଅର୍ଥ ନ ଥିବାରୁ ଫେରାଇ ଦେଇଥିଲେ। ପରେ ଶତ୍ରୁଘ୍ନ ଟଙ୍କାକୁ ଫେରସ୍ତ ପାଇଁ ଓକିଲ ନୋଟିସ୍ ପ୍ରଦୀପଙ୍କୁ ପଠାଇବା ସହିତ ଯାଜପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ। ଉକ୍ତ ରାୟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଆବେଦନକାରୀ ସାହୁ ଜିଲାଜଜ୍‌ଙ୍କ ନିକଟରେ କ୍ରିମିନାଲ୍ ଅପିଲ କରିଥିଲେ। ଜିଲାଜଜ୍ ଗତ ମାସ ୩୦ରେ ଏସ୍‌ଡିଜେଏମ୍‌ଙ୍କ ପୂର୍ବ ଘୋଷିତ ରାୟକୁ ରଦ୍ଦ କରିବା ସହ ପ୍ରଦୀପଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଏକ ରାୟ ପ୍ରକାଶ କରିଛନ୍ତି।

## ଉଭୟଙ୍କ ଜମାନବନ୍ଦୀ ନେଲା ପୋଲିସ

### ବିବାଦୀୟ ବିବାହ ପ୍ରସଙ୍ଗ

- ବିବାହକୁ ସ୍ୱୀକାର କରୁନାହାନ୍ତି ଯୁବତୀ

**ଯାଜପୁର ଟାଉନ,୪।୫(ଡି.ଏନ.ଏ.)**

୨୦୨୦ ଫେବୃୟାରୀରେ ଯାଜପୁର ଥାନା ଚଇନପୁର ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମର ହରିହର ମିଶ୍ରଙ୍କ ଝିଅ ସୁଚିତ୍ରାଙ୍କୁ ଆଇନ ଅନୁଯାୟୀ ବିବାହ କରିଥିବା ଦାବି କରିଥିଲେ ଧର୍ମଶାଳା ଥାନା କଣ୍ଟିଗଡ଼ିଆ ଗ୍ରାମର ଭାଗ୍ୟଧର ଦାଶ। ତେବେ ତାଙ୍କ ସ୍ତ୍ରୀଙ୍କୁ ଶ୍ୱଶୁର ଘର ଲୋକ ଅନ୍ୟତ୍ର ବିବାହ କରାଇଦେଉଥିବା ନେଇ ସେ ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ବିବାହ ସମ୍ପର୍କିତ ସମସ୍ତ ତଥ୍ୟପ୍ରମାଣ



ଥାନାକୁ ଆସିଥିବା ମହିଳା ଓ ତାଙ୍କ ପରିବାର।

ଏତଲାରେ ସଂଲଗ୍ନ କରିବା ସହିତ ସୁଚିତ୍ରା ମୋ ଘରୁ ଆସିଲାବେଳେ ଟଙ୍କା ଓ ସୁନା ମଧ ଆଣିଥିବା କଥା ଅଭିଯୋଗପତ୍ରରେ ଲେଖିଥିଲେ। ସ୍ତ୍ରୀକୁ ଫେରି ନ ପାଇଲେ ଥାନା ଆଗରେ ଆତ୍ମାହୁତି ଦେବି ବୋଲି ୫ ଦିନ ତଳେ ଥାନାରୁ ଫେରି ଗଣମାଧ୍ୟମକୁ ଜଣାଇଥିଲେ ଭାଗ୍ୟଧର। ଏ ଘଟଣାକୁ ନେଇ ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ମଙ୍ଗଳବାର ଉଭୟଙ୍କୁ ଥାନାକୁ ଡାକି ପଚାରିଥିଲେ। ଏଥିରେ ଅଭିଯୋଗକାରୀ ଭାଗ୍ୟଧର ବିବାହ ସମ୍ପର୍କିତ ପ୍ରମାଣ ପତ୍ର ଦାଖଲ କରି ସୁଚିତ୍ରାଙ୍କୁ ବିବାହ କରିଥିବା ନେଇ ପୋଲିସକୁ କହିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ସୁଚିତ୍ରା ଏହା ଭାଗ୍ୟଧରଙ୍କ ମନଗଢା ଓ ପ୍ରାୟୋଜିତ ବୋଲି କହିଛନ୍ତି। ସେ କହିଛନ୍ତି, ମୁଁ ଭାଗ୍ୟଧରଙ୍କୁ ବିବାହ କରିନାହିଁ। ଏବେ ବି ଅବିବାହିତା। ପିତାମାତାଙ୍କ କଥାରେ ଓ ତାଙ୍କ ଦ୍ୱାରା ସ୍ଥିରିକୃତ ପାତ୍ର ଦେଖି ବିବାହ କରିବି। ଭାଗ୍ୟଧର ଯେଉଁ ସତ୍ୟପାଠ ଓ ମନ୍ଦିର ବିବାହର ପ୍ରମାଣ ପ୍ରଦର୍ଶନ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଜାଲ ବୋଲି ସୁଚିତ୍ରା କହିଛନ୍ତି। ଭାଗ୍ୟଧର କିନ୍ତୁ ତଥ୍ୟ ପ୍ରମାଣକୁ ଧରି ପୋଲିସକୁ ତାଙ୍କସ୍ତ୍ରୀକୁ ଶ୍ୱଶୁର ଘର ଲୋକେ ପ୍ରଭାବିତ କରି ଏଭଳି ବୟାନ ପ୍ରସ୍ତୁତ କରିଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଚକ୍ର କହିଛନ୍ତି, ଆମ ପାଖରେ ତଥ୍ୟ ପ୍ରମାଣ ଯିଏ ଠିକ ଭାବରେ ଉପସ୍ଥାପନ କରିପାରିବେ ତାକୁ ହିଁ ଗ୍ରହଣ କରିପାରିବୁ। ତେଣିକି ପରବର୍ତ୍ତୀ ସମୟରେ ସେ ମାମଲା କୋର୍ଟକୁ ଯାଇପାରେ। ଅବା ସେମାନଙ୍କ ମଧରେ ଆପୋସ ମିଳାମିଶା ହୋଇପାରେ ତାହା ଭିନ୍ନ କଥା। ଆମ ପାଖରେ କିନ୍ତୁ ଭାଗ୍ୟଧରଙ୍କ ପ୍ରଦତ୍ତ ବିଶ୍ୱାସଯୋଗ୍ୟ କିଛି କାଗଜପତ୍ର ରହିଛି ବୋଲି ଚକ୍ର ସୂଚନା ଦେଇଛନ୍ତି। ତତସହିତ ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

**ଧର୍ମଶାଳା,୪।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ନିକଟସ୍ଥ ଦୁବଗାଡ଼ିଆ ମୌଜାରେ ସରକାରଙ୍କ ପକ୍ଷରୁ ଏହି ଦେଶୀ ମଦ ଦୋକାନ ଖୋଲାଯିବା ନେଇ ପ୍ରସ୍ତାବ ରହିଛି। ଏନେଇ ସ୍ଥାନ ନିରୂପଣ ହୋଇସାରିଛି। ତେବେ ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ମଙ୍ଗଳବାର ଜାରକା-ଭୋଇସାହି ରାସ୍ତାକୁ କିଛି ସମୟ ପାଇଁ ଅବରୋଧ କରିଥିଲେ। ଏଠାରେ ମଦ ଦୋକାନ ହେଲେ ନିକଟସ୍ଥ ଜନବସତି ଉପରେ କୁପ୍ରଭାବ ପଡ଼ିବ। ପ୍ରସ୍ତାବିତ ମଦ ଦୋକାନ ନିକଟରେ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ମା' ତାରିଣୀଙ୍କ ମନ୍ଦିର ରହିଛି। ଏପରି କି ଗମନାଗମନ ପାଇଁ ଏହା ମୁଖ୍ୟ ରାସ୍ତା। ତେଣୁ ରାସ୍ତା ପାର୍ଶ୍ୱରେ ମଦ ଦୋକାନ ଖୋଲିବା ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ମହିଳା ଅଭିଯୋଗ କରିଛନ୍ତି। ପ୍ରସ୍ତାବିତ ସ୍ଥାନକୁ



ମଦ ଦୋକାନକୁ ବିରୋଧ କରି ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

ମାପଚୁପ ପାଇଁ ଆସିଥିବା ଅବକାରୀ ବିଭାଗ ଅଧିକାରୀ ବନ୍ଦନା ପଟ୍ଟନାୟକ ଓ ରାଜସ୍ୱ ନିରୀକ୍ଷକ ମାନସ ରଞ୍ଜନ ବେଜଙ୍କୁ ମହିଳାମାନେ ବିରୋଧ କରିଥିଲେ। ଫଳରେ ସେମାନେ ଫେରି ଆସିଥିଲେ। ଆନ୍ଦୋଳନରେ ଗ୍ରାମର ବିଶ୍ୱବନ୍ଦନା ଜେନା, ମଧୁସ୍ମିତା ପତି, ବିଣାପାଣୀ ଜେନା, ଗଙ୍ଗା ଦେଓରୀ, ରୀନା ଦେଓରୀ, ମୁକ୍ତି ଦେଓରୀ, ସାବିତ୍ରୀ ଦେଓରୀ, କବିତା ଜେନା ଓ ନୋଏଡା ସିଂ ପ୍ରମୁଖ ଶତାଧିକ ମହିଳା ସାମିଲ ହୋଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଧର୍ମଶାଳା ବିଧାୟକ, ଯାଜପୁର ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ନିକଟକୁ ଦାବିପତ୍ର ପ୍ରେରଣ କରାଯାଇଛି। ପ୍ରସ୍ତାବିତ ମଦ ଦୋକାନକୁ ତୁରନ୍ତ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ଆମ୍ବଗଛରୁ ପଡ଼ି ଜଣେ ମୃତ

**ଚଣ୍ଡିଖୋଲ,୪।୫(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତ ପାରିପଲେଇ ଗ୍ରାମରେ ମଙ୍ଗଳବାର ସକାଳେ ଆମ୍ବଗଛରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ହେମନ୍ତ ସେଠୀ (୫୬)। ହେମନ୍ତ ସକାଳେ ନିଜ ବାଡ଼ିରେ ଥିବା ଗଛରେ ଚଢ଼ି ଆମ୍ବ ପାରୁଥିଲେ। ଗଛ ଡାଳ ଭାଙ୍ଗି ପଡ଼ିବାରୁ ସେ ୩୦ଫୁଟ୍ ତଳକୁ ଖସି ପଡ଼ିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସଙ୍ଗେସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସହାୟତା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା:MCL/HQ/EE/2021/Medical/594 ତା.30.04.2021ରିଖ

**ଏମ୍‌ସିଏଲ୍ ରେ ଚୁକ୍ତି ଭିତ୍ତିରେ ଅସ୍ଥାୟୀ ଡାକ୍ତରଙ୍କ ଆବଶ୍ୟକତା ନିମନ୍ତେ ସୂଚନା**

ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ) ଅସ୍ଥାୟୀ/ଚୁକ୍ତି ଭିତ୍ତିରେ ଏମ୍‌ସିଏଲ୍ / କୋଇଲା କ୍ଷେତ୍ର ର ହସ୍ପିଟାଲ / ଡିସ୍ପେନସରୀ ଠାରେ କାର୍ଯ୍ୟ କରିବା ନିମନ୍ତେ ସମର୍ପିତ ଏବଂ ଉଦ୍ୟମୀ ଡାକ୍ତରଙ୍କ ଆବଶ୍ୟକତା ରହିଛି। ଚୟନ ପ୍ରକ୍ରିୟା ଭିଡ଼ିଓ କନଫ୍ରେସିଂ ର ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ନିର୍ଦ୍ଧାରଣ କରାଯାଇଛି। ସାକ୍ଷାତକାର ପରୀକ୍ଷାର ତାରିଖ 20.05.2021 ଦିନ ନିର୍ଦ୍ଧାରିତ କରାଯାଇଅଛି। ବିଜ୍ଞାପନ ର ବିସ୍ତୃତ ବିବରଣୀ Careers@mcl -> Career News -> Recruitment ର ଅଧିନ ୱେବ୍‌ସାଇଟ୍ www.mahanadicoal.in ରେ ଦେଖାଯାଇ ପାରିବ।

ସ୍ୱା/-
ମହାପ୍ରବନ୍ଧକ (କାର୍ମିକ-ଅ.ସ୍ଥା)
ଏମ୍‌ସିଏଲ୍, ବୁର୍ଲା, ସମ୍ବଲପୁର

(R-5050)

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ୪୨୮୩-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୧୯-୨୦୨୧, (୨) ୪୨୮୪-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୨୦-୨୦୨୧, ତାରିଖ: ୦୪।୦୫।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** (୧) ଦକ୍ଷିଣ ପୂର୍ବ ରେଳପଥର ନାରାୟଣଗଡ଼-ଭଦ୍ରକ ମଧରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ସମସ୍ତ ୟାର୍ଡ ସମେତ ରାଜଘାଟ (ଇଏକ୍ସ) (କିମି ୧୯୨.୪୦)ରୁ ନୂଆଗାଁ ମୟୂରଭଞ୍ଜ ରୋଡ୍ (ଇଏକ୍ସ) (କିମି ୨୦୬.୫୪) ମଧରେ ଏମ୍ବାଙ୍କମେଣ୍ଟ/କଟିଂରେ ଆର୍ଥୱାର୍କ ଇନ୍ ଫର୍ମେଶନ୍, ଛୋଟ ସେତୁଗୁଡ଼ିକର ସମ୍ପ୍ରସାରଣ, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଏବଂ ତତ୍‌ସମ୍ପର୍କିତ କାର୍ଯ୍ୟ ନିର୍ବାହ। (୨) ଦକ୍ଷିଣ ପୂର୍ବ ରେଳପଥର ନାରାୟଣଗଡ଼-ଭଦ୍ରକ ମଧରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ସମସ୍ତ ୟାର୍ଡ ସମେତ ନୂଆଗାଁ ମୟୂରଭଞ୍ଜ (ଇନ୍) (କିମି ୨୦୬.୫୪)ରୁ ରୂପସା (ଇଏକ୍ସ) (କିମି ୨୧୧.୯୧) ମଧରେ ଏମ୍ବାଙ୍କମେଣ୍ଟ/କଟିଂରେ ଆର୍ଥୱାର୍କ ଇନ୍ ଫର୍ମେଶନ୍, ଛୋଟ ସେତୁଗୁଡ଼ିକର ସମ୍ପ୍ରସାରଣ, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଏବଂ ତତ୍‌ସମ୍ପର୍କିତ କାର୍ଯ୍ୟ ନିର୍ବାହ। **ଆନୁମାନିକ ମୂଲ୍ୟ:** ₹୯୦.୭୦ କୋଟି (କ୍ର.ସଂ. ୧ ପାଇଁ), ₹୪୨.୦୮ କୋଟି (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ୧୮ ମାସ (କ୍ର.ସଂ. ୧ ପାଇଁ), ୧୫ ମାସ (କ୍ର.ସଂ. ୨ ପାଇଁ)। **ବନ୍ଦ ହେବା ତାରିଖ:** ତା୨୫।୦୫।୨୦୨୧ରିଖ (କ୍ର.ସଂ. ୧ ପାଇଁ), ତା୨୮।୦୫।୨୦୨୧ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-55)

# ଦରପୋଡ଼ା ମୃତଦେହ କୁକୁର ଖାଇଲେ

### ମିଳିଲାନି ଶେଷ ସମ୍ମାନ

**ନାଉଗାଁ,୪।୫(ସ୍ୱ.ପ୍ର.)**

ଜଗତସିଂହପୁର ଜିଲା ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ ଅନ୍ତର୍ଗତ ବଛାଲୋ କୁଣ୍ଡି ଗାଁରେ ରବିବାର ବିଳମ୍ବିତ ରାତିରେ କରୋନାରେ ଆକ୍ରାନ୍ତ ହୋଇଥିବା ଆଦିକନ୍ଦ ରାଉତ (୭୫)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଦରପୋଡ଼ା ମୃତଦେହକୁ ମଙ୍ଗଳବାର କୁକୁର ଖାଉଥିବା ଦେଖି ମୃତଦେହକୁ ଶେଷ ସମ୍ମାନ ମିଳିଲାନି ବୋଲି ଚର୍ଚ୍ଚା ହେଉଛି। ଆଦିକନ୍ଦ ୨୮ ଏପ୍ରିଲରୁ କରୋନାରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ରବିବାର ରାତିରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ଯନ୍ତ୍ରଣା ଅନୁଭବ କରିଥିଲେ। ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ସଂକ୍ରମଣ ଭୟରେ ମୃତଦେହ ସତ୍କାର ପାଇଁ ଆତ୍ମୀୟ ସ୍ୱଜନ ଓ ବନ୍ଧୁ ପରିଜନ କେହି ଆସି ନ ଥିଲେ। ଫଳରେ ମୃତଦେହ ଦୀର୍ଘ ୧୩ ଘଣ୍ଟା ପର୍ଯ୍ୟନ୍ତ ପଡ଼ି ରହିଥିଲା। ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ରଘୁନାଥପୁରର ଏକ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମୀ ସୋମବାର ଆସି ଆଦିକନ୍ଦଙ୍କ ମୃତଦେହ ଦେବୀ ନଦୀପଠାରେ ସତ୍କାର କରିଥିଲେ। ତେବେ ମୃତଦେହ ଠିକ୍‌ଭାବେ ପୋଡିଛି କି ନାହିଁ ତାହା ନ ଦେଖି ସେମାନେ ସେଠାରୁ ଚାଲିଯାଇଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ଦରପୋଡ଼ା ମୃତଦେହକୁ କୁକୁର ଖାଉଥିବା ଦେଖିଥିଲେ। ଏ ସମ୍ପର୍କରେ ସରପଞ୍ଚ ନରୋତ୍ତମ କାଣ୍ଡି କହିଛନ୍ତି, ମୃତଦେହ ଠିକ୍ ଭାବେ ପୋଡା ହୋଇଥିଲା। ବାହାର ଲୋକଙ୍କ ଦ୍ୱାରା ମୃତଦେହ ସତ୍କାର କରାଯାଇଥିବାରୁ ପୋଡା ସମୟରେ ସାମାନ୍ୟତମ ଅଂଶ ରହିଯାଇଛି। ଯାହାକୁ କୁକୁର ଖେଳାଇ ବାହାର କରିଛନ୍ତି। ଏ ବିଷୟରେ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ମୃତଦେହର ପଡ଼ିଥିବା ଅଂଶକୁ ପୋତା ଯିବା ପାଇଁ ବ୍ୟବସ୍ଥା କରାଯିବ।

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି**

**ପରିସମାପନଧୀନ କେଭିକେ ନୀଳାଚଳ ପାଓ୍ୱାର ପ୍ରାଇଭେଟ୍ ଲିମିଟେଡ୍**
**ଇ-ନିଲାମ ପାଇଁ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଛି ଯେ କରୋନା ମହାମାରୀର ଦ୍ୱିତୀୟ ଲହର କାରଣରୁ, **ପରିସମାପନଧୀନ ମେସର୍ସ କେଭିକେ ନୀଳାଚଳ ପାଓ୍ୱାର ପ୍ରାଇଭେଟ୍ ଲିମିଟେଡ୍‌ର** ଚାଲୁ ବ୍ୟବସାୟ ଭିତ୍ତିରେ ତଥା **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ"** ଏବଂ **"ବିନା ଅବଲମ୍ବନ ଭିତ୍ତିରେ"** ବ୍ୟବସାୟର ବିକ୍ରୟ ପାଇଁ ଇ-ନିଲାମ, ଯାହା ମୂଳତଃ **୧୯ ଏପ୍ରିଲ, ୨୦୨୧**ରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ଏବଂ **ବୁଧବାର, ୫ ମେ, ୨୦୨୧**କୁ ବୃଦ୍ଧି ହୋଇଥିଲା, ତାହାକୁ ପୁନର୍ବାର **ଶନିବାର, ୫ ଜୁନ୍, ୨୦୨୧** କୁ ବୃଦ୍ଧି କରାଯାଇଛି ଏବଂ ସେହି ଅନୁଯାୟୀ ଦସ୍ତାବିଜ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖକୁ ବର୍ତ୍ତମାନ **ଗୁରୁବାର, ୩ ଜୁନ୍, ୨୦୨୧**କୁ ସଂଶୋଧନ କରାଯାଇଛି।
ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ଓ ଅପରିବର୍ତ୍ତିତ ରହିବ। ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ୱେବ୍‌ସାଇଟ୍: www.kvknilachalpower.com, https://right2vote.in ତଥା www.kgsip.comରେ ମଧ ଉପଲବ୍ଧ।
କୌଣସି ସ୍ପଷ୍ଟୀକରଣ ପାଇଁ, ନିମ୍ନପ୍ରଦତ୍ତ ବିବରଣୀରେ ଯୋଗାଯୋଗ କରନ୍ତୁ।

ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨,
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୬୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

ହେ ମନୁଷ୍ୟମାନେ ! ହେ ଦେଶ ଓ ମହାଦେଶ ସକଳ ! ସ୍ୱେଚ୍ଛାରେ ବାଛିନିଅ– ସତ୍ୟ କିମ୍ବା ରସାତଳ।... ସତ୍ୟକୁ ଭଲ ପାଅ। ସୁନ୍ଦର ଚେତନାରେ ଉଷାର ଆଲୋକ ଫୁଟିଉଠୁ। –ଶ୍ରୀମା



# ପ୍ରଚାର ବ୍ୟାକୁଳ

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ତାଙ୍କ ଟୁଇଟରରେ ଘୃଣା ବାର୍ତ୍ତା ପ୍ରଚାର କରିଥିବାରୁ ଏବେ ଏହି ସାମାଜିକ ଗଣମାଧ୍ୟମ ତାଙ୍କ ଆକାଉଣ୍ଟକୁ ନିଷିଦ୍ଧ କରିଦେଇଛି। ନିର୍ବାଚନ ପରେ ପଶ୍ଚିମବଙ୍ଗରେ ହିଂସା ଘଟୁଥିବାରୁ ତାହାକୁ ସେ ଭୟଙ୍କର ବୋଲି କହିଛନ୍ତି। ଏଥିପାଇଁ ସେ ସିଧାସଳଖ ତୃଣମୂଳ ମୁଖ୍ୟ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଛନ୍ତି। ସେ ତାଙ୍କୁ ଜଣେ ରାକ୍ଷସୀର ଆଖ୍ୟା ଦେଇଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀଙ୍କୁ ଲକ୍ଷ୍ୟକରି କହିଛନ୍ତି ଯେ, ମମତାଙ୍କୁ ଦମନ କରିବା ପାଇଁ ନରେନ୍ଦ୍ର ମୋଦି ତାଙ୍କର ଗୋଧ୍ରା ସମୟର ଗୁଣ୍ଡା ରୂପ ପୁନର୍ବାର ଧାରଣ କରନ୍ତୁ। ଗୁଣ୍ଡାକୁ ମାରିବାକୁ ହେଲେ ସୁପରଗୁଣ୍ଡା ହେବାକୁ ପଡ଼େ ବୋଲି କଙ୍ଗନା କହିଛନ୍ତି।

ଦେଖିବାକୁ ଗଲେ କଙ୍ଗନା ଜଣେ ସିନେମା କର୍ମୀ, ଯିଏ ଗଣମାଧ୍ୟମ ଦୃଷ୍ଟିରେ ସର୍ବଦା ରହିବାକୁ ଚାହାନ୍ତି। ତାଙ୍କର ସେଭଳି ହିଟ୍ ହୋଇଥିବା ସିନେମା ନାହିଁ। କିନ୍ତୁ ନିକଟ ଅତୀତରେ ବିଶେଷକରି ଥରେ ଦୁଇ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ କଙ୍ଗନା ତାଙ୍କ ଘୃଣାରେ ଭର୍ତ୍ତି ହୋଇଥିବା ଚରିତ୍ରକୁ ପ୍ରଦର୍ଶନ କରି ଲୋକଲୋଚନରେ ରହିବାକୁ ଚେଷ୍ଟା କରିଆସୁଛନ୍ତି। ପୂର୍ବରୁ ମୁସଲମାନ ସମ୍ପ୍ରଦାୟ ବିରୋଧରେ ମତ ଦେବା, ମହାରାଷ୍ଟ୍ରରେ ଶିବ ସେନା ସରକାରକୁ ଅଭଦ୍ର ଭାଷାରେ ଗାଳି ଦେଇ ସୋସିଆଲ ମିଡିଆରେ ପୋଷ୍ଟ କରିବାରୁ ଏକ ଭାବମୂର୍ତ୍ତି ସୃଷ୍ଟି ହେଲା ଯେ, କଙ୍ଗନା ହେଉଛନ୍ତି ଭାଜପାର ଜଣେ ଆଗ ଧାଡ଼ିର ସମର୍ଥକ। ନିକଟରେ ପଶ୍ଚିମବଙ୍ଗରେ ଭାଜପାର ସବୁ କଳ, ବଳ, କୌଶଳ ଲଗାଯିବା ସତ୍ତ୍ୱେ ପରାଜୟ ହୋଇଥିବାରୁ କଙ୍ଗନାଙ୍କୁ ତାହା ବ୍ୟତିବ୍ୟସ୍ତ କଲାଭଳି ମନେହେଉଛି। ବିଶେଷକରି ପଶ୍ଚିମବଙ୍ଗରେ ଭାଜପା ସମର୍ଥକଙ୍କୁ ଆକ୍ରମଣ ହେଉଥିବାରୁ ଏହାର ନେତାମାନେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରୁଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କଠାରୁ ସବିଶେଷ ରିପୋର୍ଟ ମାଗିଛନ୍ତି। ଏଥିରୁ ବୁଝାପଡୁଛି ଯେ, କେନ୍ଦ୍ର ସରକାର ମଧ୍ୟ ସେଠାରେ କେଉଁ ପ୍ରକାର ହିଂସା ଘଟୁଛି, କିଏ କରାଉଛନ୍ତି ଓ କାହା ବିରୋଧରେ ଘଟୁଛି ସେ ସମ୍ପର୍କରେ ଅବଗତ ନାହାନ୍ତି।

ଗୋଟିଏ ରାଜ୍ୟରେ ହିଂସାକାଣ୍ଡ ଘଟି ଲୋକଙ୍କ ଜୀବନ ଯାଇଥିବା ବେଳେ ଦେଶର ସାମାଜିକ ଓ ରାଜନୈତିକ ବାତାବରଣକୁ ଦୋହଲାଇ ଦେବା ଭଳି ଘୃଣା ବାର୍ତ୍ତା ପ୍ରଚାର କରାଯିବା ଗର୍ହିତ ଅପରାଧ। କଙ୍ଗନାଙ୍କ ଟୁଇଟ୍‌କୁ ଲକ୍ଷ୍ୟ କଲେ ବୁଝିବାକୁ ହେବ ଯେ, ଗୁଜରାଟ ଦଙ୍ଗା ମୋଦିଙ୍କ ପ୍ରରୋଚନାରେ ହୋଇଥିଲା ବୋଲି ସେ ସିଦ୍ଧ କରିଦେଉଛନ୍ତି। ତଥାପି ଭାଜପା କଙ୍ଗନାଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍ସାହିତ କରିଚାଲିଛି। ଏହାଦ୍ୱାରା ଦଳ ଏକ ବଡ଼ ଭୁଲ କରିବସୁଛି। ଗହୀରେଇ କରି ଦେଖିଲେ ମୋଦିଙ୍କୁ କଙ୍ଗନା ଜଣେ ହତ୍ୟାକାରୀ ଭାବେ ଅଭିହିତ କରିସାରିଲେଣି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଯେତେବେଳେ ଗୁଜରାଟରେ ଭୟଙ୍କର ଦଙ୍ଗା ଘଟିଥିଲା, ସେତେବେଳେ ମୋଦି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। 'କଣ୍ଟାକୁ କଣ୍ଟାରେ କାଢ଼ିବା' ଭଳି ସାମାଜିକ ଗଣମାଧ୍ୟମରେ କଙ୍ଗନାଙ୍କ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଏଭଳି କହିବା ଅତ୍ୟନ୍ତ ହାସ୍ୟାସ୍ପଦ।

ଆଜିର ନୂଆ ପ୍ରଯୁକ୍ତି ଯୁଗରେ ନିମିଷକ ମଧ୍ୟରେ ସୂଚନା ବା ଖବର ବିଶ୍ୱସାରା ଖେଳେଇ ହୋଇଯାଉଛି। କଙ୍ଗନାଙ୍କ ପରି ଘୃଣାତ୍ମକ ବାର୍ତ୍ତା ହିଂସାକୁ ବଢ଼ାଇବାରେ ସହାୟକ ହେବ। ତେଣୁ ଏଭଳି ବ୍ୟକ୍ତିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ କେବଳ ବନ୍ଦ କରିଦେଲେ ହେବ ନାହିଁ, ବରଂ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଭାଜପାର ଛତ୍ରଛାୟା ତଳେ ରହି କଙ୍ଗନା ଅତୀତରେ ବହୁ ମାରାତ୍ମକ ମତ ଦେଇ ଦେଶ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛନ୍ତି। ଗତବର୍ଷ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ କଙ୍ଗନା ସମଗ୍ର ଚଳଚ୍ଚିତ୍ର ଜଗତକୁ ନିନ୍ଦା ଭିତରକୁ ଠେଲି ଦେଇଥିଲେ। ଏପରି କି ତାଙ୍କ ଯୋଗୁ ବୃହତ୍ ମନୋରଞ୍ଜନ ଶିଳ୍ପରେ କଳାଦାଗ ଲାଗିଛି। ଭାଜପା କଙ୍ଗନାଙ୍କ ଭଳି ସମର୍ଥକଙ୍କୁ ଯଦି ଉତ୍ସାହିତ କରିବ, ତେବେ ଭାରତକୁ ଗଭୀର କ୍ଷତି ପହଞ୍ଚିବ।

# ଶ୍ରୀଫଳରୁ ଶ୍ରୀ



ରଞ୍ଜନ କୁମାର ଦାସ

ନିକଟରେ ନିର୍ବାଚନ କାର୍ଯ୍ୟରେ ପର୍ଯ୍ୟବେକ୍ଷକ ଭାବେ କେରଳ ଯିବାର ସୁଯୋଗ ଆସିଥିଲା। କେରଳକୁ ଭଗବାନଙ୍କ ନିଜ ରାଜ୍ୟ ରୂପେ ଚିତ୍ରିତ କରାଯାଏ। ଏଠିକି ଆସିବା ପୂର୍ବରୁ ଏହାକୁ ଏକ ଅତିଶୟୋକ୍ତି ବୋଲି ମନେ କରୁଥିଲି। ମାତ୍ର ଏଠି ପହଞ୍ଚିଲା ପରେ ହିଁ ହୃଦ୍‌ବୋଧ ହେଲା କାହିଁକି ଏହାକୁ ଭଗବାନଙ୍କ ପ୍ରିୟ ସ୍ଥାନ କୁହାଯାଏ। ଆମ ରାଜ୍ୟରେ ମଧ୍ୟ ବିଶ୍ୱାସ କରାଯାଏ ଯେ, ଉଦ୍‌ଯୋଗୀ ଲୋକଙ୍କ କାନ୍ଧରେ ଲକ୍ଷ୍ମୀ ବାସ କରନ୍ତି। ବାସ୍ତବରେ ସେଇ କାରଣରୁ ଅର୍ଥାତ୍ ଏଠାର ଲୋକମାନେ ଖୁବ୍ ଉଦ୍‌ଯୋଗୀ ହୋଇଥିବାରୁ ଏଠି ଲକ୍ଷ୍ମୀ ବାସ କରନ୍ତି। ଆଉ ଲକ୍ଷ୍ମୀ ଯେଉଁଠି ସ୍ୱୟଂ ଭଗବାନ ତ ନିଶ୍ଚୟ ସେଠି ରହିବେ। ଏଠି ପ୍ରତି ଘରେ ଘରେ ନଡ଼ିଆ ବାରି। ତା' ଭିତରେ ଗୁଆଗଛ, କଦଳୀ ଗଛ ନିଶ୍ଚୟ ଭରି ରହିଥିବ। ତଳେ ଇଞ୍ଚେ ବି ଜାଗା ସେମାନେ ବେକାର ଛାଡ଼ନ୍ତି ନାହିଁ। ନଡ଼ିଆ ଗଛରେ ଲଟେଇ ବଢୁଥିବ ଗୋଲମରିଚ ବା କୋକୋ ଗଛ। ତଳେ ଗଛରୁ ଗଛ ମଝିରେ ଥିବା ଫାଙ୍କ ବି ଫାଙ୍କା ନ ଛାଡ଼ି ଲଗେଇ ଦିଅନ୍ତି ସପୁରି ଭଳି ଛୋଟ ଗଛ। ତେଣୁ ବର୍ଷ ସାରା ତାଙ୍କର କୋଉଥିରୁ ନା କୋଉଥିରୁ ଆୟ ହେଉଥାଏ। ଏଠି ବେଶ୍ କିଛି ଦିନ ରହିବା ଭିତରେ ଲୋକଙ୍କର ସ୍ୱଚ୍ଛଳତା ମତେ ପ୍ରଭାବିତ କରିଥିଲା। ଯେ କୌଣସି ଗାଁରେ ପଶିଗଲେ ବେଶ୍ ବଡ଼ ବଡ଼ ରୁଚିସମ୍ପନ୍ନ ଆକର୍ଷଣୀୟ କୋଠାଘର ସବୁ ପରିଲକ୍ଷିତ ହୁଏ। ସବୁ ଘର ଆଗରେ ଖୋଲା ଜାଗା, ବାଲକୋନି ଓ ପାଚେରି। ଗାଁଗୁଡ଼ିକ ଗୋଟେ ଗୋଟେ ଛୋଟ ସହର ଭଳି ଲାଗେ। ଗାଁ ମୁଣ୍ଡର ବଜାରଗୁଡ଼ିକ ମଧ୍ୟ ବେଶ୍ ବଡ଼, ରୁଚିଶୀଳ ଓ ଅତ୍ୟାଧୁନିକ ସୁବିଧାସମ୍ପନ୍ନ। ଲୋକଙ୍କର କ୍ରୟ କ୍ଷମତା ନ ଥିଲେ ଗାଁ ମୁଣ୍ଡରେ ସେଭଳି ଅତ୍ୟାଧୁନିକ ଦୋକାନ ରହିବାର ଯଥାର୍ଥତା ନ ଥାନ୍ତା। ତେଣୁ ଆରାମରେ କୁହାଯାଇପାରେ ଯେ ଲୋକମାନେ ସେଠି ସମ୍ପନ୍ନ ଓ ସ୍ୱଚ୍ଛଳ। ଏମାନଙ୍କ ସ୍ୱଚ୍ଛଳତାର ମୁଖ୍ୟ କାରଣ କୃଷି। କୃଷି ବ୍ୟତୀତ ସମଗ୍ର କେରଳରେ କୌଣସି ଶିଳ୍ପ ବା ଖଣିଖାଦାନ ନାହିଁ। କୃଷି ଭିତରେ ନଡ଼ିଆ, ଗୁଆ, କଦଳୀ, କୋକୋ ଏବଂ ରବର ମୁଖ୍ୟ। ପ୍ରାୟ ଲୋକଙ୍କ ଘର ଆଗରେ ଚାରିଚକିଆ ଗାଡ଼ିଟିଏ ମଧ୍ୟ ଥିବାର ଦେଖିବାକୁ ମିଳେ। ଲୁଙ୍ଗି ପିନ୍ଧି ଚାଷୀମାନେ ବୁଲେଟ ଗାଡ଼ିରେ ଯାଉଥିବାର ଦୃଶ୍ୟ ମଧ୍ୟ ବହୁଳ ଭାବେ ଦୃଷ୍ଟିଗୋଚର ହୁଏ।

ସାଧାରଣତଃ ଆମର ଧାରଣା ଥାଏ ଯେ ନଡ଼ିଆଗଛ କେବଳ ପାଣି ଜାଗାରେ ହୋଇପାରେ। ମାତ୍ର ଏଠି ଆସି ଜାଣିବାକୁ ପାଇଲି ଯେ ଶୁଖିଲା ଜାଗାରେ ବି ନଡ଼ିଆଗଛ ବଢ଼ିବାରେ ଅସୁବିଧା ନାହିଁ। ଉତ୍ତର କେରଳର ମୁଁ ଯେଉଁ ଜିଲାକୁ ଆସିଥିଲି ତା'ର ନାଁ ଥିଲା କାସରଗଡ଼। ସେଇଟି ଗୋଟିଏ ପାହାଡ଼ିଆ ଟାଙ୍ଗରା ଜାଗା। ଚାରିଆଡ଼େ ମାଙ୍କଡ଼ା ପଥର ଖାଦାନ। ସେଠି ବି ଚାରିଆଡ଼େ ନଡ଼ିଆ, ଗୁଆ, କଦଳୀ ବଗିଚା। ସେଇଥି ପାଇଁ ସେଠି ଭୂତଳ ଜଳସ୍ତର ମଧ୍ୟ ନିୟମିତ ଭାବେ ଭୂପୃଷ୍ଠର ପାଖାପାଖି ଥାଏ ଏବଂ ବର୍ଷ ସାରା ସବୁଜିମା ଥାଏ। ପରିବେଶ ଶୀତଳ ମଧ୍ୟ ଥାଏ।

ଆମ ଓଡ଼ିଶାରେ ସମଗ୍ର ପୁରୀ ଜିଲା ଏପରି କି ଅବିଭକ୍ତ କଟକ ଆଦି ଜିଲାରେ ମଧ୍ୟ ନଡ଼ିଆ ଚାଷ ବହୁଳ ଭାବେ ହୁଏ। ମାତ୍ର ଏଠିକାର ଚାଷୀ ସେଇ ନଡ଼ିଆ ଚାଷ କରି କାହିଁକି ଓଡ଼ିଶାର ନଡ଼ିଆ ଚାଷୀଙ୍କଠାରୁ ଅଧିକ ଧନୀ ତା'ର ଏକ ଚମକ୍‌ପ୍ରଦ କାରଣ ମୋର ଦୃଷ୍ଟି ଗୋଚର ହେଲା। ପ୍ରାଥମିକ ଭାବେ ଯେ କେହି କହିପାରିବ ଯେ ଆମ ଓଡ଼ିଶାର ଲୋକମାନେ ବା ଚାଷୀମାନେ ଏବେ ଆଉ ପୂର୍ବଭଳି ଉଦ୍‌ଯୋଗୀ ନୁହନ୍ତି। ଏକଦା ସେମାନେ ସମଗ୍ର ଦକ୍ଷିଣ–ପୂର୍ବ ଏସିଆକୁ ବ୍ୟବସାୟରେ କରାୟତ୍ତ କରି ତାଙ୍କ ଉଦ୍‌ଯୋଗର ପ୍ରମାଣ ଦେଇଥିଲେ। ମାତ୍ର ଏବେ ଆଉ ତାହା ରହିନାହିଁ। ଗାଁଗହଳରେ ଲୋକଙ୍କ ଭିତରେ ଶ୍ରମ ବିମୁଖତା ଓ ଛୋଟ ହେଉ ପଛେ ଚାକିରି ପ୍ରତି ଅହେତୁକ ଆକର୍ଷଣ ଆମକୁ ଏକ ସାଧାରଣ ଜାତିରେ ପରିଣତ କରି ସାରିଛି। ଆମେ ଆଉ ଅସାଧାରଣ ହୋଇ ରହିନାହେଁ ଏକଥା ସ୍ୱୀକାର କରିବାକୁ ପଡ଼ିବ। ମୁଁ ଏ ପ୍ରାଥମିକ କାରଣଟିକୁ ବାଦ୍ ଦେଇ ଆଉ ଏକ କାରଣ ଖୋଜି ପାଇଲି, ଯାହା ସେମାନଙ୍କୁ ସ୍ୱତନ୍ତ୍ର କରିଛି। ଓଡ଼ିଶାରେ ନଡ଼ିଆ ଚାଷୀମାନେ କେବଳ ପଇଡ଼, ପାକଳ ନଡ଼ିଆ ବିକ୍ରି ଉପରେ ନିର୍ଭର କରି ଚାଷ କରିଥାନ୍ତି। ଅତି ବେଶିରେ ନଡ଼ିଆ କତା ବିକ୍ରିରୁ ମଧ୍ୟ ଅଳ୍ପ କିଛି ଆୟ ହୁଏ। ଧରାଯାଉ ଗୋଟେ ନଡ଼ିଆ ଗଛରେ ବର୍ଷକୁ ଶହେ ପାଖାପାଖି ପଇଡ଼ ବା ନଡ଼ିଆ ବାହାରେ। ଗୋଟା ପଇଡ଼ ବା ନଡ଼ିଆ ପିଛା କୋଡ଼ିଏ ଟଙ୍କା ହେଲେ ଓଡ଼ିଶାର ଜଣେ ନଡ଼ିଆ ଚାଷୀ ବର୍ଷକୁ ଦୁଇ ହଜାର ଟଙ୍କା ପାଇବ। ମାତ୍ର କେରଳରେ ନଡ଼ିଆ ଚାଷୀମାନେ ଆଗଭଳି ସେଇ ଚିରାଚରିତ ପଇଡ଼ ବା ନଡ଼ିଆ ବିକ୍ରି କରି ଚଳିବା ଉପରେ ନିର୍ଭର କରୁନାହାନ୍ତି। ନଡ଼ିଆ ତେଲ ବ୍ୟତୀତ ଆମ ଅଞ୍ଚଳରେ ଯେମିତି ଖଜୁରି ଗଛରୁ ନୀରା ସଂଗ୍ରହ ହୁଏ ଏଠି ନଡ଼ିଆ ଗଛର କାନ୍ଦିରୁ ସେଇଭଳି ନୀରା ସଂଗ୍ରହ କରୁଛନ୍ତି। ନଡ଼ିଆ ଗଛରେ ଯେତେବେଳେ ନୂଆ କାନ୍ଦି ପଡ଼ି ଚଅଁର ବାହାରିବା ଆରମ୍ଭ ହୁଏ ସେମାନେ ଅଗଆଡୁ ତାକୁ କାଟି ଦେଇ ସେଠି ଗୋଟେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମାଟି ହାଣ୍ଡି ବସେଇ ଦିଅନ୍ତି। ମାଟିହାଣ୍ଡିଟି ଏଭଳି ନିର୍ମିତ ଯେ ତା'ର ଗୋଟିଏ କଡ଼ରେ ଥିବା କଣା ଭିତରେ କାନ୍ଦିର କଟା ଯାଇଥିବା ଅଗଟିକୁ ପୂରେଇ ଦିଆଯାଏ। ଭିତରେ ଗୋଟେ ଜରିରେ କିଛି ବରଫ ପୂରେଇ ରଖାଯାଇଥାଏ । ଏଇ ବରଫ ଯୋଗୁ ମାଟି ହାଣ୍ଡି ଭିତରେ ଥିବା ମୁଣିରେ ସଂଗୃହୀତ ହେଉଥିବା ନୀରା ଖରାପ ହୁଏ ନାହିଁ ଓ ଥଣ୍ଡା ରହେ। ଖଜୁରି ଗଛରେ ନୀରା ଯେତେବେଳେ ପବନ ଓ ଉଚ୍ଚ ତାପମାତ୍ରା ସମ୍ପର୍କରେ ଆସେ ତାହା ଖଜୁରି ତାଡ଼ିରେ ପରିଣତ ହୋଇଯାଏ ଓ ନିଶାମୁକ୍ତ ହୋଇଯାଏ। ମାତ୍ର ଏହି ପଦ୍ଧତିରେ କେରଳରେ ସଂଗୃହୀତ ହେଉଥିବା ନୀରା ପବନ ଓ ତାପମାତ୍ରା ଦ୍ୱାରା ପ୍ରଭାବିତ ହେଉ ନ ଥିବାରୁ ତାହା ଦିନେ ଦି'ଦିନ ଯାଏ ଖରାପ ନ ହୋଇ ମାଟି ହାଣ୍ଡି ଭିତରେ ରହିପାରେ। ଗୋଟିଏ ଗଛରେ ବର୍ଷକୁ ଚାରି ପାଞ୍ଚଟି କାନ୍ଦି ପଡ଼ିପାରେ। ପ୍ରତି କାନ୍ଦିରୁ ପ୍ରତିଦିନ ସକାଳେ ଦେଢ଼ ଲିଟର ଓ ସନ୍ଧ୍ୟାରେ ପ୍ରାୟ ଲିଟରେ ପାଖାପାଖି ନୀରା ସଂଗୃହୀତ ହୋଇପାରେ। ଏହାର ଲିଟର ପିଛା ବଜାର ମୂଲ୍ୟ ଦେଢ଼ଶହ ଟଙ୍କା ଯାହା ସେମାନେ ବ୍ୟବସାୟିକ ଭାବେ ବୋତଲରେ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଲିଟର ପିଛା ଯେଉଁ ଦେଢ଼ଶହ ଆୟ ହୁଏ ସେଥିରୁ ଚାଷୀ ପାଏ ଚାଳିଶଟଙ୍କା, ତୋଳିବା ବାଲା ତିରିଶ ଟଙ୍କା ଓ ବାକି ଷାଠିଏ ଟଙ୍କା ଖର୍ଚ୍ଚ ହୁଏ ଚାଷ, ଜଳସେଚନ, ସୁରକ୍ଷା ଔଷଧ, ପରିବହନ ଓ ବଜାର ଜନିତ ବାବଦରେ। ଗୋଟିଏ ଗଛରୁ ଏକାବେଳେ ଦୁଇ ତିନିଟି କାନ୍ଦି ପଡ଼ିଲେ ପ୍ରାୟ ଛଅରୁ ସାତ ଲିଟର ନୀରା ସଂଗ୍ରହ ହୋଇପାରେ। ତେଣୁ ଗଛ ପିଛା ଦୈନିକ ଆୟ ଅଢ଼େଇ ଶହରୁ ତିନିଶହ ଟଙ୍କା ହୋଇପାରେ। ବର୍ଷରେ ଯଦି ଛଅ ମାସ ଫଳରହେ ତେବେ ବାର୍ଷିକ ଆୟ ହେବ ପ୍ରାୟ ପଚାଶ ହଜାର। ଗୋଟେ ନଡ଼ିଆଗଛ ପ୍ରାୟ ୩୦–୪୦ ବର୍ଷ ଯାଏ ରୋଜଗାର ଦେଇପାରେ। ଜଣେ ଜଣେ ଚାଷୀ ଏଥିରୁ ବର୍ଷକୁ ଗଛ ପିଛା ଲକ୍ଷେ ଟଙ୍କା ପାଖାପାଖି ଆୟ କରନ୍ତି। ତେଣୁ ସେମାନେ ସ୍ୱଚ୍ଛଳ ହେବେ ନାହିଁ କାହିଁକି? ଚାକିରି ପଛରେ ସେମାନେ ଗୋଡ଼େଇବେ କାହିଁକି? ଖାଲି ପଇଡ଼ ବା ନଡ଼ିଆ ଉତ୍ପାଦନ ଉପରେ ନିର୍ଭର କରିଥିଲେ ବର୍ଷକୁ ଅତିବେଶିରେ ତିନି ଚାରି ହଜାର ଆୟ ହୋଇଥାନ୍ତା।

ଏବେ ନୀରାର ନୈତିକତା ଉପରେ ପ୍ରଶ୍ନ କେହି କେହି କରିପାରନ୍ତି। ଏହାକୁ ନିଶାଯୁକ୍ତ କହି କେହି କେହି ଗ୍ରହଣ କରି ନ ପାରନ୍ତି। ମାତ୍ର କହି ରଖେ ଯେ, ଖଜୁରି ବା ନଡ଼ିଆ ଗଛରୁ ସଂଗୃହୀତ ନୀରାରେ ଖରା ପଡ଼ିଲେ ତାପମାତ୍ରା ଅଧିକ ହେଲେ ବା ପବନ ସଂସ୍ପର୍ଶରେ ଆସିଲେ ତାହା ନିଶାମୁକ୍ତ ହୋଇଥାନ୍ତା। ମାତ୍ର ଏହା ବନ୍ଦ ମାଟିପାତ୍ରରେ ବରଫ ମଧ୍ୟରେ ସଂଗୃହୀତ ହେଉଥିବାରୁ ଏହା ତାଡ଼ିରେ ପରିଣତ ହୁଏନାହିଁ। ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ମଧ୍ୟ ଏହା ବହୁତ ଉପକାରୀ। ସ୍ଥାନୀୟ ଅଞ୍ଚଳରେ ଏହାକୁ କଳ୍ପରସ ବୋଲି ମଧ୍ୟ କୁହାଯାଏ। ଏହାକୁ ବରଫ ଭିତରେ ଥଣ୍ଡା କରି ୪୫ ଦିନ ଯାଏ ରଖାଯାଇପାରେ। ଏଥିରେ ଶ୍ୱେତସାର ୧୪% ଥିବାବେଳେ ଭିଟାମିନ–ସି, ଭିଟାମିନ–ବି କମ୍ପ୍ଲେକ୍ସ ଓ ଆମିନୋ ଏସିଡ୍‌ର ଉପସ୍ଥିତି ମଧ୍ୟ ଯଥେଷ୍ଟ ଥାଏ। ତା'ଛଡ଼ା କ୍ୟାଲସିୟମ, ମ୍ୟାଗନେସିୟମ୍, ପୋଟାସିୟମ୍, ଆଇରନ, ସୋଡ଼ିଅମ ଓ ଫସଫରସ ମଧ୍ୟ ପ୍ରଚୁର ମାତ୍ରାରେ ଥାଏ। ଶ୍ୱେତସାର ୧୪% ଥିଲେ ମଧ୍ୟ ମଧୁମେହ ରୋଗୀମାନେ ଏହାକୁ ନିରାପଦ ଭାବେ ଗ୍ରହଣ କରିପାରିବେ କାରଣ ଏହାର ଗ୍ଲାଇସେମିକ୍ ଭାଲ୍ୟୁ ମଧ୍ୟ ଯଥେଷ୍ଟ କମ୍। ଏହି ନୀରାକୁ ସଂଗ୍ରହ କରି ତାକୁ ବୈଜ୍ଞାନିକ ପଦ୍ଧତିରେ ଶୁଖେଇ ସେଥିରୁ ନଡ଼ିଆ ଚିନି, ନଡ଼ିଆ ମହୁ ମଧ୍ୟ ପ୍ରସ୍ତୁତ କରାଯାଉଛି। ଗୋଟେ ଲିଟର ନୀରାରୁ ୩୦୦–୪୦୦ ଗ୍ରାମ୍ ଚିନି ସଂଗ୍ରହ କରାଯାଇପାରେ, ଯାହାର କେଜି ପିଛା ମୂଲ୍ୟ ୬୫୦ ଟଙ୍କା। ଏହାକୁ ମଧୁମେହ ରୋଗୀ ମଧ୍ୟ ଗ୍ରହଣ କରିପାରିବେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ମଧ୍ୟ ପ୍ରଚୁର ମାତ୍ରାରେ ଥିବାରୁ ବୟସଜନିତ ସମସ୍ୟା ଓ କ୍ୟାନ୍‌ସରକୁ ମଧ୍ୟ ପ୍ରତିହତ କରେ। ପୋଟାସିୟମ୍ ଯୋଗୁ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହେ। କ୍ୟାଲସିୟମ୍ ଓ ଭିଟାମିନ୍ ଯୋଗୁ ହାଡ଼ ଶକ୍ତ ହୁଏ ଏବଂ ରକ୍ତହୀନତା ଦୂର କରେ। ଏଥିରେ ଥିବା ଗ୍ଲୁଟାମିକ ଏସିଡ୍ ନାମକ ଆମିନୋ ଏସିଡ୍‌ର ପ୍ରଭାବରୁ ସ୍ନାୟୁଗତ ସମସ୍ୟା ଉପରେ ମଧ୍ୟ ନିୟନ୍ତ୍ରଣ ଆସେ।

ବହୁ ଶତାବ୍ଦୀ ତଳେ ଆଲେକ୍‌ଜାଣ୍ଡାର ଯେତେବେଳେ କହିଥିଲେ ଯେ ଯେଉଁ ଗଛରୁ ଖାଦ୍ୟ ଓ ପାନୀୟ ଉଭୟ ମିଳିପାରେ ସେଭଳି ଗଛ ଥିବା ଦେଶ ବାସ୍ତବରେ ଭାଗ୍ୟବାନ, ସେତେବେଳେ ଏତେ କଥା ତ ବାହାରି ନ ଥିଲା। ଏବେ ଯଦି ଆଲେକ୍‌ଜାଣ୍ଡାର କେରଳ ଆସିଥାନ୍ତେ ସେ ବୋଧେ ଆଉ ଫେରିକି ଯିବା କଥା ଚିନ୍ତା କରି ନ ଥାନ୍ତେ। ଶ୍ରୀଫଳ ଭିତରେ ଏତେ ଫଳ ଲୁଚି କରି ଥାଏ ତାହା ଆମ ଚାଷୀମାନଙ୍କୁ ଅଜଣା। ଯଦି ଆମର ପୁରୀ, କଟକ ଆଦି ଜିଲାରେ ଯେଉଁ ଚାଷୀମାନେ ନଡ଼ିଆ ଚାଷ କରୁଛନ୍ତି ସେମାନେ ଏ ଜ୍ଞାନକୌଶଳ ଆପଣାନ୍ତେ ହୁଏତ ସେମାନଙ୍କ ଭାଗ୍ୟରେ ଆର୍ଥିକ ଅଭୁତପୂର୍ବ ପରିବର୍ତ୍ତନ ଆସିପାରନ୍ତା।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ –୯୪୩୭୨୮୬୫୧୨

## ୨୫ ବର୍ଷ ତଳର ଧରିତ୍ରୀ

୫ ମେ ୧୯୯୬

- ଖାର୍ତ୍ତୁମ୍‌ର ଉତ୍ତର–ପୂର୍ବକୁ ୩୨୫ କିମି ଦୂର ହଜ୍‌ୟୁସଫ ଜିଲାରେ ସୁଦାନ ଏୟାର୍‌ଲାଇନର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଯାତ୍ରା କରୁଥିବା ୪୫ ଯାତ୍ରୀ ଓ ୫ କର୍ମଚାରୀ ମୃତ।
- ଚୀନ୍‌ର ମଙ୍ଗୋଲିଆ ପ୍ରଦେଶରେ ବଡ଼ ଧରଣର ଭୂମିକମ୍ପ ହେବା ଦ୍ୱାରା ୧୪ ଜଣଙ୍କ ମୃତ୍ୟୁ।
- ପାକିସ୍ତାନ ଅଧିକୃତ କାଶ୍ମୀରସ୍ଥିତ ଇନ୍ଦୁସ ନଦୀରେ ଏକ ଯାତ୍ରିବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ନଦୀଗର୍ଭକୁ ଖସିପଡ଼ିବା ଫଳରେ ସେଥିରେ ଯାତ୍ରା କରୁଥିବା ପାକିସ୍ତାନ ଆର୍ମି ବାସ୍କେଟବଲ ଦଳର ସମସ୍ତ ଖେଳାଳି ସମେତ ଅନ୍ୟ ୧୦ ଜଣ ମୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 2 | |
| | 3 | | | 7 | 6 | | | |
| | | 5 | 1 | | 3 | | | |
| | | 1 | 8 | | | | 9 | |
| | | | 9 | | | | 5 | 6 |
| | | | | 6 | 1 | | | |
| 4 | | 6 | | | | | | |
| | | | | | 7 | | 8 | 3 |
| 5 | | | | 9 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 5 | 9 | 3 | 2 | 6 | 7 | 4 |
| 4 | 7 | 3 | 6 | 5 | 8 | 9 | 1 | 2 |
| 9 | 2 | 6 | 4 | 1 | 7 | 3 | 5 | 8 |
| 2 | 5 | 8 | 1 | 9 | 4 | 7 | 6 | 3 |
| 7 | 3 | 4 | 2 | 6 | 5 | 1 | 8 | 9 |
| 6 | 9 | 1 | 8 | 7 | 3 | 4 | 2 | 5 |
| 3 | 1 | 7 | 5 | 8 | 9 | 2 | 4 | 6 |
| 8 | 6 | 2 | 3 | 4 | 1 | 5 | 9 | 7 |
| 5 | 4 | 9 | 7 | 2 | 6 | 8 | 3 | 1 |

ଗତକାଲିର ଉତ୍ତର

# ଟିକା ଉପରେ ସନ୍ଦେହ କାହିଁକି



ଡ. ନରେନ୍ଦ୍ର ସେଠୀ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାର୍ଚ୍ଚ ୨୦୨୦ରେ କରୋନାକୁ ଏକ ବୈଶ୍ୱିକ ମହାମାରୀ ଘୋଷଣା କରିବା ପରେ ଏହାଦ୍ୱାରା ୩୦ ଲକ୍ଷରୁ ଅଧିକ ଲୋକଙ୍କର ପ୍ରାଣହାନି ଘଟିଲାଣି। ଏଭଳି ସଙ୍କଟ ସମୟରେ ଭାରତରେ ଟିକାକରଣ ପ୍ରକ୍ରିୟା ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସବୁଠୁ ସ୍ୱଳ୍ପ ସମୟ ଭିତରେ ୧୫ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ଦେଇ ଭାରତ ବିଶ୍ୱ ରେକର୍ଡ କରିଛି। ଏବେ ଅଠର ବର୍ଷରୁ ଅଧିକ ସବୁ ଲୋକଙ୍କୁ ଟିକା ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ତେବେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କିଛି ଲୋକ ଟିକା ନେବେ କି ନ ନେବେ ଦ୍ୱନ୍ଦ୍ୱରେ ଅଛନ୍ତି। ଅମ୍ଳଜାନ ସଙ୍କଟରେ ଛଟପଟ ହୋଇ ଅନେକ ଜୀବନହାନି ହେଉଥିବାର ଖବର ଆଖିରେ ଦେଖି ମଧ୍ୟ ଲୋକମାନେ ଟିକାର କ୍ଷମତା ଉପରେ ପ୍ରଶ୍ନବାଚୀ ଉଠେଇ ଚାଲିଛନ୍ତି।

ନିକଟରେ ଆମେରିକାର ଜଣେ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ତଥା ହ୍ୱାଇଟ ହାଉସର ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଡାକ୍ତର ଆନ୍ତନି ଫାଉଚି ଭାରତ ବାୟୋଟେକ୍ ନିର୍ମିତ କୋଭାକ୍‌ସିନର ଉଚ୍ଚ ପ୍ରଶଂସା କରି ଏହା କରୋନା ଭୂତାଣୁକୁ ନିଷ୍କ୍ରିୟ କରିବାରେ ଅତ୍ୟନ୍ତ ସହାୟକ ବୋଲି ମତବ୍ୟକ୍ତ କରିଛନ୍ତି। ଭାରତରେ କରୋନାର ଦ୍ୱିତୀୟ ଲହର ବେଳେ କେବଳ ଟିକାକରଣ ଏକମାତ୍ର ପ୍ରତୀକାତ୍ମକ ଉପାୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗତ କିଛିଦିନ ତଳେ ନ୍ୟୁୟର୍କ ଟାଇମ୍‌ସ ଖବରକାଗଜରେ କୋଭାକ୍‌ସିନ ଟିକା କରୋନା ଭାଇରସ ବିରୋଧରେ ଶକ୍ତିଶାଳୀ ଆଣ୍ଟିବଡି ତିଆରି କରିଥାଏ ବୋଲି ପ୍ରକାଶ କରି ଏହାକୁ ଆହୁରି ବିଶ୍ୱସନୀୟ କରି ସାରିଛି। ଯଦିଓ ଭାରତ ସରକାର ଗତ ୩ ଜାନୁୟାରୀ ଦିନ ଏହି ଟିକାକୁ ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହା ଏବେ ସର୍ବଜନ ଆଦୃତ ହୋଇପାରିଛି। ତେବେ ଠିକ୍ ଏହି ସମୟରେ ଭାରତ ବାୟୋଟେକ୍ ତା'ର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ କରି କୋଭାକ୍‌ସିନ ପ୍ରାୟ ଅଶୀ ଭାଗ ପର୍ଯ୍ୟନ୍ତ ସଫଳତା ପାଇଛି ବୋଲି ନିଜ ରିପୋର୍ଟକୁ ସାର୍ବଜନୀନ କରିଛନ୍ତି। ଗମ୍ଭୀର ଶ୍ରେଣୀର କୋଭିଡ୍ ଭୂତାଣୁ ବିରୋଧରେ ଏହା ଶହେ ପ୍ରତିଶତ ସହାୟକ ବୋଲି ପ୍ରମାଣିତ ହୋଇଛି। ଅଶୀ ପ୍ରତିଶତର ଅର୍ଥ ହେଲା ଟିକା ନେଇଥିବା ଲୋକମାନଙ୍କର ଥରେ କୋଭିଡ୍ ହେବାର ସମ୍ଭାବନା ଅଶୀ ପ୍ରତିଶତ କମିଯାଇ ଥାଏ। ଏହା ନିଶ୍ଚିତ ଭାବରେ ସମାଲୋଚନା କରୁଥିବା ଲୋକମାନଙ୍କୁ ଏକ ଉତ୍ତର। ତଥାପି ସବୁଠୁ ବଡ଼ ପ୍ରଶ୍ନ ହେଲା ଟିକା ନେବା କଅଣ ନିହାତି ଜରୁରୀ? ଏହାର ଠିକ୍ ଓ ଏକମାତ୍ର ଉତ୍ତର ହେଲା ହଁ । ଟିକା ଏକମାତ୍ର ଓ କେବେଳ ଗୋଟିଏ ଉପାୟ ଯାହାଦ୍ୱାରା କରୋନାକୁ ହରେଇ ଦିଆଯାଇପାରିବ। ଗାଁ କନିଆ ସିଙ୍ଘାଣି ନାକି ଆଳରେ ଭାରତ ନିର୍ମିତ ଟିକା ଉପରେ ପ୍ରଶ୍ନବାଚୀ କଲା ବେଳେ ଆମକୁ ମନେରଖିବାକୁ ପଡ଼ିବ ଯେ ବିଶ୍ୱର କୌଣସି ଟିକା ଶତ ପ୍ରତିଶତ ସକ୍ଷମ ନୁହେଁ। ଆଉ ଗୋଟିଏ କଥା ଏଠାରେ ମନେ ରଖିବା ଉଚିତ ଯେ ଟିକା ନେବାର ଅର୍ଥ ନୁହେଁ ଯେ ଆଉ ଆପଣଙ୍କୁ କରୋନା ହେବ ନାହିଁ। ଟିକା ନେବା ଦ୍ୱାରା ଶରୀର ଭିତରେ ଭୂତାଣୁ ବିରୋଧରେ ଶକ୍ତ ପ୍ରତିରୋଧକ ବା ହାର୍ଡ ଇମ୍ୟୁନିଟି ଶୀଘ୍ର ତିଆରି ହୁଏ ; ଯାହା ପ୍ରାକୃତିକ ରୂପରେ ତିଆରି ହେବା ପାଇଁ ଅନେକ ସମୟ ନେଇଥାନ୍ତା। କେବଳ ଦୁଇଟି ଟିକା ନେବାର ପନ୍ଦର ଦିନ ପରେ ଜଣେ ନିଜକୁ ସୁରକ୍ଷିତ ମଣିପାରିବ। ଏଇଟା ପ୍ରମାଣିତ ତଥ୍ୟ ଯେ ଟିକା ନେଲାପରେ ମଧ୍ୟ କରୋନା ସଂକ୍ରମିତ ହେଲେ ବ୍ୟକ୍ତି ଗୁରୁତର ହେବାର ସମ୍ଭାବନା ବହୁତ କମ୍। ତେଣୁ ବିଶେଷଜ୍ଞ ମାନଙ୍କ ମତରେ ଯେଉଁ ଟିକା ବର୍ତ୍ତମାନ ଉପଲବ୍ଧ ତାହା ଅବିଳମ୍ବେ ନେଇଯିବା ଉଚିତ।

ନିଜ ଦେଶରେ ତିଆରି ଟିକା ଉପରେ ବିଶ୍ୱାସ କରୁ ନ ଥିବା ଲୋକମାନେ ଯଦି ବିଦେଶରୁ ଆସିବାକୁ ଥିବା ରୁଷିଆର ସ୍ପୁଟନିକ କିମ୍ବା ଆମେରିକାରେ ତିଆରି ଫାଇଜର ଟିକା ଅପେକ୍ଷାରେ ରହିବେ ତାହା ବୁଦ୍ଧିମାନର କାମ ନୁହେଁ। କାରଣ ବିଦେଶରୁ ଆସୁଥିବା ଟିକା ଆସି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ସମୟ ସାପେକ୍ଷ। ତେଣୁ ଖୁବ୍‌ଶୀଘ୍ର ଅଧିକ ପ୍ରାଣହାନିରୁ ରକ୍ଷା କରିବା, ଦେଶର ଆର୍ଥିକ ମେରୁଦଣ୍ଡକୁ ପୁଣି ଟାଣ କରିବା ଓ ପୂର୍ବପରି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାକୁ ଟିକା ନେବା ନିହାତି ଆବଶ୍ୟକ। ଏହା ଦ୍ୱାରା ପୁଣି ଥରେ ସଂକ୍ରମିତ ହେବାର ସମ୍ଭାବନା କମିଯାଏ ଓ ସଂକ୍ରମିତ ହେଲେ ଗୁରୁତର ହେବାର ସମ୍ଭାବନା ମଧ୍ୟ ଅପେକ୍ଷାକୃତ ହ୍ରାସପାଏ। ଟିକା ନେବା ପରେ ମାସ୍କ ଓ ସଂଗରୋଧ ଭଳି ନିୟମ କାହଲ କରିବା ଅନୁଚିତ। ତେଣୁ ଟିକା ନେବା କି ନ ନେବା ଭଳି ଏକ ମୂଲ୍ୟହୀନ ପ୍ରଶ୍ନ ପଛରେ ନ ପଡ଼ି ଆଖି ବୁଜି ଟିକା ନିଅନ୍ତୁ। ଟିକା କୌଣସି ରାଜନୈତିକ ଦଳର କିମ୍ବା ନିର୍ଦ୍ଦିଷ୍ଟ ବିଚାରଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତି ବିଶେଷଙ୍କର ସମ୍ପତ୍ତି ନୁହେଁ। ଏହା ଆମ ଭାରତରେ ତିଆରି ଓ ଶହେରୁ ଅଧିକ ଦେଶର ଲୋକ ଆପଣେଇ ନେଇଥିବା ଏକ ଯୁଗାନ୍ତକାରୀ ଆବିଷ୍କାର। ତେଣୁ ଆସନ୍ତୁ କିଛି ସନ୍ଦେହ ନ କରି ଟିକା ନେବା। କରୋନାକୁ ହରେଇବା।

ଯାଦୁଗୁଡା, ପଶ୍ଚିମ ସିଂଭୂମ, ଝାଡ଼ଖଣ୍ଡ
ମୋ–୯୪୭୧୩୮୦୮୧୦

## ଏଇ ଭାରତରେ

ଚାକିରି ଛାଡ଼ି ଅନ୍ୟମାନଙ୍କୁ ରୋଜଗାର ଦେବାର ଲକ୍ଷ୍ୟ ନେଇ ଭିନ୍ନ ପେସା ଆପଣାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଗୁଜରାଟର ପ୍ରତୀକ ଘୋଡ ଅନ୍ୟତମ। ସେ ୧୪ ବର୍ଷ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରିବା ପରେ ତାହା ଛାଡ଼ି ମହୁଚାଷ କରୁଛନ୍ତି। ଏଥିପାଇଁ 'ବି ବେସ ପ୍ରାଇଭେଟ ଲିମିଟେଡ୍' ଆରମ୍ଭ କରିଛନ୍ତି। ସେ ମହୁ ଉତ୍ପାଦନ କରିବା ସହ ମହୁମାଛିଙ୍କ ସୁରକ୍ଷା ଲାଗି ମଧ୍ୟ କାର୍ଯ୍ୟ କରୁଛନ୍ତି। ମହୁଚାଷ କିଭଳି ବ୍ୟାପକ ହୋଇପାରିବ ଓ ଶୁଦ୍ଧ ମହୁ ଉତ୍ପାଦନ ହେବ ସେହି ଲକ୍ଷ୍ୟ ନେଇ ଏହି କ୍ଷେତ୍ରକୁ ଆସିଥିବା କୁହନ୍ତି ୩୮ ବର୍ଷୀୟ ପ୍ରତୀକ। ୨୦୧୯ରେ ପ୍ରତୀକ ପ୍ରଥମେ ୩୦୦ ମହୁବାକ୍ସ କିଣି ଚାଷରେ ୧୫ ଲକ୍ଷ ଟଙ୍କା ନିବେଶ କରିଥିଲେ। ବର୍ଷକ ମଧ୍ୟରେ ସେ ୪ ଟନ୍ ମହୁ ବିକ୍ରି କରି ୧୫ ଲକ୍ଷ ଟଙ୍କା ରୋଜଗାର କରିସାରିଛନ୍ତି। କେବଳ ଏତିକି ନୁହେଁ ୨୦୨୧ରେ ସେ ୫୦ ଲକ୍ଷ ଟଙ୍କା ରୋଜଗାର କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ୧୫ ଦିନରେ ପ୍ରତ୍ୟେକ ପର୍ଯ୍ୟାୟରେ ମହୁରୁ ୬ ଲକ୍ଷ ଟଙ୍କା ପାଉଛନ୍ତି। ପ୍ରତୀକ ପ୍ରଥମେ ମହୁଚାଷୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ବହୁ ତଥ୍ୟ ଓ ବ୍ୟବହାରିକ କୌଶଳ ଉପରେ ଜ୍ଞାନ ହାସଲ କରିଥିଲେ। ତାଙ୍କର ନିଜସ୍ୱ ଜମି ନ ଥିଲେ ବି ଅନ୍ୟ ଚାଷୀମାନଙ୍କ ସହ ମିଶି ସେ ଏହି ଚାଷ କରୁଛନ୍ତି। ଫଳରେ ଅନେକ ଚାଷୀ ପୂର୍ବାପେକ୍ଷା ଅଧିକ ରୋଜଗାର କରିପାରୁଛନ୍ତି। ସେ ଅଦା, କମଳା, ତୁଳସୀ, ମଧୁରି, ସଜନା, ୟୁକାଲିପଟାସ, ଲିଚୁ, ସାର୍ଫୋନ ଆଦି ୧୧ ପ୍ରକାର ସ୍ୱାଦର ମହୁ ଉତ୍ପାଦନ କରୁଛନ୍ତି। ବିଦେଶକୁ ମହୁ ରପ୍ତାନି କରିବା ପାଇଁ ପ୍ରତୀକ ଯୋଜନା କରିଛନ୍ତି।

## ଚିରନ୍ତନୀ

ଅବୋଧ ଜୀବନ–ପଥେ ସମଦୁଃଖୀ ସାଥୀ ଅଗଣିତ,
ନାହିଁ ରୂପ ନାହିଁ ଚିହ୍ନ! ସବୁ ଆଜି ପାସୋରିବା ଗୀତ!
ବେଳାର ବାଲୁକା ସମ ଜ୍ଞାନରେଣୁ ଯାଏ କ୍ଷଣେ ଉଡ଼ି
ପଡ଼ିରହେ ବାକି ସବୁ ଚିରନ୍ତନ ଜଡ଼ତା ଯାବୁଡ଼ି।
–(ଜଡ଼–ଦର୍ଶନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବାଧୁଛି ବିଦ୍ୟୁତ୍ ଦରବୃଦ୍ଧି

ମହାଶୟ,

ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ଦରବୃଦ୍ଧି ଲୋକଙ୍କୁ ବାଧୁଚି। ରାଜ୍ୟରେ ୨ୟ ଲହର କରୋନା ସଂକ୍ରମଣ ଦିନକୁଦିନ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କରୋନା ମହାମାରୀ ଯୋଗୁ ରୋଜଗାର ଯାଇଛି। ଗରିବ ଲୋକେ କୋଉଠୁ ପଇସା ଆଣିବେ ଯେ, ଏପରି ଦରବୃଦ୍ଧିକୁ ସାମ୍ନା କରିବେ। ସତ୍ୟ ହେଉଛି, ଓଡ଼ିଶା ଉପଭୋକ୍ତା ଯେଉଁ ସେବାଦରରେ ବିଜୁଳି ବିଲ୍ ପରିଶୋଧ କରନ୍ତି, ତାହା ଅନ୍ୟ ରାଜ୍ୟଠାରୁ ଢେର ଅଧିକ। ଅନ୍ୟ ରାଜ୍ୟଗୁଡ଼ିକରେ ଯେପରି ଦୁଇଟି ସେବା ଦର ଯଥା: ଆୟୋଗ–ସେବାଦର ଓ ସରକାରୀ ସେବାଦର ପ୍ରଚଳିତ ଅଛି, ଓଡ଼ିଶାରେ ତାହା ନାହିଁ। ଆମର କେବଳ ଗୋଟିଏ ଆୟୋଗ– ସେବାଦର ପ୍ରଚଳିତ। ଓଡ଼ିଶା ସରକାର ବିଦ୍ୟୁତ୍ ଆଇନ ଧାରା ୬୫ ଅନୁସାରେ ବିଗତ ଦିନରେ କୌଣସି ସେବାଦର ସବ୍‌ସିଡି ଘୋଷଣା କରି ପ୍ରଦାନ କରିନାହାନ୍ତି କି ଆମର ଏଠି ସରକାରୀ ସେବାଦର ନାହିଁ। ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କର୍ନାଟକ, ପଞ୍ଜାବ ଭଳି ଅନ୍ୟ ରାଜ୍ୟ ସରକାରମାନେ ବିଦ୍ୟୁତ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଆୟୋଗ– ସେବା ଉପରେ ହଜାର ହଜାର କୋଟି ଟଙ୍କାର ସବ୍‌ସିଡି ଘୋଷଣା କରି ଉପଭୋକ୍ତା ଓ କମ୍ପାନୀମାନଙ୍କୁ ପ୍ରଦାନ କରନ୍ତି। ଅପରପକ୍ଷରେ ଗ୍ରୀଡ୍‌କୋ କହୁଛି, ଓଡ଼ିଶାର ଚାହିଦା କମ୍। ତେଣୁ ବିଦ୍ୟୁତ୍ ବଳକା ହେଉଛି। ସେମାନେ ଓଡ଼ିଶାର ପାଇକାରୀ ଦରରୁ କମ୍ ଦରରେ ବଳକା ବିଦ୍ୟୁତ୍ ବାହାର ରାଜ୍ୟକୁ ବିକ୍ରି କରିବେ। ବିଦ୍ୟୁତ୍ ଦର ବୃଦ୍ଧି ପ୍ରତ୍ୟାହାର ନେଇ ସର୍ବଦଳୀୟ ବୈଠକରେ କୌଣସି ନିଷ୍ପତ୍ତି ହୋଇନାହିଁ। ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ନ ହେଲେ ରାଜ୍ୟରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବିରୋଧୀ ଓ ନିଖିଳ ଓଡ଼ିଶା ବିଦ୍ୟୁତ୍ ମହାସଂଘ ଚେତାବନୀ ଦେଇଛି।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ ପୁରୀ

## ଭିଜିଲାନ୍ସ ଜାଲ କେଉଁଠୁ ଆସିବ

ପ୍ରତିଦିନ ଖବରକାଗଜରେ ବାହାରୁଛି ଅମୁକ ବାବୁ, ସମୁକ ବାବୁ ଭିଜିଲାନ୍ସ ଜାଲରେ। କେତେ ଜାଲ ଏପରି ଆସିବ ଯେ ଲାଞ୍ଚୁଆଙ୍କୁ ଆୟତ୍ତ କରିହେବ। 'ଗୋଦଡ଼ କୋଡ଼େ ଯେତେ ମାଡ଼େ ସେତେ' ପରି ପ୍ରତିଦିନ ଏ ଖବର ପ୍ରସାରିତ ହେଉଛି। ଡାକ୍ତର, ଇଞ୍ଜିନିୟର ଓ ବଡ଼ ବଡ଼ ଅଫିସରମାନେ ବିନା ଲାଞ୍ଚରେ ଟିକିଏ ବି କାମ କରୁ ନାହାନ୍ତି। ଲାଞ୍ଚ ତ ବର୍ତ୍ତମାନ ଗଣତନ୍ତ୍ରର ଅଧିକାର ହୋଇଗଲାଣି। ଲାଞ୍ଚ ଅର୍ଥରେ ଗାଡ଼ି, ବଡ଼ବଡ଼ କୋଠା, ଅନେକ ମୂଲ୍ୟବାନ ଜାଗା ଓ ମୂଲ୍ୟବାନ ଚାଲିଚଳଣି ଯେଉଁଠି ହୋଇପାରୁଛି ସେଠି ଲାଞ୍ଚ ଛାଡ଼ିବ କିଏ ?

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସ୍ତ୍ରୀଙ୍କୁ କଟୁରିରେ ହାଣି ସ୍ୱାମୀ ଗିରଫ

ରାଜନଗର,(ଡି.ଏନ.ଏ.):ରାଜନଗର ଥାନା ଧାନଦିଆ ଗାଁରେ ସ୍ତ୍ରୀଙ୍କୁ କଟୁରିରେ ହାଣି ସ୍ୱାମୀଙ୍କୁ ଜେଲ ଯିବାକୁ ପଡିଛି। ମହୁଲିଆ ଗାଁର ରିତା ଧାନଦିଆ ଗାଁର ରଞ୍ଜନ କୁମାର ନାୟକଙ୍କୁ ୧୫ବର୍ଷ ତଳେ ବିବାହ କରିଥିଲେ। ସୋମବାର କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ରିତାଙ୍କୁ ଏକ ଧାରୁଆ କଟୁରିରେ ଆକ୍ରମଣ କରିବାରୁ ମୁଣ୍ଡରେ ଚୋଟ ବସିଛି। ରିତାଙ୍କ ପାଟି ଶୁଣି ପଡୋଶୀ ପହଞ୍ଚି ଯିବାରୁ ତାଙ୍କ ଜୀବନ ରକ୍ଷା ହୋଇପାରିଥିଲା। ପୋଲିସ ରଞ୍ଜନଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କଟୁରିକୁ ଜବତ କରିଛି। ପୋଲିସ କୋର୍ଟ ଚାଲାଣ ରଞ୍ଜନଙ୍କୁ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ଯିବାକୁ ପଡିଛି।

### ସଂକ୍ଷେପରେ

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୫ ଗିରଫ

କୁଜଙ୍ଗ,୪।୫(ଡି.ଏନ୍.ଏ.): କୁଜଙ୍ଗ ଥାନା ଜିଲାନାସି ପଞ୍ଚାୟତର ଜୟଶଙ୍କରପୁର ଗ୍ରାମର ମହାନଦୀ ପଠାରେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିଛି। ଏହି ଅଭିଯୋଗରେ ସେଠାରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜୟଶଙ୍କରପୁର ଗ୍ରାମର ଅଙ୍ଗଦ ବେହେରା, ଶ୍ରୀଧର ବେହେରା, ରଞ୍ଜିତ ମାଝି, ଅଙ୍ଗଦ ବେହେରା, ଭାଗ୍ୟଧର ଦାସ। ଅଭିଯୁକ୍ତମାନଙ୍କଠାରୁ ଗୋଟି ପାଲି, ନଗଦ ୧୧ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ମାମଲା (ନଂ.୫୪/୨୧) ରୁଜୁ କରିଛି ବୋଲି ସବ୍‌ଇନ୍ସପେକ୍ଟର ସୁବ୍ରଜିତ ଦାସ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ରେଳବାଇ କର୍ମଚାରୀ ଥିବା ପୋଲିସ କହିଛି।

## କରୋନା ନେଲା ଆଉ ୩ ଜୀବନ

ରାଜନଗର/ ଡେରାବିଶ, ୪।୫ (ଡି.ଏନ.ଏ./ ସ୍ୱ.ପ୍ର): ରାଜନଗର ବ୍ଲକ ଅଞ୍ଚଳର ୨ ଜଣ ଯୁବକ କରୋନାରେ ପ୍ରାଣ ହରାଇଛନ୍ତି। ବ୍ଲକ ଅଧୀନ ବେଲପାଳ ଗାଁର ହରେକୃଷ୍ଣ ମହାନ୍ତି (୩୫)ଙ୍କର ବାଙ୍ଗାଲୋରରେ ମୃତ୍ୟୁ ଘଟିଛି। ହରେକୃଷ୍ଣ ବାଙ୍ଗାଲୋରରେ ଏକ କମ୍ପାନୀରେ କାମ କରୁଥିଲେ। ତାଙ୍କ ଦେହ ଅସୁସ୍ଥ ହେବା ପରେ କରୋନା ପରୀକ୍ଷା କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିଥିଲା। ସରକାରୀ ଡାକ୍ତରଖାନାରେ ବେଡ୍ ନ ମିଳିବାରୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆଇସିୟୁରେ ରହି ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ହରେକୃଷ୍ଣ ବିବାହିତ ଓ ତାଙ୍କର ୬ ବର୍ଷର ପୁଅ ଗାଁରେ ଅଛନ୍ତି। ବାଙ୍ଗାଲୋରରେ ତାଙ୍କର ବଡ଼ ଭାଇ ରହୁଛନ୍ତି। ସେହିପରି କରୋନାରେ ଜଣେ ଯୁବ ବୈଜ୍ଞାନିକଙ୍କୁ ଛଡାଇ ନେଇଛି। ବ୍ଲକ ଅନ୍ତର୍ଗତ ଫିରିକିଦାଣ୍ଡି ଗାଁର ବସନ୍ତ କୁମାର ମହାନ୍ତିଙ୍କ ପୁଅ ଡ. ପାର୍ଥ ସାରଥି ଯୁବ ବୈଜ୍ଞାନିକ ଭାବେ ଆଗ୍ରାରେ ରହି କାମ କରୁଥିଲେ। ସେ କରୋନା ପଜିଟିଭ ଚିହ୍ନଟ ହୋଇ ଚିକିତ୍ସାଧୀନ ଥିବା ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଆଗ୍ରାରେ ରହୁଥିଲେ। ସେହିପରି ଡେରାବିଶ ଅଞ୍ଚଳ ଜଣେ ଯୁବକଙ୍କ ଝାଡ଼ଖଣ୍ଡରେ କରୋନାରେ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ଗାଁର ସାମାଜିକ କର୍ମୀ ନାରାୟଣ ଲେଙ୍କାଙ୍କ ପୁଅ ଅଜୟ (୩୮)। ସେ ଝାଡ଼ଖଣ୍ଡରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ଅଜୟ ରବିବାର ନିଜ ପରିବାର ସହ ଭିଡିଓ କଲିଂ କରି ବାର୍ତ୍ତାଳାପ କରିଥିଲେ।

## ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

ପାରାଦୀପ,୪।୫(ସ୍ୱ.ପ୍ର.):ପାରାଦୀପ ପୌରାଞ୍ଚଳ ୪ ନଂ. ୱାର୍ଡ କାଉନସିଲର ଶୀଲାରାଣୀ ଜେନାଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ଥିଲେ। ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଥିଲେ। ସକାଳୁ ହଠାତ୍ ତାଙ୍କ ଶ୍ୱାସ ଅବରୋଧ ହେବାରୁ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ବହୁ ରାଜନେତା ଓ କାଉନ୍‌ସିଲର ଶୋକବ୍ୟକ୍ତ କରିଛନ୍ତି। ସେ ସ୍ଥାନୀୟ ଅଞ୍ଚଳରେ ଜଣେ ଭଲ କଂଗ୍ରେସ ନେତ୍ରୀ ଭାବେ ଜଣାଶୁଣା। ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ସେ କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ୱାମୀ କେଦାର ଜେନା ମଧ୍ୟ ପୂର୍ବରୁ ଏକାଧିକ ଥର କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ମୃତ୍ୟୁରେ କଂଗ୍ରେସ ନେତା ବାପି ସର୍ଖେଲ, ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଭଲିବଲ କୋଚ୍‌ଙ୍କ ପରଲୋକ

ପାରାଦୀପ,୪।୫(ସ୍ୱ.ପ୍ର.):ପାରାଦୀପର ଜଣାଶୁଣା ବ୍ୟକ୍ତି ପ୍ରଦୀପ୍ତ କୁମାର ସାମନ୍ତରାୟଙ୍କ ସୋମବାର ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ସେ ଜାତୀୟସ୍ତରରେ ଭଲିବଲ ଖେଳିଥିଲେ। ପରେ ପାରାଦୀପ ବନ୍ଦରରେ ଚାକିରି କରିବା ସହ ଗୋପବନ୍ଧୁ କ୍ରୀଡା ସଂସଦର କୋଚ୍ ଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଶାସନିପଡା ଗ୍ରାମରେ। ସେ ପୂର୍ବତନ ଏମ୍‌ପି ପ୍ରଭାତ ସାମନ୍ତରାୟଙ୍କ ସାନ ଭାଇ ଏବଂ ଦିବଂଗତ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ଭିଣୋଇ ଥିଲେ। ତାଙ୍କ ମୃତ୍ୟୁଖବର ମିଳିବା ପରେ ମଧୁବନସ୍ଥିତ ହାଉସିଂ ବୋର୍ଡ ଘରେ ବହୁ ଲୋକ ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ମଧୁବନ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଭରଣା କରିହେଉନି ବିଦ୍ୟୁତ୍ ଦେୟ

## ପ୍ରୋତ୍ସାହନ ସତ୍ତ୍ୱେ ଶୀତଳଭଣ୍ଡାର ନାହିଁ

- ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ ଚିନ୍ତାରେ
- ଖାଇବାକୁ ପଡୁଛି ପଡୋଶୀ ରାଜ୍ୟ ବିଷାକ୍ତ ଖାଦ୍ୟ
- ରାଜ୍ୟରେ ୧୨୯ରୁ ମାତ୍ର ୪୯ଟି କାର୍ଯ୍ୟକ୍ଷମ

କେନ୍ଦ୍ରାପଡ଼ା ଅଫିସ, ୪।୫

କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଶୀତଳଭଣ୍ଡାର ନାହିଁ। ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଜିଲାରେ ଆଳୁ ମିଶନ ଫେଲ୍ ମାରିଛି। ସେହିପରି ପନିପରିବା ଜିଲାରେ ଚାଷ ହେଉଥିଲେ ମଧ୍ୟ ବର୍ଷର ଅଧିକାଂଶ ସମୟ ବାହାର ରାଜ୍ୟର ବିଷାକ୍ତ ପନିପରିବା ଖାଇବାକୁ ପଡୁଛି। ବେସରକାରୀ ଶୀତଳଭଣ୍ଡାର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଅତ୍ୟଧିକ ବିଦ୍ୟୁତ୍ ଦେୟର ଭରଣା କରିବାକୁ ଯୁବ ଉଦ୍ୟୋଗୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଯୁବ ଉଦ୍ୟୋଗୀ ସ୍ୱରାଜ ସାମଲ, ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ରାଜେଶ କୁମାର ବେହେରା ପ୍ରମୁଖ କହିଛନ୍ତି, କୃଷି ଅର୍ଥନୀତିର ପରିଚାଳନା ପାଇଁ ଶୀତଳ ଭଣ୍ଡାରର ନିହାତି ଆବଶ୍ୟକ। ବିଡ଼ମ୍ବନା ଯେ, ରାଜ୍ୟର ୩୧୪ ବ୍ଲକରେ ୧୨୯ଟି ଶୀତଳଭଣ୍ଡାର ଥିବା ବେଳେ ମାତ୍ର ୪୯ଟି କାର୍ଯ୍ୟକ୍ଷମ, ଯାହା ରାଜ୍ୟର କୃଷି ଅର୍ଥନୀତିକୁ ପ୍ରଭାବିତ କରିଛି। କେନ୍ଦ୍ରାପଡ଼ା ଜିଲାରେ ୧୯୮୫ରେ ଶ୍ୟାମସୁନ୍ଦରପୁରଠାରେ ଶିଳ୍ପପତି ରବି ସାହୁ ବ୍ୟାଙ୍କରୁ ଋଣ ଆଣି ଶୀତଳଭଣ୍ଡାର ନିର୍ମାଣ କରିଥିଲେ। ପ୍ରାୟ ୧୫ ବର୍ଷ ଚାଲିବା ପରେ ବିଦ୍ୟୁତ୍ ଦେୟ ପାଇଁ ୨୦ ବର୍ଷ ହେବ ଅଚଳ ହୋଇପଡିଛି। ଏହି ଶୀତଳଭଣ୍ଡାର ପାଇଁ ଜିଲାରେ ଆଳୁଚାଷ ବଢ଼ିଥିଲା। ଏହା ବନ୍ଦ ପରେ ସଂରକ୍ଷଣ ଅଭାବରୁ ଆଳୁଚାଷ କମିଯାଇଛି। ସେହିପରି ଶୀତଳଭଣ୍ଡାର ନ ଥିବାରୁ ସ୍ଥାନୀୟ ଅଞ୍ଚଳର କୃଷି ଉତ୍ପାଦ ସଂରକ୍ଷଣ ହୋଇ ପାରୁନାହିଁ। ବର୍ଷସାରା ପନିପରିବା ବାହାର ରାଜ୍ୟରୁ ଜିଲାର ଚାହିଦା ମେଣ୍ଟାଇବା ପାଇଁ ଅଣାଯାଉଛି। ଆଳୁ, ପିଆଜ, କଦଳୀଠାରୁ ଆରମ୍ଭ କରି ବିଭିନ୍ନ ପନିପରିବା ସହ ମାଛ ବାହାର ରାଜ୍ୟରୁ ଆମଦାନୀ ହେଉଛି। ଆମଦାନୀ କୃଷି ଉତ୍ପାଦ ବିଷାକ୍ତ ହୋଇଥିଲେ ମଧ୍ୟ ଗ୍ରାହକ କିଣିବାକୁ ବାଧ୍ୟ ହେଉଛନ୍ତି। ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍‌ସ ପରି ଛୋଟ ଛୋଟ କୃଷି ଉଦ୍ୟୋଗ ସ୍ଥାପନ ହୋଇପାରିବ। ରାଜ୍ୟ ସରକାର ଶୀତଳଭଣ୍ଡାର ପାଇଁ ପ୍ରୋତ୍ସାହନ ରାଶି ଦେଉଥିଲେ ମଧ୍ୟ ଅତ୍ୟଧିକ ବିଦ୍ୟୁତ୍ ବିଲ ଏଥିରେ ବାଧକ ସାଜିଛି। କୃଷକଙ୍କ ଉତ୍ପାଦର ମୂଲ୍ୟ ମିଳିବା ପାଇଁ ଶୀତଳଭଣ୍ଡାର ଆବଶ୍ୟକ। ତେବେ ବିଦ୍ୟୁତ୍ ଦେୟରେ ପରିବର୍ତ୍ତନ ଏଥିପାଇଁ ପ୍ରୋତ୍ସାହିତ କରିବ। ସେହିପରି ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସରେ ବ୍ୟାଙ୍କରୁ ଶିଳ୍ପୋଦ୍ୟୋଗୀଙ୍କୁ ଋଣ ମିଳିଲେ ଶୀତଳଭଣ୍ଡାର ସ୍ଥାପନ ସହ ଜିଲାର କୃଷି ଅଭିବୃଦ୍ଧିରେ ସହାୟକ ହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କନ୍ଦ ଜେନାଙ୍କୁ ପଚାରିବାରେ ବେସରକାରୀ ଶିଳ୍ପୋଦ୍ୟୋଗୀଙ୍କ ଶୀତଳଭଣ୍ଡାର ନିର୍ମାଣ ପାଇଁ ୫୫% ଅର୍ଥ ପ୍ରାୟ ୨ କୋଟି ୨୦ ଲକ୍ଷ ଟଙ୍କାର ରିହାତି ବ୍ୟବସ୍ଥା ଅଛି। ଏହି ଯୋଜନାରେ ଜିଲାର ୨ ଶିଳ୍ପୋଦ୍ୟୋଗୀଙ୍କୁ ଶୀତଳଭଣ୍ଡାର ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ଗରଦପୁରର ବ୍ୟୋମକେଶ ରାଉତଙ୍କ ଶୀତଳଭଣ୍ଡାର ନିର୍ମାଣାଧୀନ ଅଛି। ସେହିପରି ଛତାରେ ଅନ୍ୟ ଏକ ଶୀତଳଭଣ୍ଡାର ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଛି ବୋଲି ସେ କହିଛନ୍ତି।

## ଶ୍ରମିକଙ୍କ ପାଇଁ ଚାଲିଲା ବସ୍



ପାରାଦୀପ ରିଫାଇନେରି ପ୍ରକଳ୍ପରେ ଠିକା ଶ୍ରମିକଙ୍କ ପାଇଁ ବସ୍ ଚଳାଚଳର ଶୁଭାରମ୍ଭ।

ପାରାଦୀପ,୪।୫(ସ୍ୱ.ପ୍ର.)

ପାରାଦୀପ ରିଫାଇନେରି ପ୍ରକଳ୍ପରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ପାଇଁ ମଙ୍ଗଳବାରଠାରୁ ୫ ବସ୍ ଚଳାଚଳ ଆରମ୍ଭ କରିଛି। ଏହାଦ୍ୱାରା ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଉପକୃତ ହେବେ ବୋଲି କୁହାଯାଇଛି। ବସ୍ ଚଳାଚଳ ଖର୍ଚ୍ଚ ରିଫାଇନେରି କର୍ତ୍ତୃପକ୍ଷ ବହନ କରିବେ। ବସ୍ ସେବା ଯୋଗାଇ ଦେବା ପାଇଁ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ଦୀର୍ଘଦିନ ହେବ ଦାବି କରି ଆସୁଥିଲା। ଦାବି ପୂରଣ ହୋଇଥିବାରୁ ସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି) ରିଫାଇନେରି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ରିଫାଇନେରି ପ୍ରକଳ୍ପରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା। ଫଳରେ ଶ୍ରମିକମାନେ ବାଇକ୍ ନେଇ ଗେଟ୍ ବାହାରେ ରଖି ଅଲଗା ଚାରିଚକିଆ ଗାଡ଼ିରେ ଯାଉଥିଲେ। ଫଳରେ ଅନେକ ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରିଫାଇନେରି ମାନବ ସମ୍ବଳ ବିଭାଗର ମୁଖ୍ୟ ପରିଚାଳକ ଏ.କେ. ଭଗବତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ଭାସ୍କର ହଜାରିକା, ସଂଘ ସମ୍ପାଦକ ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ



କଣ୍ଡିରା ପଞ୍ଚାୟତ ନୂଆଗାଁର ମେଘୁ ଛକଠାରେ ଜଳ ନିଷ୍କାସନ ବାଟକୁ ମାଟି ପକାଇ ଜବରଦଖଲ କରାଯାଇଛି।

## ପାଣି ନାଳ ଜବରଦଖଲ

ରାଜନଗର, ୪।୫ (ଡି.ଏନ.ଏ.)

ରାଜନଗର ତହସିଲ ଅଞ୍ଚଳରେ ଏବେ ବେଧଡ଼କ ଭାବେ ସରକାରୀ ଜମି ଜବରଦଖଲ କରାଯାଉଛି। ସରକାରୀ ଜମି ସହ ଅଧିକାଂଶ ଗାଁରେ ପାଣି ନାଳ ଜବରଦଖଲ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଗ୍ରାମବାସୀ ଏ ନେଇ ଲିଖିତ ଭାବେ ତହସିଲଦାର ଭୋଳାନାଥ ସେଠୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ତହସିଲ ଅନ୍ତର୍ଗତ ତାଳଚୁଆ ଓ ରାଜେନ୍ଦ୍ରନଗର ସୀମାରେ ବୈତରଣୀ ନଦୀକୁ ସଂଯୋଗ କରୁଥିବା ପାଣି ନିଷ୍କାସନ ନାଳ ରାଜରାଜୁଡା ଅମଳରୁ ରହିଆସିଛି। ଏହି ନାଳ ଦେଇ ଦୁଇଟି ଗାଁର ବର୍ଷାଜଳ ନିଷ୍କାସନ ହୋଇଥାଏ। ମାତ୍ର ଏହି ନାଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ଆରତି ଦାସଙ୍କ ଘରଯାଏ ଥିବା ନାଳକୁ ରାଜେନ୍ଦ୍ରନଗର ଗାଁର ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ପାଣି ନିଷ୍କାସନ ନାଳକୁ ଜବରଦଖଲ କରି ସ୍ଥାୟୀ କୋଠାଘର ନିର୍ମାଣ କରିବା ସହ ଏଥିରେ ହୋଟେଲ ଖୋଲିଛନ୍ତି। ପାଣି ନିଷ୍କାସନ ହୋଇ ନ ପାରିବା ସହ ଦୁଇଟି ମୌଜାର ଲୋକେ ଯିବାଆସିବାରେ ଅସୁବିଧା ଭୋଗୁଛନ୍ତି।

ସେହିପରି କଣ୍ଡିରା ପଞ୍ଚାୟତ ନୂଆଗାଁର ମେଘୁ ଛକଠାରେ ଜଳ ନିଷ୍କାସନ ବାଟକୁ ମାଟି ପକାଇ ଜବରଦଖଲ କରାଯିବା ସହ ପାଣି ଯିବା ବାଟକୁ ବନ୍ଦ କରାଯାଇଛି। ଗାଁର ଜଣେ ବ୍ୟକ୍ତି ଏହି ପାଣି ନାଳରେ ମାଟି ପକାଇ ଜବରଦଖଲ କରିଛନ୍ତି। ଏପରିକି ଏଠାରେ ଥିବା ନଳକୂପର ନିଷ୍କାସିତ ପାଣି ଯାଇ ନ ପାରି ରାସ୍ତା ଉପରେ ଲହଡି ଖେଳୁଛି। ଏ ନେଇ ଗ୍ରାମବାସୀ ରାଜନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳକୁ ପଠାଇ ରିପୋର୍ଟ ସଂଗ୍ରହ କରିଥିଲେ। ଘଟଣାକୁ ଦୁଇମାସ ବିତି ଯାଇଥିଲେ ବି ପାଣି ନାଳ ଅବରୋଧ ହଟାଯାଇ ପାରିନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମତ୍ସ୍ୟଜୀବୀଙ୍କ ସୁରକ୍ଷା ଦାବି କଲା କୈବର୍ତ୍ତ ସଂଘ

### ବାର୍ଷିକ ଲିଜ୍ ଅର୍ଥ ଦାଖଲ

କୁଜଙ୍ଗ, ୪।୫(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କୈବର୍ତ୍ତ ସଂଘର ମତ୍ସ୍ୟଜୀବୀମାନେ କୁଜଙ୍ଗ ତହସିଲ ଅଧୀନ ସାହେରପେଣ୍ଠ ମତ୍ସ୍ୟଦିଆରୁ ମାଛ ଧରିବା ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୧୧ଲକ୍ଷ ୧୧ହଜାର ୯୯୩ ଟଙ୍କା ଲିଜ୍ ଅର୍ଥ ପ୍ରଦାନ କରିଛନ୍ତି। ଏହି ଅବସରରେ ସଂଘ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା ଦାବି କରିଛି। ସଂଘ ପ୍ରତିନିଧିଭାବେ ୨୮ ଏପ୍ରିଲରେ କୁଳମଣି ବେହେରା ଏହାକୁ ଦାଖଲ କରିଛନ୍ତି। ଏହି ସଂଘରେ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଓ ଏରସମା ତହସିଲ ଏବଂ କେନ୍ଦ୍ରାପଡା ଜିଲାର ମାର୍ଶାଘାଇ ଓ ମହାକାଳପଡା ତହସିଲ ଅନ୍ତର୍ଗତ ୯୯ଟି କୈବର୍ତ୍ତ ଗ୍ରାମର ମତ୍ସ୍ୟଜୀବୀ ରହିଛନ୍ତି। ତହସିଲରେ ଲିଜ୍ ଅର୍ଥ ପ୍ରଦାନ ସମୟରେ ପୂର୍ବତନ ଏମ୍‌ପି ଡ. ବିଭୁପ୍ରସାଦ ତରାଇ, କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପରିଡା, ଉପସଭାପତି କୁଳମଣି ବେହେରା, କୋଷାଧକ୍ଷ ପ୍ରକାଶ ବେହେରା, ସୁଧାଂଶୁ ଶେଖର ମହାପାତ୍ର ଓ ବସନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସୋମବାର ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ଏକ ପ୍ରେସ ବିଜ୍ଞପ୍ତି ସଂଘ ପକ୍ଷରୁ ଜାରି କରାଯାଇଛି। ଏନେଇ ଉଭୟ ଜିଲାର ଜିଲାପାଳ, ଏସ୍‌ପି ଓ ତହସିଲଦାରଙ୍କ ସମେତ ଥାନାକୁ ସଂଘ ପକ୍ଷରୁ ଅବଗତ କରାଯାଇଛି।

## ଏକାଠି ହେଲେ ବିଜେଡି ନେତା, କର୍ମୀ




ବିଜେଡି କର୍ମୀମାନେ ବିଧାୟିକାଙ୍କ କୁଶପୁତ୍ତଳିକା ଦାହକୁ ବିରୋଧ କରୁଛନ୍ତି।

### ବିଧାୟିକାଙ୍କ କୁଶପୁତ୍ତଳିକା ଦାହକୁ ବିରୋଧ

ରସୁଲପୁର,୪।୫(ଡି.ଏନ.ଏ.)


ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ପଦରୁ ବହିଷ୍କୃତ ପ୍ରଫୁଲ୍ଲ କୁମାର ସାହୁଙ୍କ ସମର୍ଥକମାନେ ସୋମବାର ଅତଲାପୁର ପଞ୍ଚାୟତରେ ବରୀ ବିଧାୟିକା ସୁନନ୍ଦା ଦାସ ଓ ତାଙ୍କ ପ୍ରତିନିଧି ସ୍ୱାମୀ ଦେବେନ୍ଦ୍ର ଦାସଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସଭାପତି ସାହୁଙ୍କୁ ବିଜେଡିରୁ ବହିଷ୍କାରକୁ ବିରୋଧ କରି ତାଙ୍କ ସମର୍ଥକମାନେ ଏଭଳି ଆଚରଣ ପ୍ରଦର୍ଶନ କରିଥିଲେ। ଏହାର ଦିନକ ପରେ ବରୀ ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୧୦ ପଞ୍ଚାୟତର ଛାମୁଆ ବିଜେଡି ନେତା ଓ କର୍ମୀମାନେ ଅତଲାପୁର ପଞ୍ଚାୟତର ପୁରୁଣା ମସ୍‌ଜିଦରେ ଏକତ୍ରିତ ହୋଇଥିଲେ। ବିଧାୟିକା ଦାସ ଓ ଜିଲା ଯୁବ ସଭାପତି ପ୍ରତାପ ମହାନ୍ତିଙ୍କ ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଥିଲେ।

ମଙ୍ଗଳବାର ବରିଷ୍ଠ ବିଜେଡି ନେତା ନେସାରୁଦ୍ଦିନ୍ ଖାଁଙ୍କ ଅଧ୍ୟକ୍ଷତାରେ ଏଠାରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ, ସରପଞ୍ଚ ସୁଶାନ୍ତ କୁମାର ବେହେରା, ଅଭିମନ୍ୟୁ ମହାଳିକ, ବିଜୟ ଦାସ, ସୂର୍ଯ୍ୟମଣି ବେହେରା, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ନରେଶ ମହାନ୍ତି, ବ୍ଲକ ଯୁବ ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ବିଜେଡି ନେତା ରାକେଶ ଦେଓ, ହିମାଂଶୁ ନାୟକ, ପୂର୍ବତନ ସରପଞ୍ଚ ଶଶିଭୂଷଣ ଦାଶ, ସମବାୟ ନେତା ବିଦ୍ୟାଧର କରଣ, ସନାତନ ବାରିକ ପ୍ରମୁଖ ଯୋଗଦେଇ ବହିଷ୍କୃତ ସଭାପତି ସାହୁଙ୍କ ଦଳ ବିରୋଧୀ କାର୍ଯ୍ୟ ସମ୍ପର୍କରେ ବଖାଣିଥିଲେ। ୨୦୧୯ ନିର୍ବାଚନ ସମୟରେ ସେ ଭାଜପାଠାରୁ ଟଙ୍କା ନେଇ କିଭଳି ମୂଳଚାଳ କରିଥିଲେ, ତା'ର ଅଡିଓ ଭାଇରାଲ ହୋଇଥିଲା। ଏହି ବିବାଦକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ସମାଧାନ କରିବା ସହ ପ୍ରଫୁଲ୍ଲଙ୍କୁ ବିଜେଡିକୁ ଫେରାଇ ଆଣିଥିଲେ। ଏହାଛଡା ସେ ପଞ୍ଚାୟତରେ ବିଭିନ୍ନ ସମୟରେ କ୍ଷମତାରେ ରହି ଦୁର୍ନୀତିରେ ଲିପ୍ତ ରହୁଥିବା ଅଭିଯୋଗ ହେଉଥିଲା। ଲୋକଙ୍କ ଅଭିଯୋଗ ଓ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା ବୋଲି ଉପସ୍ଥିତ ନେତାମାନେ କହିଥିଲେ। ଅନ୍ୟପକ୍ଷରେ ପ୍ରଫୁଲ୍ଲ କହିଛନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ଏଥିରେ କୌଣସି ସତ୍ୟତା ନାହିଁ।

## ମା' ବାପଛେଉଣ୍ଡ ୨ ପିଲାଙ୍କୁ ସହାୟତା ଦାବି

ପଟ୍ଟାମୁଣ୍ଡାଇ, ୪।୫(ସ୍ୱ.ପ୍ର.)

ଭାଗ୍ୟର ବିଡମ୍ବନା କେତେ ବେଳେ କାହାକୁ କେଉଁ ସ୍ଥାନରେ ରଖିଥାଏ ତାହା ମଣିଷ ପକ୍ଷେ ଜାଣିବା ସମ୍ଭବ ନୁହେଁ। ପାଠପଢା ବୟସରେ ମା' ବାପଛେଉଣ୍ଡ ଭଉଣୀଭାଇ ଏବେ ନିଜ ପେଟ ପୋଷିବାକୁ ସାହାଯ୍ୟ ଆଶାରେ ଲୋକଙ୍କ ଦ୍ୱାରସ୍ଥ ହେଉଛନ୍ତି ତାହା ବୁଝିବା ସେମାନଙ୍କ ପକ୍ଷେ ବଡ଼ ସମସ୍ୟା ହୋଇଛି। ମା'ବାପା ରୋଗରେ ପୀଡିତ ହୋଇ ଆରପାରିକୁ ଚାଲିଯାଇଥିବା ବେଳେ ଦୁଇ ପିଲା ଏବେ ବେସାହାରା ହୋଇପଡିଛନ୍ତି। ଏମିତି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ବୋଧ ଗାଁରେ। ବୋଧ ଗାଁର ଧରଣୀଧର ଦାସ ଓ ସ୍ତ୍ରୀ ମମତା ଏକ ଭଙ୍ଗା କୁଡିଆରେ ବସବାସ କରୁଥିଲେ। ଦାରିଦ୍ର୍ୟର କଷାଘାତରେ ପେଷିହୋଇ ଧରଣୀଧର ସୁଦୂର ଗୁଜରାଟ ଚାଲି ଯାଇଥିଲେ। ଦାଦନ ଶ୍ରମିକ ଭାବେ କାମ କରୁଥିବାବେଳେ ୨୦୧୨ରେ ହଠାତ୍ ତାଙ୍କ ସ୍ତ୍ରୀ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଅଭାବରୁ ୨୦୧୨ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଧରଣୀଧର ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁଇ ପିଲାଙ୍କ ବଞ୍ଚିବା ଲାଗି ମଜୁରି ଲାଗି ଘର ଚଳାଉଥିଲେ। ମାତ୍ର ୨୦୨୦ ଏପ୍ରିଲରେ ସେ ମଧ୍ୟ ରୋଗ ଶଯ୍ୟାରେ ପଡି ଆଉ କାମ କରି ପାରି ନ ଥିଲେ। ଖାଇବା ପିଇବା ସହ ଔଷଧ ଖର୍ଚ୍ଚ ପାଇଁ ତାଙ୍କ ପାଖରେ ଟଙ୍କାଟିଏ ନ ଥିଲା। ରୋଗରେ ପଡି ଶେଷରେ ସେ ମୃତ୍ୟୁବରଣ କରିଥିଲେ। ବଡଝିଅ ପ୍ରଭାତି(୧୫) ଓ ପୁଅ ସୋମନାଥ(୧୧)ଙ୍କ ପାଇଁ ଦୁନିଆ ଅନ୍ଧାର ହୋଇଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଧରଣୀଧରଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ ହୋଇଥିଲେ ମଧ୍ୟ ଦୁଇ ପିଲାଙ୍କ ପାଠ ପଢାରେ ଡୋରି ଲାଗି ଯାଇଥିଲା। ଝିଅ ପ୍ରଭାତି ମାଟ୍ରିକ ପାସ୍ କରିଥିଲେ ମଧ୍ୟ ଭାଇକୁ ପଢାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ମାତ୍ର ୨୦ ଡିସିମିଲ ଜମି ଥିବା ବେଳେ ଚଳିବା ପାଇଁ ଅନ୍ୟ କିଛି ନାହିଁ। ରାଶନ କାର୍ଡରେ ଭଉଣୀଭାଇ ମାସକୁ ମାତ୍ର ୫ କିଲୋ ଚାଉଳ ପାଉଛନ୍ତି। ଏତିକିରେ ଚଳିବା କଷ୍ଟସାଧ୍ୟ ହୋଇପଡିଛି। ଦୁଇପିଲାଙ୍କ ପାଇଁ ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ମିଳିନାହିଁ। ଏହି ଦୁଇପିଲାଙ୍କ ଖବର ପାଇ କେନ୍ଦ୍ରାପଡ଼ା ଶିଶୁ ମଙ୍ଗଳ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସେମାନଙ୍କୁ ଭେଟି ଜିଲା ଶିଶୁ ମଙ୍ଗଳ ଗୃହରେ ରହିବାକୁ କହିଥିଲେ ମଧ୍ୟ ସେମାନେ ରାଜି ହୋଇ ନ ଥିଲେ। ଅନ୍ୟପକ୍ଷରେ ସେମାନଙ୍କୁ ରାଜ୍ୟ ସରକାର ଆବାସ ଯୋଜନାରେ ଗୃହ, ରାଶନ କାର୍ଡ ଓ ପଢିବା ପାଇଁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭଉଣୀଭାଇ ରହୁଥିବା ଚାଳଘର।

## ରନ୍ଧାଖାଦ୍ୟ ପ୍ରଦାନରେ ଅର୍ଥ ଆତ୍ମସାତ୍ ଅଭିଯୋଗ

ଯାଜପୁର ଟାଉନ,୪।୫(ଡି.ଏନ.ଏ.): ୨୦୨୦ ଅଗଷ୍ଟରେ ସଙ୍ଗଠିତ ବନ୍ୟାରେ ବରୀ ବ୍ଲକ ଅଞ୍ଚଳ ବିଶେଷ ପ୍ରଭାବିତ ହୋଇଥିଲା। ବ୍ଲକର କିମ୍ପିରିଆପାଳ ପଞ୍ଚାୟତରେ ବନ୍ୟା ସମୟରେ ରନ୍ଧାଖାଦ୍ୟ ଦେବା ନାମରେ ସରପଞ୍ଚ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ବିପୁଳ ଅର୍ଥ ଆତ୍ମସାତ କରିଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅନୁରୂପ ଭାବେ ବିଡିଓଙ୍କଠାରେ ମଧ୍ୟ ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁଙ୍କ ସମେତ ପଞ୍ଚାୟତର ମିଙ୍ଗିମିଳାପୁର, କିମ୍ପିରିଆପାଳ, ଉଦୟପୁର ଓ ମାଳଦା ଗାଁର ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ସରପଞ୍ଚ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଉଦୟପୁର ଶବରସାହିରେ ବନ୍ୟା ବିପନ୍ନ ସମସ୍ତ ଗ୍ରାମବାସୀଙ୍କୁ ୬ ଦିନ ରନ୍ଧାଖାଦ୍ୟ ଦିଆଯାଇଥିବା ବିଲ ହୋଇଛି। ମାତ୍ର ସେଠାରେ ୩ ଦିନ ଖାଦ୍ୟ ଦିଆଯାଇଛି। ସେହିଭଳି ମାଳଦା ମୁସଲିମ ସାହି, ଉଦୟପୁର, ମିଙ୍ଗିମିଳାପୁର, କିମ୍ପିରିଆପାଳ ଆଦି ରାଜସ୍ୱ ଗ୍ରାମଗୁଡ଼ିକଙ୍କରେ ଏ ପ୍ରକାର ଅନିୟମିତତା କରାଯାଇ ବିପୁଳ ଅର୍ଥ ହରିଲୁଟ କରାଯାଇଛି। ଯାହାକି ତଦନ୍ତ ସାପେକ୍ଷ। ବିପନ୍ନଙ୍କ ଉଦ୍ଦେଶ୍ୟରେ ଆସିଥିବା ରନ୍ଧାଖାଦ୍ୟ ଅର୍ଥକୁ ଚଳୁ କରିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ତାଙ୍କୁ ସହଯୋଗ କରିଥିବା ସରପଞ୍ଚ ପ୍ରତିନିଧିଙ୍କ ବିରୋଧରେ ଆଇନଗତ ଦଣ୍ଡବିଧାନ କରାଯିବାକୁ ଉପରୋକ୍ତ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ମଧ୍ୟ ସ୍ଥାନୀୟ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ପାଇଁ ଶ୍ରମିକ ଗୋଷ୍ଠୀ ମୁହାଁମୁହିଁ



ନୂଆପାରିର ଶ୍ରମିକମାନେ ବିବାଦୀୟ ସ୍ଥାନରେ କାମ କରୁଛନ୍ତି।



କୁଳକଇଜଙ୍ଗାର ଶ୍ରମିକମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କୁ ଅଭିଯୋଗ କରୁଛନ୍ତି।

## ବିଡିଓଙ୍କ ନିକଟରେ ଅଭିଯୋଗ

ବାଲିଆ,୪।୫

ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ର କାର୍ଯ୍ୟକୁ ନେଇ ବିରିଡି ବ୍ଲକ ଅନ୍ତର୍ଗତ ୨ ଗ୍ରାମର ଶ୍ରମିକ ମୁହାଁମୁହିଁ ହୋଇଛନ୍ତି। ଏନେଇ ମଙ୍ଗଳବାର ଉଭୟପକ୍ଷରୁ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବିରିଡି ବ୍ଲକ କୁଳକଇଜଙ୍ଗା ପଞ୍ଚାୟତ ନୂଆପାରି ରାଜସ୍ୱ ଗ୍ରାମର ମଦନ ମୋହନ ମଠରୁ ମାଛଗାଁ କେନାଲ ପର୍ଯ୍ୟନ୍ତ ମାଟି ପଡି ରାସ୍ତା ନିର୍ମାଣ ହେବାର ଅଛି। ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ କରାଯିବା ପାଇଁ ମଞ୍ଜୁର ହୋଇଛି। ଏହି ରାସ୍ତା କାମ ପାଇଁ ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା ସୋମବାର ଶୁଭ ଦେଇଥିଲେ। ରାସ୍ତା କାର୍ଯ୍ୟ କରିବା ପାଇଁ କୁଳକଇଜଙ୍ଗା ରାଜସ୍ୱ ଗ୍ରାମର କେତେଜଣ ଶ୍ରମିକ ପହଞ୍ଚି ଥିଲେ। ମାତ୍ର ଏହି କାର୍ଯ୍ୟ ନୂଆପାରି ରାଜସ୍ୱ ଗ୍ରାମରେ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଜବ୍‌କାର୍ଡଧାରୀ ଶ୍ରମିକମାନେ ପହଞ୍ଚି ବିରୋଧ କରିଥିଲେ। ଆମ ଗାଁ କାମ ଆମ ଶ୍ରମିକମାନେ କରିବେ ବୋଲି ନୂଆପାରିରୁ ଆସିଥିବା ଶ୍ରମିକମାନେ କହିଥିଲେ। ଏ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଫଳରେ ସରପଞ୍ଚ ବେହେରା ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ନୂଆପାରିର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ସରପଞ୍ଚଙ୍କୁ ଭେଟି ବିବାଦୀୟ ସ୍ଥାନରେ କାର୍ଯ୍ୟ ଆରମ୍ଭ କରିଥିଲେ। କୁଳକଇଜଙ୍ଗାର ଶ୍ରମିକମାନେ ଏହା ଜାଣିବା ପରେ ଉକ୍ତ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ସେଠାରେ ପହଞ୍ଚି ଏହାକୁ ପୁନର୍ବାର ବିରୋଧ କରିଥିଲେ। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଉଭୟ ପକ୍ଷ ବିଡିଓଙ୍କୁ ଭେଟି ଉକ୍ତ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଦୈନିକ ୧ ହଜାର ଟନ୍ ଅକ୍ସିଜେନ ଯୋଗାଉଛି ରିଲାଏନ୍ସ

**ନୂଆଦିଲ୍ଲୀ,୪।୫:** କରୋନା ଲଢ଼େଇରେ ସାମିଲ ହୋଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି। ସାମ୍ପ୍ରତିକ ସମୟରେ ସମଗ୍ର ଦେଶରେ ଅତି ଗୁରୁତର ରୋଗୀମାନଙ୍କର ଚିକିତ୍ସା ପାଇଁ ଅମ୍ଳଜାନ ସବୁଠାରୁ ଜରୁରୀ ଆବଶ୍ୟକତା ହୋଇଛି। ରିଲାଏନ୍ସ ପାରମ୍ପରିକ ଭାବେ ତରଳ ଅମ୍ଳଜାନର ଉତ୍ପାଦନକାରୀ ହୋଇ ନ ଥିବାବେଳେ ସମ୍ପ୍ରତି ଗୋଟିଏ ସ୍ଥାନରେ ଏହି ଜୀବନ ରକ୍ଷାକାରୀ ସମ୍ବଳର ଦେଶରେ ସର୍ବବୃହତ୍ ଉତ୍ପାଦନକାରୀ ହୋଇଛି। ଜାମନଗରସ୍ଥିତ ଏହାର ବିଶୋଧନାଗାର ତଥା ପେଟ୍ରୋ ରସାୟନ କମ୍ପ୍ଲେକ୍ସ ତଥା ଏହାର ଅନ୍ୟାନ୍ୟ ୟୁନିଟ୍‌ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ସମ୍ପ୍ରତି ଦୈନିକ ୧୦୦୦ ମେଟ୍ରିକ ଟନ୍‌ରୁ ଅଧିକ ମେଡିକାଲ ଗ୍ରେଡ୍ ତରଳ ଅମ୍ଳଜାନ ଉତ୍ପାଦନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

### ଟାଟା କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ

**ନୂଆଦିଲ୍ଲୀ,୪।୫:** କରୋନା ଲଢ଼େଇରେ ସାମିଲ ହୋଇ ଟାଟା ଷ୍ଟିଲ୍ ଓଡ଼ିଶାରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। କମ୍ପାନୀ ପକ୍ଷରୁ ଗଞ୍ଜାମ ଜିଲାର ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀଠାରେ ନୂଆ କୋଭିଡ୍ ହସ୍ପିଟାଲ ଶୁଭାରମ୍ଭ ହୋଇଯାଇଛି। ଏହି ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ୫୫ଟି ଆଇସିୟୁ ଓ ଭେଣ୍ଟିଲେଟର ସୁବିଧା ରହିଛି। ବ୍ରହ୍ମପୁର ଲୋକ ସଭା ସଦସ୍ୟ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ହାଇଟେକ୍ ହସ୍ପିଟାଲ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ଓ ଟାଟା ଷ୍ଟିଲ ଫାଉଣ୍ଡେଶନର ଶାଖା ମୁଖ୍ୟ ରକି ମାର୍ଟିନ୍‌ଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍‌ର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଦେବାଶିଷ ଜେନା ଓ ଟାଟା ଷ୍ଟିଲ୍ ସିଏସ୍ଆର୍ ବିଭାଗ ମୁଖ୍ୟ ସୌରଭ ରୟ୍ ଭର୍ଚୁଆଲ ଭାବେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବ୍ରିଟେନରେ ୨୪୦୦ କୋଟି ନିବେଶ କରିବେ ପୁନାୱାଲା

ନୂଆଦିଲ୍ଲୀ,୪।୫



ଅଦାର ପୁନାୱାଲାଙ୍କ ନେତୃତ୍ୱାଧୀନ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ବ୍ରିଟେନରେ ୨୪୦ ନିୟୁତ ପାଉଣ୍ଡ (ପ୍ରାୟ ୨୪ ଶହ କୋଟି) ଟଙ୍କା ନିବେଶ କରିବା ନେଇ ଘୋଷଣା କରିଛି। ଭାରତ-ବ୍ରିଟେନ ମଧ୍ୟରେ ବାଣିଜ୍ୟ ଏବଂ ନିବେଶକୁ ଉତ୍ସାହିତ କରିବା ଲାଗି ପରିବର୍ତ୍ତିତ ଚୁକ୍ତି ଅନୁସାରେ ଏଭଳି ପଦକ୍ଷେପ ନିଆଯାଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଏବଂ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ ଏକ ଭର୍ଚୁଆଲ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ମଙ୍ଗଳବାର ଆଲୋଚନା କରିଛନ୍ତି।

ନୂଆ ବାଣିଜ୍ୟ ଏବଂ ନିବେଶ ଯୋଜନା ଅନ୍ତର୍ଗତ ଭାରତ ଉକ୍ତ ଦେଶରେ ମୋଟ ୧୦ ହଜାର କୋଟି ଟଙ୍କା ବିନିଯୋଗ ଯୋଜନା ରଖିଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ହେବାକୁ ଥିବା ନିବେଶ କ୍ଲିନିକାଲ ଟ୍ରାଏଲ, ଗବେଷଣା ଏବଂ ବିକାଶ ଦିଗରେ ଖର୍ଚ୍ଚ କରାଯିବ। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ବ୍ରିଟେନର ଡାଉନିଂ ଷ୍ଟ୍ରିଟ୍‌ରେ ଭାକ୍ସିନ ମାନୁଫାକ୍ଚରିଂ ୟୁନିଟ୍ ବସାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଆମେରିକାର କୋଡାଜେନିକ୍ସ ଇଙ୍କ୍ ସହ ମିଳିତ ହୋଇ କୋଭିଡ୍-୧୯ ଲାଗି ଏକ ନାଜାଲ ଭାକ୍ସିନକୁ ବ୍ରିଟେନରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ବର୍ତ୍ତମାନ ପରୀକ୍ଷଣ କରାଇଛି।

ସିରମ୍ ବ୍ରିଟେନରେ ଏକ ନୂଆ ବିଜ୍‌ନେସ ଅଫିସ ଖୋଲିବା ସହ ପ୍ରାୟ ୭,୫୦୦ କୋଟି ଟଙ୍କାର କାରବାର କରିବା ନେଇ ଯୋଜନା ରଖିଛି। ଭାରତୀୟ କମ୍ପାନୀଗୁଡ଼ିକ ବ୍ରିଟେନରେ ମୋଟ ୫,୪୦୦ କୋଟି ଟଙ୍କା ନିବେଶ ନେଇ ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ନୂଆ ୬୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇନ୍‌ଫୋସିସ୍ ଏବଂ ଏଚ୍‌ସିଏଲ୍ ଭଳି କମ୍ପାନୀଗୁଡ଼ିକର ୪,୫୦୦ କୋଟି ଟଙ୍କା ମୂଲ୍ୟର ରପ୍ତାନି ଡିଲ୍ ଦ୍ୱାରା ଆଉ ୧ ହଜାର ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ବ୍ରିଟେନରୁ ଫଳ ଏବଂ ମେଡିକାଲ ଡିଭାଇସ୍ ରପ୍ତାନି ଉପରେ ଲାଗିଥିବା କଟକଣା ନୂଆ ଚୁକ୍ତି ଦ୍ୱାରା ଉଠାଇ ଦିଆଯାଇଛି।

# ବଜାଜର ୩.୪୮ ଲକ୍ଷ ୟୁନିଟ୍ ଯାନ ବିକ୍ରି

ନୂଆଦିଲ୍ଲୀ,୪।୫

BAJAJ THE WORLD'S FAVOURITE INDIAN

ମଜଭୁତ ରପ୍ତାନି ପ୍ରଦର୍ଶନ ସହିତ ବଜାଜ ଅଟୋ ନୂଆ ଆର୍ଥିକ ବର୍ଷ ଆରମ୍ଭ କରିଛି। ବିକ୍ରିରେ ରେକର୍ଡ ଯୋଗୁ ଭାରତର ମୋଟରସାଇକେଲ ବର୍ଗରେ କମ୍ପାନୀକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଛି। ବଜାଜ ଅଟୋର ବିଶ୍ୱବ୍ୟାପୀ ବିକ୍ରି (ଭାରତ ସମେତ) ୩.୪୮ ଲକ୍ଷ ୟୁନିଟ୍ ରହିଛି; ଯେଉଁଥିରେ ୨.୨୧ ଲକ୍ଷ ୟୁନିଟ ରପ୍ତାନି କରାଯାଇଛି। ଏହାଦ୍ୱାରା ବଜାଜ ଅଟୋ ୨୦୨୧ ଏପ୍ରିଲରେ ଭାରତର ୧ ନମ୍ବର ମୋଟରସାଇକେଲ ନିର୍ମାତା ଭାବେ ମାନ୍ୟତା ଲାଭ କରିଛି। ବଜାଜ ଅଟୋ ଭାରତୀୟ ଯାନବାହନ ରପ୍ତାନିରେ ଅଗ୍ରଣୀ ସ୍ଥାନ ନେଉଛି। ଗତବର୍ଷ ଦେଶରୁ ହୋଇଥିବା ମୋଟ ମୋଟରସାଇକେଲ ଏବଂ ତିନିଚକିଆ ଯାନ ରପ୍ତାନି ମଧ୍ୟରେ ବଜାଜ ଅଟୋର ଅଂଶ ପ୍ରାୟ ୬୦% ରହିଥିଲା। ବଜାଜ ଅଟୋର ରପ୍ତାନି ଆୟ ୧୨,୬୮୭ କୋଟି ଟଙ୍କା ହୋଇଛି। ସେଥିମଧ୍ୟରୁ ୫୨% ୭୯ରୁ ଅଧିକ ରାଷ୍ଟ୍ରକୁ କରାଯାଇଥିବା ରପ୍ତାନିରୁ ଆୟ କରାଯାଇଛି। ଗତ ୧୦ବର୍ଷ ମଧ୍ୟରେ ମୋଟ ୧୮ ନିୟୁତ ଗାଡ଼ି ରପ୍ତାନି କରି ବଜାଜ ସମଗ୍ର ବିଶ୍ୱରେ ଅନ୍ୟତମ ସର୍ବାଧିକ ପରିଦୃଶ୍ୟ ଭାରତୀୟ ବ୍ରାଣ୍ଡ ହୋଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ‘କୋଭିଡ୍ ଜଣାଇଲା କେମିତି ରହିଛି ନେତୃତ୍ୱ’

ନୂଆଦିଲ୍ଲୀ,୪।୫

କୋଭିଡ୍-୧୯ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ବଜାର ଟ୍ରାକ୍‌କୁ ଫେରି ନ ଥିବା ବେଳେ ଦ୍ୱିତୀୟ ଲହରର ଚାପ ବଜାର ଉପରେ ପଡ଼ିଛି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, କୋଭିଡ୍ ଜଣାଇଦେଲା ଯେ, ଆମର ଦୂରଦୃଷ୍ଟି କେତେ ଅଭାବ ରହିଛି। ସେହିଭଳି ଦେଶର ନେତୃତ୍ୱ କେମିତି ରହିଛି ସେ ନେଇ ମହାମାରୀ ଆମକୁ ଜଣାଇ ଦେଲା। ଯଦି ଜଣେ ସତର୍କ ରହି କାମ କରିବ ତେବେ କିଛି ଭୁଲ୍‌କୁ ଧରିବାରେ ସକ୍ଷମ ହେବ। ମାତ୍ର ବର୍ତ୍ତମାନ ଯାଏ ଏହା ହୋଇପାରିନାହିଁ ବୋଲି ଏକ ଟିଭି ସାକ୍ଷାତ୍‌କାରରେ ରାଜନ ଏହି ମତ ରଖିଛନ୍ତି।

ସେ ପୁଣି କହିଛନ୍ତି, ବିଶ୍ୱର ଅନ୍ୟ ପ୍ରାନ୍ତରେ କ’ଣ ହେଉଛି ତାହା ସମସ୍ତଙ୍କୁ ଜଣା। ବ୍ରାଜିଲର ଉଦାହରଣ ଦେଇ ସେ କହିଛନ୍ତି, ଭାଇରସ୍‌କୁ ଚିହ୍ନଟ କରିବା ସହ ସବୁ କିଛିକୁ ଠିକ୍ କରିବା ଦିଗରେ ସେହି



ରଘୁରାମ ରାଜନ

ଦେଶ ସକ୍ଷମ ହୋଇପାରିଲା। ପ୍ରଥମ ଲହର ଲଢେଇରେ ଭାରତର ଉଦ୍ୟମ ଉଲ୍ଲେଖଯୋଗ୍ୟ ରହିଲେ ମଧ୍ୟ ନିଜ ଜନସଂଖ୍ୟା ପାଇଁ ପର୍ଯ୍ୟାପ୍ତ ପରିମାଣର ଟିକା ଉତ୍ପାଦନ କରିବାକୁ ଏହା ସକ୍ଷମ ହୋଇପାରିଲା ନାହିଁ। ସମୟ ମିଳିଥିଲେ ମଧ୍ୟ କାମକୁ ଠିକ୍ ଭାବେ ନ କରି ଏହାକୁ ସରକାର ଏବେ ଯୁଦ୍ଧକାଳୀନ ଭିତ୍ତିରେ କରୁଛନ୍ତି। ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ରିଜର୍ଭ ବ୍ୟାଙ୍କର ପଦକ୍ଷେପ ମୁଦ୍ରାସ୍ଫୀତି ଚାପକୁ ବଢାଇବ ବୋଲି ସେ ମତ ରଖିଛନ୍ତି। ଅର୍ଥ ବ୍ୟବସ୍ଥାର କାର୍ଯ୍ୟଧାରାକୁ ନେଇ ମଧ୍ୟ ସେ ଆଶଙ୍କା ପ୍ରକଟ କରିଛନ୍ତି।

# ଆଇଟିଏଲ୍‌ର ସୋଲିସ୍ ହାଇବ୍ରିଡ୍ ଟ୍ରାକ୍ଟର

ନୂଆଦିଲ୍ଲୀ,୪।୫

ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍ (ଆଇଟିଏଲ୍) ପକ୍ଷରୁ ଜାପାନୀ ହାଇବ୍ରିଡ୍ ପ୍ରଯୁକ୍ତିରେ ପ୍ରସ୍ତୁତ ସୋଲିସ୍ ହାଇବ୍ରିଡ୍ ୫୦୧୫ ଟ୍ରାକ୍ଟରକୁ ଉନ୍ମୋଚନ କରାଯାଇଛି। ଏହାର ବଜାର ଦର ୭.୨୧ ଲକ୍ଷ ଟଙ୍କା ରହିଛି। ଗୋଟିଏ ଟ୍ରାକ୍ଟରରେ ତିନୋଟି ଟ୍ରାକ୍ଟରର ଲାଭ ପ୍ରଦାନ କରିବା ଲାଗି ଆଇଟିଏଲ୍ ପକ୍ଷରୁ ଜାପାନ ୟାନମାର ଏଗ୍ରିବିଜ୍‌ନେସ୍ କୋ ଲିମିଟେଡ୍ ସହ ସହଯୋଗିତା ସ୍ଥାପନ କରାଯାଇଛି। ଆଇଟିଏଲ୍ ଦେଶର ପ୍ରଥମ ଟ୍ରାକ୍ଟର ନିର୍ମାତା ଭାବେ ଇ-ପାୱାରର ବୁଷ୍ଟକୁ ଉପସ୍ଥାପନ କରିଛି। ସୋଲିସ୍ ୟାନମାର୍ ବର୍ଗ ଅଧୀନରେ ଏହା ହେଉଛି ଜାପାନର ହାଇବ୍ରିଡ୍ ପ୍ରଯୁକ୍ତି ଏବଂ ଏହାର ପେଟେଣ୍ଟ ମଧ୍ୟ କରାଯାଇଛି। ନୂଆ ସୋଲିସ୍ ହାଇବ୍ରିଡ୍ ୫୦୧୫ ଟ୍ରାକ୍ଟର ଜରିଆରେ ସୋଲିସ୍ ୟାନମାର ସ୍ଥିତିକୁ ଆଇଟିଏଲ୍ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ନୂଆ ୫୦ଏଚ୍‌ପି ସୋଲିସ୍ ହାଇବ୍ରିଡ୍ ୫୦୧୫ ଟ୍ରାକ୍ଟର ହେଉଛି ଏକ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ଟ୍ରାକ୍ଟର ଯେଉଁଥିରେ ଉଭୟ ଡିଜେଲ ଇଞ୍ଜିନ ଏବଂ ଇଲେକ୍ଟ୍ରିକ୍ ଶକ୍ତି ରହିଛି।

# ନଗଦ ମୋହ ତୁଟୁନି

## ବଜାରରେ ୨୯ ଲକ୍ଷ କୋଟି ଟଙ୍କା

ନୂଆଦିଲ୍ଲୀ,୪।୫



ଡିଜିଟାଲ କାରବାର ବଢୁଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ନଗଦ ମୋହ କମୁନାହିଁ। ରିଜର୍ଭ ବ୍ୟାଙ୍କ ଡାଟା ମୁତାବକ ବଜାରରେ ବର୍ତ୍ତମାନ ୨୯ ଲକ୍ଷ କୋଟି ଟଙ୍କାର ନଗଦ ପ୍ରଚଳନ ହେଉଛି। ଆର୍ଥିକ ବର୍ଷ ଆରମ୍ଭରୁ ହିଁ ଲୋକଙ୍କ ମଧ୍ୟରେ ନଗଦ କାରବାର ବଢ଼ିଚାଲିଛି। ଚଳିତ ବର୍ଷ ଏପ୍ରିଲର ୪ ସପ୍ତାହରେ ଲୋକମାନେ ୫୭,୮୦୦ କୋଟି ଟଙ୍କା ଉଠାଣ କରିଛନ୍ତି। କ୍ୟାଶ୍ ବ୍ୟବହାର ଲାଗି କୋଭିଡ୍‌ର ଦ୍ୱିତୀୟ ଲହର ମଧ୍ୟ ଏକ କାରଣ ଭାବେ ଉଭା ହୋଇଛି। ଚଳିତ ବର୍ଷ ମାର୍ଚ୍ଚରେ ବଜାରରେ ୨୮.୫୮ ଲକ୍ଷ କୋଟି ଟଙ୍କାର ନଗଦ ପ୍ରଚଳନରେ ରହିଥିଲା। ଏପ୍ରିଲ ୨୩ ସୁଦ୍ଧା ଏହା ୨୯.୦୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହାର ଠିକ୍ ଗୋଟିଏ ସପ୍ତାହ ତୁଳନାରେ ୭୩୫୨ କୋଟି ଟଙ୍କା ନୂଆ କରି ପ୍ରଚଳନକୁ ଆସିଛି।

ଡିଜିଟାଲ କାରବାର ବଢୁଥିଲେ ମଧ୍ୟ ଲୋକମାନେ ଅର୍ଥ ମହଜୁଦ କରି ରଖିବା ଦେଖାଯାଉଛି। ୨୦୨୧ ମାର୍ଚ୍ଚରେ ୟୁପିଆଇରେ ଟ୍ରାଞ୍ଜାକଶନ ୨.୩ ବିଲିୟନ ରହିଥିଲା। ଏହାର ମୂଲ୍ୟ ପ୍ରାୟ ୫ ଲକ୍ଷ କୋଟି ହେବ। ଲକ୍‌ଡାଉନ ଉଠିବା ପରେ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ବ୍ୟବହାରରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଲକ୍‌ଡାଉନ ଯୋଗୁ ଲୋକମାନେ ନିଜ ପାଖରେ ନଗଦ ଅର୍ଥ ଉଠାଇ ରଖିବାକୁ ପସନ୍ଦ କରୁଥିବା ବ୍ୟାଙ୍କର୍ସ କୁହନ୍ତି। ମହାମାରୀ ପୂର୍ବରୁ ଲୋକମାନେ ହାରାହାରି ୪ ହଜାର ଟଙ୍କା ଉଠାଉଥିବା ବେଳେ ଏହା ଏବେ ୪,୫୦୦ ଟଙ୍କାକୁ ବଢିଛି। ସେହିଭଳି ଲୋକମାନେ ଯେଉଁ ହାରରେ ଉଠାଣ କରୁଛନ୍ତି ସେହିଭଳି ଅର୍ଥ ଜମା କରିବାକୁ ଆସୁନାହାନ୍ତି।

ସରକାର ଯଦି ଲୋକଙ୍କ ନିକଟକୁ ନଗଦ ଅର୍ଥ ପଠାଇବା ଆରମ୍ଭ କରନ୍ତି ତେବେ ବର୍ତ୍ତମାନ ତୁଳନାରେ ପ୍ରଚଳନରେ ଥିବା ନଗଦ ପରିମାଣ ବଢାଯିବ। ଜନଧନ ଖାତାଧାରୀ ସେମାନଙ୍କ ଖାତାକୁ ଅର୍ଥ ଆସିଲେ ତାକୁ ତୁରନ୍ତ ଉଠାଇବା ଦିଗରେ ଅଗ୍ରସର ହେଉଥିବା ଦେଖାଯାଇଛି।

## ଖେଳ ଖବର

### ବିଏଫ୍ଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମୃତ୍ୟୁ




**ନୂଆଦିଲ୍ଲୀ, ୪।୫ (ପି.ଟି.):** କରୋନାରେ ପୀଡ଼ିତ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ସାଚେଟିଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସାଚେଟି କିଛିଦିନ ହେଲା ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ତରଫରୁ ଶୋକ ପ୍ରକାଶ କରାଯାଇଛି। ସାଚେଟି ମନପ୍ରାଣ ଦେଇ ଜାତୀୟ ମହାସଂଘ ପାଇଁ କାର୍ଯ୍ୟ କରୁଥିଲେ ବୋଲି ବିଏଫ୍ଆଇ ସଭାପତି ଅଜୟ ସିଂ କହିଛନ୍ତି। ଗତ କିଛିବର୍ଷ ମଧ୍ୟରେ ଭାରତୀୟ ବକ୍ସିଂର ଯେଉଁ ପ୍ରଗତି ଘଟିଛି ସେଥିରେ ସାଚେଟିଙ୍କ ବଡ଼ ଅବଦାନ ରହିଛି ବୋଲି ସେ କହିଛନ୍ତି। ଏହି ଭେଟେରାନ ପ୍ରଶାସକଙ୍କ ବିୟୋଗରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶୋକପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟା କହିଛନ୍ତି, ଭାରତରେ ଅଲିମ୍ପିକ ଓ ରାଜ୍ୟଗୋଷ୍ଠୀ ଆନ୍ଦୋଳନରେ ସାଚେଟିଙ୍କ ଅବଦାନ ଅବିସ୍ମରଣୀୟ।

### ଅଷ୍ଟ୍ରେଲିଆ ଖେଳାଳି ମାଳଦ୍ୱୀପ ବାଟଦେଇ ସ୍ୱଦେଶ ଫେରିବେ

**ନୂଆଦିଲ୍ଲୀ,୪।୫(ପି.ଟି.):** କୋଭିଡ୍-୧୯ ପାଇଁ ଅଷ୍ଟ୍ରେଲିଆ ଭାରତରୁ ସବୁପ୍ରକାର ବିମାନଯାତ୍ରାକୁ ବାତିଲ କରିଛି। ଫଳରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସାମିଲ ଥିବା ଅଷ୍ଟ୍ରେଲିଆ କ୍ରିକେଟର, ସପୋର୍ଟ ଷ୍ଟାଫ୍, କମେଣ୍ଟେଟରମାନେ ମାଳଦୀପ ଯିବେ ଓ ସେଠାରୁ ଅଷ୍ଟ୍ରେଲିଆ ଯାତ୍ରା କରିବେ ବୋଲି ଆଶା କରାଯାଉଛି। ଆଇପିଏଲ୍‌କୁ ସସ୍‌ପେଣ୍ଡ କରାଯାଇଛି। କମେଣ୍ଟେଟର, କୋଚ୍‌ଙ୍କ ସମେତ ୧୪ଜଣ ଅଷ୍ଟ୍ରେଲିଆ ଖେଳାଳି ମାଳଦୀପ ବାଟ ଦେଇ ସ୍ୱଦେଶ ଫେରିବେ। ତେବେ ଖେଳାଳି, କୋଚ୍, ସପୋର୍ଟ ଷ୍ଟାଫ୍, କମେଣ୍ଟେଟରଙ୍କୁ ନେଇ ୪୦ ଜଣ ଅଷ୍ଟ୍ରେଲୀୟ ଆଇପିଏଲ ବାୟୋ-ବବଲରେ ରହୁଥିଲେ। ଏମାନଙ୍କ ମଧ୍ୟରେ ପ୍ୟାଟ୍ କମିନ୍ସ, ଷ୍ଟିଭେନ ସ୍ମିଥ, ଗ୍ଲେନ ମ୍ୟାକ୍ସୱେଲ, ରିକି ପଣ୍ଟିଂ, ସାଇମନ କାଟିଜ, ମାଇକେଲ ସ୍ଲାଟର ମାଳଦୀପ ଯାତ୍ରା କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଥିବା ପ୍ୟାଟ କମିନ୍ସ ଭାରତରେ ସ୍ଥିତି ଅସମ୍ଭାଳ ବୋଲି କହିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଓ ଅଷ୍ଟ୍ରେଲିଆ କ୍ରିକେଟର୍ସ ଆସୋସିଏଶନ (ଏସିଏ) ସରକାରଙ୍କ ସହ ମିଶି ଏ ନେଇ କାର୍ଯ୍ୟ କରୁଛନ୍ତି। ଭାରତରୁ ବିମାନ ଯାତ୍ରା ଅଷ୍ଟ୍ରେଲିଆ ବାତିଲ କରିଥିବାରୁ ଖେଳାଳିମାନେ ନୂଆ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

### ଭାରତର ୪ ମହିଳା କ୍ରିକେଟରଙ୍କୁ ଏନ୍‌ଓସି

ନୂଆଦିଲ୍ଲୀ, ୪।୫(ପି.ଟି.)




ଜୁଲାଇ ୨୧ରୁ ୟୁକେରେ ‘ହଣ୍ଡ୍ରେଡ୍’ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ୪ ମହିଳା କ୍ରିକେଟରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୋ ଅବ୍‌ଜେକ୍ଶନ ସାର୍ଟିଫିକେଟ (ଏନ୍‌ଓସି) ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଭାରତର ଟି୨୦ ଅଧିନାୟିକା ହରମନପ୍ରୀତ କୌର, ଓପନର ସ୍ମୃତି ମନ୍ଧାନା ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ସାମିଲ ଅଛନ୍ତି। ୪ର୍ଥ ଖେଳାଳିଙ୍କ ନାମ ପ୍ରକାଶ କରାଯାଇନାହିଁ। ଭାରତୀୟ ଖେଳାଳିମାନେ ଜୁନ୍-ଜୁଲାଇରେ ଇଂଲଣ୍ଡରେ ବିଭିନ୍ନ ଫର୍ମାଟରେ କ୍ରିକେଟ ସିରିଜ ଖେଳିବ। ଏହାପରେ ଏହି ୪ ଖେଳାଳି ୧୦୦ ବଲ୍ ଟୁର୍ନାମେଣ୍ଟ ଖେଳିବାପାଇଁ ଇଂଲଣ୍ଡରେ ରହିବେ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁନ୍ ୧୬ରେ ଏକମାତ୍ର ଟେଷ୍ଟ ଅନୁଷ୍ଠିତ ହେବ। ଏହିଠାରୁ ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ଆରମ୍ଭ ହୋଇ ଜୁଲାଇ ୧୫ରେ ସରୁଥିବା ଟି୨୦ ସିରିଜରେ ଶେଷ ହେବ। ଗସ୍ତର ମଧ୍ୟଭାଗରେ ଦୁଇଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ।

ଇଂଲଣ୍ଡ ଗସ୍ତପାଇଁ ଭାରତୀୟ ମହିଳା କ୍ରିକେଟ ଦଳର ନାମ ତାଲିକା ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ବିସିସିଆଇର କ୍ରିକେଟ ପରାମର୍ଶଦାତା କମିଟି ଖୁବ୍‌ଶୀଘ୍ର ଜଣେ ମୁଖ୍ୟ କୋଚ୍‌ଙ୍କୁ ନିଯୁକ୍ତି ଦେବାପରେ ଏହି ପ୍ରକ୍ରିୟା ଅନୁଷ୍ଠିତ ହେବା ଆଶା କରାଯାଉଛି। ମନୋନୀତ ଖେଳାଳିମାନେ ମେ ୨୭ରେ ରିପୋର୍ଟ କରିବେ। ତେବେ ଭାରତୀୟ ଦଳ କିପରି ୟୁକେ ଯିବ ସମ୍ପର୍କରେ କିଛି ପ୍ରକାଶ କରାଯାଇନାହିଁ। ଦେଶରେ କୋଭିଡ-୧୯ ସଂକ୍ରମଣ ଅସମ୍ଭବ ଭାବେ ବଢୁଥିବାରୁ ବ୍ରିଟିଶ୍ ସରକାର ଭାରତର ସମସ୍ତ ବିମାନକୁ ବାତିଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ହରମନପ୍ରୀତ, ମନ୍ଧାନା, ଦୀପ୍ତି ଓ ଜେମିମା ରୋଡ୍ରିଗ୍ସେଜ ୨୦୧୯ରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ଘରୋଇ ଟି୨୦ ଟୁର୍ନାମେଣ୍ଟ କିଆ ସୁପର ଲିଗ୍ (କେଏସ୍ଏଲ)ରେ ଅଂଶଗ୍ରହଣ କରିଥିଲେ। କୋଭିଡ-୧୯ ମହାମାରୀ ପାଇଁ ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟ ଗତବର୍ଷ ବାତିଲ ହୋଇଥିଲା। ଚଳିତ ବର୍ଷ ପ୍ରଥମ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ ଦୁଇ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଓଭାଲ ଇନଭିନ୍ସିବଲ୍ସ ଓ ମାଞ୍ଚେଷ୍ଟର ଓରିଜିନାଲ୍ସ ମଧ୍ୟରେ ଲଣ୍ଡନରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏହା ପରଦିନ ସେମାନଙ୍କ ପୁରୁଷ ବିଭାଗ ମ୍ୟାଚ ଆରମ୍ଭ ହେବ।

**‘ହଣ୍ଡ୍ରେଡ୍’ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣ**



ଏକ ଟୁର୍ଣ୍ଣାମେଣ୍ଟ ପରେ କାର୍ଲୋସ ଆଲକାରେଜଙ୍କୁ ପୁରସ୍କାର ପ୍ରଦାନ ଅବସରରେ ରାଫାଲ ନାଡାଲ।

### ପୁରସ୍କୃତ କରିଥିବା ଖେଳାଳିଙ୍କୁ ଭେଟିବେ ରାଫାଲ ନାଡାଲ

**ମାଡ୍ରିଡ, ୪।୫ (ଏପି):** କିଛିଦିନ ତଳେ ଏକ ସ୍ଥାନୀୟ ଟୁର୍ନାମେଣ୍ଟରେ ଜଣେ ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ସ୍ପାନିଶ ଗ୍ରେଟ୍ ରାଫାଲ ନାଡାଲ। ମାତ୍ର ଏଠାରେ ଚାଲିଥିବା ମାଡ୍ରିଡ ଓପନ ଟେନିସ ଟୁର୍ନାମେଣ୍ଟରେ ସେହି ଖେଳାଳି ଏବେ ନାଡାଲଙ୍କ ପ୍ରତିଦ୍ୱନ୍ଦ୍ୱୀ। ଉଦୀୟମାନ ଟେନିସ ଖେଳାଳି ଜଣକ ହେଲେ କାର୍ଲୋସ ଆଲକାରେଜ। ୧୭ ବର୍ଷୀୟ ଆଲକାରେଜ ଓ ନାଡାଲଙ୍କ ମଧ୍ୟରେ ଏଠାରେ ଦ୍ୱିତୀୟ ରାଉଣ୍ଡ ମୁକାବିଲା ହେବ। ପ୍ରଥମ ରାଉଣ୍ଡରେ ଆଡ୍ରିଆନୋ ମାନାରିନୋଙ୍କୁ ୬-୪, ୬-୦ ସେଟ୍‌ରେ ହରାଇ ଆଲକାରେଜ ୨୦ ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କ ବିପକ୍ଷରେ ନିଜ ସ୍ୱପ୍ନର ମ୍ୟାଚ ଖେଳିବାକୁ ଯାଉଛନ୍ତି। ବୁଧବାର ଆଲକାରେଜଙ୍କ ଜନ୍ମଦିନ। ସେ ଦିନ ସେ ମ୍ୟାଜିକ ବକ୍ସ ସେଣ୍ଟର କୋର୍ଟରେ ନିଜ ଆଦର୍ଶ ଖେଳାଳି ନାଡାଲଙ୍କ ବିପକ୍ଷରେ ଖେଳିବେ। ‘‘ରାଫାଙ୍କ ବିପକ୍ଷରେ ଖେଳିବା ସ୍ୱପ୍ନ ବାସ୍ତବ ରୂପ ନେବାପରି କଥା। ମୁଁ ପିଲା ଦିନରୁ ତାଙ୍କ ବିପକ୍ଷରେ ଖେଳିବାକୁ ଇଚ୍ଛା ରଖିଛି। ୧୮ତମ ଜନ୍ମଦିନ ପାଳନ କରିବାପାଇଁ ଏହାଠାରୁ ଆଉ ବଡ଼ କଥା କିଛି ନାହିଁ’’ ବୋଲି ଆଲକାରେଜ କହିଛନ୍ତି। ୨୦୧୮ରେ ପେସାଦାର ଟେନିସ ଜୀବନ ଆରମ୍ଭ କରିଥିବା ଆଲକାରେଜ ଏକ ୱାଇଲ୍ଡ କାର୍ଡ ମାଧ୍ୟମରେ ମାଡ୍ରିଡ ଓପନରେ ଏଣ୍ଟ୍ରି କରିଥିଲେ। ତାଙ୍କୁ ୩୪ ବର୍ଷୀୟ ନାଡାଲଙ୍କର ଉତ୍ତରାଧିକାରୀ ବିବେଚନା କରାଯାଉଛି। ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଅବସରରେ ଦୁହେଁ ସାଥିହୋଇ ଅଭ୍ୟାସ କରିଥିଲେ। ସେଠାରେ ଆଲକାରେଜ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଆଗାମୀ ମ୍ୟାଚରୁ ତାଙ୍କୁ ଅନେକ କିଛି ଶିଖିବାକୁ ମିଳିବ ବୋଲି ସେ କହିଛନ୍ତି।

**ମାଡ୍ରିଡ ଓପନ ଟେନିସ ଦ୍ୱିତୀୟ ରାଉଣ୍ଡ**

### ସହାୟତା କଲେ ବେହରେନଡର୍ଫ

ନୂଆଦିଲ୍ଲୀ, ୪।୫ (ପି.ଟି.)

ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)ର ଅଷ୍ଟ୍ରେଲୀୟ ପେସ୍ ବୋଲର ଜାସନ ବେହରେନଡର୍ଫ ଭାରତର କୋଭିଡ୍ ସଙ୍କଟ ପାଇଁ ଉଦ୍ଦିଷ୍ଟ ୟୁନିସେଫ୍ ପ୍ରୋଜେକ୍ଟ ଲାଗି ଅର୍ଥ ଦାନ କରିଥିବା ମଙ୍ଗଳବାର ଘୋଷଣା କରିଛନ୍ତି। କିନ୍ତୁ ଏହାର ପରିମାଣ କେତେ ତାହା ସେ ସ୍ପଷ୍ଟ କରିନାହାନ୍ତି। ୩୧ବର୍ଷୀୟ ଏହି କ୍ରିକେଟର ଜଣକ କହିଛନ୍ତି, ସେ ଓ ତାଙ୍କ ପରିବାର ଭାରତରେ ଯେଉଁ ଆତିଥେୟ ପାଇଛନ୍ତି ତାହାକୁ ସେ ଆଦୌ ଭୁଲିପାରିବେ ନାହିଁ। ତାଙ୍କ ଦାନ ପରିମାଣ ଯଦିଓ ନଗଣ୍ୟ ଏହା କିଛିଟା ଫରକ ଆଣିବ ବୋଲି ସେ ମନେକରନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଜୋସ୍ ହାଜଲେଉଡ୍ ଆଇପିଏଲ୍‌ରୁ ଓହରିଯାଇଥିଲେ। ତାଙ୍କ ସ୍ଥାନରେ ବେହରେନଡର୍ଫଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ରେ ସ୍ଥାନ ମିଳିଥିଲା। ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ଏହି କାରଣ ପାଇଁ



୫୦,୦୦୦ ଅଷ୍ଟ୍ରେଲୀୟ ଡଲାର ଦାନ କରିଥିଲା। ବେହରେନଡର୍ଫଙ୍କ ବ୍ୟତୀତ ଦେଶର ପ୍ୟାଟ କମିନ୍ସ ଓ ବ୍ରେଟ୍ ଲି’ ମଧ୍ୟ ଅର୍ଥ ଦାନ କରିଛନ୍ତି।



ଅଭିନେତ୍ରୀ ଦୀପିକା ପାଦୁକୋନ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏ ନେଇ ସେ ନିଜେ କୌଣସି ଅପ୍‌ଡେଟ୍ ଦେଇ ନାହାନ୍ତି। ସେ ଏବେ ପରିବାର ସହ ବାଙ୍ଗାଲୁରୁରେ ଅଛନ୍ତି। କିଛି ଦିନ ପୂର୍ବରୁ ତାଙ୍କ ବାପା ପ୍ରକାଶ ପାଦୁକୋନଙ୍କ ସମେତ ଭଉଣୀ ଅନିଷା ମଧ କରୋନାରେ ସଂକ୍ରମିତ ହୋଇଛନ୍ତି।



# ଚାନ୍ଦା ଟଙ୍କାରେ କୋଭିଡ୍ କେୟାର

**କରୋନା ମହାମାରୀ ବିଶ୍ୱକୁ ଥରହର କରି ରଖିଥିବାବେଳେ ଭୂତାଣୁର ଦ୍ୱିତୀୟ ଲହର ଭାରତୀୟ ଉପମହାଦେଶବାସୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ମହାରାଷ୍ଟ୍ର, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ସଂକ୍ରମଣ ସୀମା ଟପିଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅମ୍ଳଜାନ ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। କରୋନାକୁ ହରାଇବା ଲାଗି ସୁରକ୍ଷା, ସତର୍କତା ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ମାନସିକସ୍ତରରେ ସମସ୍ତେ ଏକାଠି ହୋଇ ଲଢ଼ିବାର ବେଳ ଆସିଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଭଳି ସମୟରେ ମଧ୍ୟପ୍ରଦେଶର ଏକ ଗାଁ ଚର୍ଚ୍ଚାକୁ ଆସିଛି। ଗ୍ରାମର ଜଣେ ଝିଅକୁ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ସୁବିଧା ନ ମିଳିବାରୁ ଗ୍ରାମବାସୀ ଚାନ୍ଦା କରି ୩୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ କୋଭିଡ୍ କେୟାର ସେଣ୍ଟର ଖୋଲି ସୃଷ୍ଟି କରିଛନ୍ତି ଭିନ୍ନ ଉଦାହରଣ।**



**ଭୋପାଳ:** ମଧ୍ୟପ୍ରଦେଶରେ କରୋନା ସଂକ୍ରମଣଜନିତ ସ୍ଥିତି ଅତି ଜଟିଳ ରୂପ ଧାରଣ କରିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ଅଭାବ, ଶଯ୍ୟା ନ ମିଳିବା, ଅମ୍ଳଜାନ ସଙ୍କଟ ସଂକ୍ରମିତଙ୍କ ଜୀବନକୁ ଆହୁରି ଦୁର୍ବିଷହ କରିଦେଇଛି। ବାଲାଘାଟ ଜିଲା ଲାଲବର୍ରା ଗ୍ରାମବାସୀ ମଧ୍ୟ ଏଭଳି ବିପତ୍ତିର ସମ୍ମୁଖୀନ ହୋଇଥିଲେ। ହେଲେ 'ଏକାଠି ହିଁ ବଳ' ନ୍ୟାୟରେ ସେମାନେ ଏହାର ସରଳ ସମାଧାନ ବାହାର କରିଛନ୍ତି। ଗ୍ରାମର ଜଣେ ଯୁବତୀ କରୋନାରେ ସଂକ୍ରମିତ ହୋଇ ସହରକୁ ଚିକିତ୍ସା ପାଇଁ ଯାଇଥିଲେ। ଏଥିରେ ସମ୍ପୃକ୍ତ ପରିବାରକୁ ନା ନା କଷ୍ଟ ସହିବାକୁ ପଡ଼ିଲା। ଯୁବତୀ ଜଣକ ସୁସ୍ଥ ହୋଇ

## ସାହସୀ ଗ୍ରାମବାସୀଙ୍କ ସାମୂହିକ ଉଦ୍ୟମ

ଘରକୁ ବାହୁଡ଼ିବା ପରେ ଗ୍ରାମବାସୀ କରୋନା ବିରୋଧରେ ଏକାଠି ହୋଇ ଲଢ଼ିବାକୁ ମାନସିକସ୍ତରରେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଆସନ୍ନ ବିପଦର ମୁକାବିଲା ଏବଂ ସଂକ୍ରମିତ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଘର ଘର ବୁଲି ଚାନ୍ଦା ଆଦାୟ କରାଯାଉଥିଲା। ସଂଗୃହୀତ ଅର୍ଥରେ ଗ୍ରାମରେ ଏକ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି।

## ସୁସ୍ଥ ହେଲେଣି ଶତାଧିକ

କରୋନା ମହାମାରୀ ସବୁଆଡ଼େ ନକାରାତ୍ମକ ଭାବନାର ପରିବେଶ ସୃଷ୍ଟି କରିଥିବାବେଳେ ଲାଲବର୍ରାବାସୀଙ୍କ ଉଦ୍ୟମରେ ହୋଇଥିବା କୋଭିଡ୍ କେୟାର ସେଣ୍ଟରକୁ ନେଇ ଏବେ ସମଗ୍ର ମଧ୍ୟପ୍ରଦେଶରେ ଚର୍ଚ୍ଚା। ପଞ୍ଚାୟତର ୨୦ ୱାର୍ଡର ପାଖାପାଖି ୧୦ ହଜାର ଜନସାଧାରଣଙ୍କ ଆଶା ଭରସା ପାଲଟିଛି ଏହି ସେଣ୍ଟର। ଏପ୍ରିଲ ୨୧ରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ଅଦ୍ୟାବଧି ୧୦୦ରୁ ଅଧିକ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଲେଣି। ପ୍ରାଥମିକ ପର୍ଯ୍ୟାୟରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ଥିବାରୁ ରୋଗୀ ମୃତ୍ୟୁମୁଖରୁ ବଞ୍ଚିପାରୁଛନ୍ତି। ଏଭଳି ମହତ୍ କାର୍ଯ୍ୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ବିପୁଳ ସମର୍ଥନ ଗ୍ରାମବାସୀଙ୍କୁ ଅଧିକ ଉତ୍ସାହ ପ୍ରଦାନ କରିଛି।

## ହସ୍ପିଟାଲ ଉପରୁ କମିଲା ନିର୍ଭରଶୀଳତା

ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ସମସ୍ୟା ପଡ଼ିଲେ ହିଁ ଏଥିରୁ ମୁକୁଳିବାର ବାଟ ଖୋଜେ ମଣିଷ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଲାଲବର୍ରା ଗ୍ରାମବାସୀ। ବାଲାଘାଟ ଜିଲା ମୁଖ୍ୟାଳୟରୁ ୨୬ କିଲୋମିଟର ଦୂରତାରେ ଅବସ୍ଥିତ ଏହି ଗ୍ରାମର ବାସିନ୍ଦା କୋଭିଡ୍ କେୟାର ସେଣ୍ଟର ନିର୍ମାଣ କରି କେବଳ ଉଦାହରଣ ସୃଷ୍ଟି କରିନାହାନ୍ତି, ଅଧିକନ୍ତୁ ସରକାରୀ ହସ୍ପିଟାଲ ଉପରୁ ନିର୍ଭରତା କମାଇବାରେ ସକ୍ଷମ ହୋଇଛନ୍ତି। ଗ୍ରାମର ଏକ ହଷ୍ଟେଲରେ ଆରମ୍ଭ ହୋଇଥିବା ଉକ୍ତ କୋଭିଡ୍ କେୟାର ସେଣ୍ଟରରେ ଅକ୍ସିଜେନ ସେଣ୍ଟର, ୨୫ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର, ସୁଷମ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା କୋଭିଡ୍ ରୋଗୀଙ୍କ ଲାଗି ଏଠାରେ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରାଯାଇଛି। କେନ୍ଦ୍ରର ସୁପରିଚାଳନା ପାଇଁ ଗ୍ରାମବାସୀ କେତେଜଣ ଦକ୍ଷ ଡାକ୍ତର ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାକୁ ବାଦ୍ ଦେଇ ଦିନକୁ ଦୁଇଥର ସରକାରୀ ଡାକ୍ତର ଆସି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଯାଉଛନ୍ତି। ଏସବୁ କାର୍ଯ୍ୟ ଲାଗି ୧୨ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରାଯାଇଛି।

# ଶିଳ୍ପାଙ୍କ ସ୍ଥାନରେ ମଲାଇକା



**ମୁମ୍ବାଇ:** ଡ୍ୟାନ୍ସ ରିଅଲିଟି ଶୋ' ସୁପର ଡ୍ୟାନ୍ସର-୪ରେ ଜଜ୍ ଶିଳ୍ପା ସେଟ୍ଟିଙ୍କ ସ୍ଥାନରେ ମଲାଇକା ଅରୋରାଙ୍କୁ ଦେଖିବାକୁ ମିଳିବ। କରୋନା ସଂକ୍ରମଣ ଯୋଗୁ ଶୋ'ର ସେଟ୍‌କୁ ଗତ ସପ୍ତାହରେ ଡାମନ୍ ଡ୍ୟୁର ଦମନ ସହରକୁ ଶିଫ୍ଟ କରାଯାଇଥିଲା। ବ୍ୟକ୍ତିଗତ କାରଣ ଦର୍ଶାଇ ଶିଳ୍ପା ଓ ଶୋ'ର ଅନ୍ୟତମ ଜଜ୍ ତଥା ଫିଲ୍ମ ନିର୍ଦ୍ଦେଶକ ଅନୁରାଗ ବାସୁ କିଛି ସପ୍ତାହ ପାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ତେଣୁ ନୂଆ ଜଜ୍ ଭାବେ ରେମୋ ଡି'ସୁଜା ଏବଂ ଫରହା ଖାନ୍ ଗତ ସପ୍ତାହରେ ସୁଟିଂ କରିଥିଲେ। ଶୋ'କୁ ଅନୁରାଗ ଓ ଗୀତା କପୁର ଫେରିଥିଲେ ମଧ୍ୟ ଶିଳ୍ପା ଯୋଗ ଦେଇନାହାନ୍ତି। ତାଙ୍କ ବଦଳରେ ମଲାଇକାଙ୍କୁ ନିଆଯାଇଥିବା ଶୋ' ନିର୍ମାତା ରଞ୍ଜିତ ଠାକୁର କହିଛନ୍ତି। ରିପୋର୍ଟ ମୁତାବକ, ଶିଳ୍ପା ସେଟ୍ଟୀ ଗୋଟିଏ ଏପିସୋଡ୍ ପାଇଁ ୧୮ ଲକ୍ଷ ଟଙ୍କା ଦାବି କରୁଥିଲେ। ଏବେ ସେ ୨୦ ଲକ୍ଷ ଟଙ୍କା ଦାବି କରୁଥିବା ଜଣାଯାଇଛି।

# ଛୁଟି ନ ମିଳିବାରୁ ପୋଲିସ କର୍ମଚାରୀଙ୍କ ଇସ୍ତଫା

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶରେ ଜଣେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ କରୋନା ସଂକ୍ରମିତ ହୋଇଥିଲେ। ଏହା ଜାଣିବା ପରେ ସମ୍ପୃକ୍ତ ପୋଲିସ ଛୁଟି ପାଇଁ ଆବେଦନ କରିଥିଲେ। ହେଲେ ଛଟି ନ ମିଳିବାରୁ ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଝାନ୍ସୀ ସିଓ ମନୀଷ ଚନ୍ଦ୍ର ସୋନକର ତାଙ୍କ ସ୍ତ୍ରୀ ସଂକ୍ରମିତ ହେବା ପରେ ଛୁଟି ପାଇଁ ଆବେଦନ କରିଥିଲେ। କିନ୍ତୁ ଛୁଟି ନ ମିଳିବାରୁ ସେ ରାଗିଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ହ୍ୱାଟ୍‌ସଆପ୍‌ରେ ଇସ୍ତଫା ପଠାଇଥିଲେ। ମନୀଷ ଦେଢ ବର୍ଷ ପୂର୍ବରୁ ଝାନସୀରେ ନିଯୁକ୍ତ ହୋଇଥିଲେ। ସେ ପ୍ରାୟ ଦୁଇମାସ ପୂର୍ବରୁ ସିଓ ଚାର୍ଜ ପାଇଥିଲେ। ମନୀଷ ସ୍ତ୍ରୀ ଏବଂ ଚାରି ବର୍ଷର ଝିଅ ସହିତ ଏକ ସରକାରୀ ବାସଭବନରେ ରୁହନ୍ତି। ତାଙ୍କ କହିବା ଅନୁଯାୟୀ, ଏପ୍ରିଲ ୩୦ରେ ସ୍ତ୍ରୀ କରୋନା ସଂକ୍ରମଣ ହୋଇଥିଲେ। ଘରେ ଏକୁଟିଆ ଥିବାରୁ ସେ ତାଙ୍କ ସ୍ତ୍ରୀଙ୍କ ଯତ୍ନ ନେବା ପାଇଁ ମେ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଛୁଟି ମାଗିଥିଲେ, କିନ୍ତୁ ଛୁଟି ମଞ୍ଜୁର ହୋଇ ନ ଥିଲା। ଏହି ସମୟରେ ଭୋଟ ଗଣନା ଡ୍ୟୁଟି ପଡ଼ିଥିଲା। ସେ ଡ୍ୟୁଟି ପରେ ସେ ମେ ୨ରେ ପୁନର୍ବାର ଛୁଟି ମାଗିଥିଲେ, କିନ୍ତୁ ଛୁଟି ମଞ୍ଜୁର ହୋଇ ନ ଥିଲା। ତେଣୁ ସେ ବାଧ ହୋଇ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି।

# ପବନରୁ ଅକ୍ସିଜେନ ଯୋଗାଇବ ମେଶିନ

**ଭୋପାଳ:** କରୋନା ରୋଗୀଙ୍କ ପାଇଁ ବରଦାନ ସାଜିଛି ଡାକ୍ତର ବ୍ରଜ ଭୂଷଣ ପାଟିଦାରଙ୍କ ନିଆରା ଉଦ୍ଭାବନ। ମଧ୍ୟପ୍ରଦେଶ ଆଗର ମାଲବା ଜିଲାର ସରକାରୀ ଡାକ୍ତରଖାନାର ଏହି ଡାକ୍ତର ଏବେ ରୋଗୀଙ୍କ ସୁବିଧା ନିମନ୍ତେ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ଧରଣର ମେଶିନ୍, ଯାହା ମାଧ୍ୟମରେ ବାୟୁମଣ୍ଡଳରୁ ହିଁ ଅକ୍ସିଜେନ୍ ନେଇ ରୋଗୀଙ୍କୁ ଦେଇହେବ। ଅନେକ ସ୍ଥାନରେ ଅକ୍ସିଜେନର ଅଭାବ ଡାକ୍ତରମାନଙ୍କୁ ଅସହାୟ କରି ଦେଇଛି। ଏଭଳି ପରିସ୍ଥିତିର ମୁକାବିଲା ପାଇଁ ଅନ୍ୟ ଉପରେ ନିର୍ଭର ନ କରି ନିଜ ଉଦ୍ୟମରେ ଏକ କମ୍ପ୍ରେସର ମେଶିନ ବାହାର କରିଛନ୍ତି ଡାକ୍ତର ପାଟିଦାର।

ଏମର୍ଜେନ୍ସି ସମୟରେ ଏହି ମେଶିନ ମାଧ୍ୟମରେ ରୋଗୀକୁ କିଛି ପରିମାଣରେ ଅକ୍ସିଜେନ୍ ବାୟୁମଣ୍ଡଳରୁ ଗ୍ରହଣ କରି ଯୋଗାଇ ହେବ। ଡାକ୍ତର ବ୍ରଜଭୂଷଣ ଦନ୍ତ ଚିକିତ୍ସା ବିଭାଗରେ ଥିବା ଏକ କମ୍ପ୍ରେସରକୁ ଆଣି ମୋଡିଫିକେସନ କରି ଏଭଳି ଏକ ଅକ୍ସିଜେନ୍ ମେଶିନ୍ ତିଆରି



କରିଛନ୍ତି। କମ୍ପ୍ରେସର ମେସିନକୁ ଅକ୍ସିଜେନ୍ ମେସିନରେ ପରିବର୍ତ୍ତନ କରିବା ପାଇଁ ତାଙ୍କୁ ୨୦ ରୁ ୨୫ ହଜାର ଟଙ୍କା କରିବାକୁ ପଡିଛି। ଏହି କାମରେ ତାଙ୍କୁ ଡାକ୍ତରଖାନାର ଅନ୍ୟ କେତେଜଣ ସହଯୋଗୀ ମଧ୍ୟ ସାହାଯ୍ୟ କରିଛନ୍ତି। ବ୍ରଜଭୂଷଣଙ୍କ କହିବା କଥା ଏହି ମେଶିନ ମାଧ୍ୟମରେ ବାୟୁମଣ୍ଡଳରୁ କିଛି ମାତ୍ରାରେ ଅମ୍ଳଜାନ ରୋଗୀକୁ ପ୍ରଦାନ କରାଯାଇପାରୁଛି। ଏହାଦ୍ୱାରା ଜଣେ କରୋନା ରୋଗୀ ବିଶେଷ ସହାୟତା ପାଇପାରୁଛନ୍ତି। ଅବଶ୍ୟ ଏହାର ଫାଇଦା ସମ୍ପର୍କରେ ଏବେ ସୁଦ୍ଧା ଅନ୍ୟ କୌଣସି ସଂଗଠନର ପ୍ରତିକ୍ରିୟା ଆସିନାହିଁ। କିନ୍ତୁ ଡାକ୍ତର ବ୍ରଜଭୂଷଣ ଏଭଳି ଏକ ମେଶିନ୍ ତିଆରି କରି ଆତ୍ମସନ୍ତୋଷ ଲାଭ କରିଥିବା କୁହନ୍ତି।

# ଶିଶୁକୁ ବିକି ପ୍ରେମିକା ସହ ବୁଲିଲେ

**ବେଜିଂ:** ଚାଇନାର ଜଣେ ବ୍ୟକ୍ତି ନିଜ ଦୁଇ ବର୍ଷର ଶିଶୁପୁତ୍ରକୁ ବିକି ପ୍ରେମିକାଙ୍କ ସହ ବିଦେଶ ବୁଲିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବ୍ୟକ୍ତି ଜଣକ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିଲେ। କିନ୍ତୁ ସେ ହିଁ ପିଲାର ଦେଖାଶୁଣା କରିବେ ବୋଲି କୋର୍ଟ ରାୟ ଦେଇଥିଲେ। ପରେ ବ୍ୟକ୍ତିଜଣକ କାମ କରିବାକୁ ଅନ୍ୟ ଏକ ସହରକୁ ଚାଲିଗଲେ। ପରେ ଆସି ପୁଅକୁ ସାଥୀରେ ନେଇ ଚାଙ୍ଗସ ସହରରେ ଏକ ଦମ୍ପତିଙ୍କୁ ବିକି ଦେଇଥିଲେ। ପରେ ଏହି ଅର୍ଥରେ ଗର୍ଲଫ୍ରେଣ୍ଡଙ୍କ ସହ ବିଦେଶ ଭ୍ରମଣରେ ବାହାରିପଡ଼ିଲେ। କିଛିଦିନ ପର୍ଯ୍ୟନ୍ତ ଯେତେବେଳେ ପୁଅ ଫେରିଲେ ନାହିଁ ସେତେବେଳେ ମା' ପୋଲିସରେ ସୂଚନା ଦେଇଥିଲେ। ପରେ ପୋଲିସ ଯାଞ୍ଚ କରି ଏହି ବ୍ୟକ୍ତିଙ୍କୁ ଗିରଫ କରିଛି। ଏହା ପୂର୍ବରୁ ମଧ୍ୟ ଏହି ବ୍ୟକ୍ତିଜଣକ ଦୁଇ ଝିଅଙ୍କୁ କୌଣସି ଏକ ପରିବାରକୁ ବିକି ଦେଇଥିଲେ। ପୋଲିସ ଏହି ଘଟଣାର ଯାଞ୍ଚ କରୁଛି।

# ଚିଡ଼ିଆଖାନାରେ ୮ ସିଂହଙ୍କୁ କରୋନା



**ହାଇଦ୍ରାବାଦ:** ଭାରତରେ କରୋନା ମହାମାରୀର ଘାତକ ଦ୍ୱିତୀୟ ଲହରରୁ ବନ୍ୟଜନ୍ତୁ ମଧ୍ୟ ବାଦ୍ ପଡ଼ିନାହାନ୍ତି। ହାଇଦ୍ରାବାଦର ନେହେରୁ ଜୁଲୋଜିକାଲ ପାର୍କରେ ୮ ଏସୀୟ ସିଂହ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଶୁଖିଲା କାଶ, ନାକରୁ ପାଣି ବାହାରିବା, ଭୋକ ନ ହେବା ଭଳି ଲକ୍ଷଣ ସିଂହଗୁଡ଼ିକଠାରେ ଦେଖାଯିବା ପରେ ହାଇଦ୍ରାବାଦ୍ ସ୍ଥିତ ସେଣ୍ଟର ଫର୍ ସେଲ୍ୟୁଲାର ଆଣ୍ଡ ମଲିକ୍ୟୁଲାର ବାୟୋଲୋଜି (ସିସିଏମ୍‌ବି) ଦ୍ୱାରା ସେମାନଙ୍କ ନମୁନା ସଂଗ୍ରହ କରାଯାଇ ଆରଟି-ପିସିଆର୍ ଟେଷ୍ଟ

## ଭାରତରେ ପ୍ରଥମ


କରାଯାଇଥିଲା। ରିପୋର୍ଟରେ ୮ ସିଂହ କରୋନା ପଜିଟିଭ୍ ଥିବା ଜଣାପଡ଼ିଛି। ଭାରତରେ ପ୍ରଥମ ଥର ପାଇଁ ଏଭଳି ଘଟଣା ସାମ୍ନାକୁ ଆସିଛି। ତେବେ ସଂକ୍ରମିତ ସିଂହଗୁଡ଼ିକର ଶରୀରରେ କରୋନାର ବ୍ରିଟେନ ଷ୍ଟ୍ରେନ କିମ୍ବା ଘାତକ ଭାରତ ମ୍ୟୁଟାଣ୍ଟ ନ ଥିବା ଜିନୋମ୍ ସ୍ୱିକେନ୍ସିଂରୁ ଜଣାପଡ଼ିଥିବା ସିସିଏମ୍‌ବି ନିର୍ଦ୍ଦେଶକ ଡା. ରାକେଶ ମିଶ୍ର କହିଛନ୍ତି। ସିଂହଗୁଡ଼ିକଠାରେ ଚିହ୍ନଟ ହୋଇଥିବା ଭୂତାଣୁ ସାର୍ସ-କୋଭ-୨ ଏବଂ ଏହା ଦ୍ୱାରା ମଣିଷ ପ୍ରତି ଏହାର ବିପଦ ନ ଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଚିଡ଼ିଆଖାନାରେ କାମ କରୁଥିବା ୨୦ ଜଣ ସଂକ୍ରମିତ ହେବା ପରେ ତାହା ବନ୍ୟଜନ୍ତୁଙ୍କୁ ବ୍ୟାପିଥିବା କୁହାଯାଉଛି। ବିଶ୍ୱର ପ୍ରଥମ ଦେଶ ଭାବେ ରୁଷିଆ 'କାର୍ନିଭାକ୍-କୋଭ୍' ନାମକ ଆଣ୍ଟି-କୋଭିଡ୍ ଟିକା ପଶୁମାନଙ୍କ ପାଇଁ ଉତ୍ପାଦନ କରିଥିବା ଦାବି କରିଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କେଟିଂ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଆଦି ଜିଲାର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ପବନ ହେବାର ସମ୍ଭାବନା ରହିଛି। ବୁଧବାର ଦିନର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୩ ଡିଗ୍ରୀ ସେଲ୍‌ସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୬ | ୨୦.୯ |
| ଚାନ୍ଦବାଲି | ୩୨.୦ | ୨୧.୧ |
| କଟକ | ୩୨.୦ | ୨୪.୦ |
| ପାରାଦୀପ | ୩୦.୦ | ୨୨.୬ |
| ଭୁବନେଶ୍ୱର | ୩୧.୮ | ୨୫.୬ |
| ଗୋପାଳପୁର | ୩୪.୪ | ୨୫.୨ |
| ପୁରୀ | ୩୦.୮ | ୨୭.୦ |
| ଅନୁଗୋଳ | ୩୪.୧ | ୨୨.୦ |
| ବାରିପଦା | ୩୦.୨ | ୨୨.୫ |
| ଝାରସୁଗୁଡ଼ା | ୩୭.୫ | ୨୧.୨ |
| କେନ୍ଦୁଝର | ୩୨.୨ | ୨୧.୪ |
| ସମ୍ବଲପୁର | ୩୬.୬ | ୨୨.୨ |
| ସୁନ୍ଦରଗଡ଼ | ୩୬.୦ | ୨୧.୦ |
| ହୀରାକୁଦ | ୩୫.୩ | ୧୯.୬ |
| ତାଳଚେର | ୩୪.୫ | ୨୩.୫ |
| ଭବାନୀପାଟଣା | ୩୮.୬ | ୨୬.୫ |
| ବଲାଙ୍ଗୀର | ୩୯.୦ | ୨୩.୫ |
| କୋରାପୁଟ | ୩୩.୦ | ୨୦.୨ |
| ଫୁଲବାଣୀ | ୩୮.୦ | ୨୦.୫ |
| ଟିଟିଲାଗଡ଼ | ୩୯.୫ | ୨୬.୮ |
| ମାଲକାନଗିରି | ୩୮.୫ | ୨୩.୫ |
| ସୋନପୁର | ୩୮.୪ | ୨୨.୦ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୦ |
| ନୟାଗଡ଼ | ୩୭.୦ | ୨୫.୦ |
| ବୌଦ୍ଧ | ୪୦.୦ | ୨୪.୦ |
| ଛତ୍ରପୁର | ୩୩.୩ | ୨୬.୦ |
| ପାରଳାଖେମୁଣ୍ଡି | ୩୩.୫ | ୨୩.୫ |
| ରାୟଗଡ଼ା | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଅଲଗା ହେଲେ ବିଲ୍ ଗେଟ୍ସ-ମିଲିଣ୍ଡା

**ୱାଶିଂଟନ୍:** ବିବାହର ୨୭ ବର୍ଷ ପରେ ପରସ୍ପରଠାରୁ ଅଲଗା ହେବାକୁ ଯାଉଛନ୍ତି ବିଶ୍ୱର ଚତୁର୍ଥ ଧନୀ ବ୍ୟକ୍ତି ତଥା ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏବଂ ତାଙ୍କ ପତ୍ନୀ ମିଲିଣ୍ଡା ଗେଟ୍ସ। ଏ ସମ୍ପର୍କରେ ଉଭୟେ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଆଉ ଏକାଠି ରହି ଆଗକୁ ବଢ଼ିପାରିବୁ ବୋଲି ମନେ କରୁନାହୁଁ। ତେଣୁ ବହୁତ ଭାବିଚିନ୍ତି ଛାଡ଼ପତ୍ର ଦେବାକୁ ନିଷ୍ପତ୍ତି ନେଇଥିବା ଏହି ଦମ୍ପତ୍ତି କହିଛନ୍ତି। ଗତ ୨୭ ବର୍ଷ ଭିତରେ ୩ ପିଲାଙ୍କୁ ମଣିଷ କରିବା ସହ ବିଲ୍ ଆଣ୍ଡ ମିଲିଣ୍ଡା ଫାଉଣ୍ଡେସନ ପରି ଏକ ସଙ୍ଗଠନ ଗଠନ କରିଛୁ ଯାହା ବିଶ୍ୱର ଅନେକ ଲୋକଙ୍କୁ ସୁସ୍ଥ ଓ ଉନ୍ନତ ଜୀବନ ବଞ୍ଚିବାପରେ ସାହାଯ୍ୟ କରିଛି। ଆଗକୁ ମଧ୍ୟ ଏହାର ଭିତ୍ତିଭୂମି ଆହୁରି ପ୍ରଶସ୍ତ କରାଯିବା ଦିଗରେ କାର୍ଯ୍ୟ ଜାରି ରହିବ ଏବଂ ଏହାର କାର୍ଯ୍ୟଧାରା ଏଥିଯୋଗୁ ପ୍ରଭାବିତ ହେବ ନାହିଁ। କିନ୍ତୁ ଦମ୍ପତି ଭାବରେ ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ



## ୨୭ ବର୍ଷ ପରେ ଛାଡ଼ପତ୍ର

ଏକାଠି ଆଗକୁ ବଢ଼ିପାରିବୁ ନାହିଁ ବୋଲି ଉଭୟେ ପ୍ରକାଶ କରିଛନ୍ତି। ଆମ ପରିବାରର ଗୋପନୀୟତାକୁ ସମ୍ମାନ ଦିଆଯାଉ ବୋଲି ଏହି ଦମ୍ପତ୍ତି ଅନୁରୋଧ କରିଛନ୍ତି। ୧୯୮୭ରେ ମିଲିଣ୍ଡା ଟେକ୍ କମ୍ପାନୀ ମାଇକ୍ରୋସଫ୍ଟରେ ଯୋଗଦେବା ପରେ ବିଲ୍ ଗେଟ୍ସଙ୍କ ସହ ଦେଖା ହୋଇଥିଲା। ୧୯୯୪ରେ ଉଭୟେ ପ୍ରେମ ବିବାହ କରିଥିଲେ। ଏହି ଦମ୍ପତ୍ତି ବିଲ୍ ଆଣ୍ଡ ମିଲିଣ୍ଡା ଫାଉଣ୍ଡେସନ ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଚଳାଉଛନ୍ତି। ଏହି ସଂସ୍ଥା ସାରା ବିଶ୍ୱରେ ସଂକ୍ରମଣ ଯୋଗୁ ବ୍ୟାପୁଥିବା ରୋଗ ଏବଂ ଶିଶୁଙ୍କ ଟିକାକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥାଏ। ଫୋର୍ବସ୍ ମାଗାଜିନ୍ ଅନୁଯାୟୀ, ୧୩୦ ବିଲିୟନ ଡଲାର ସମ୍ପତ୍ତିର ଅଧିକାରୀ ବିଲ୍ ଗେଟ୍ସ ବିଶ୍ୱର ଚତୁର୍ଥ ଧନୀ ବ୍ୟକ୍ତି।

# ପାଇପ ସଜାଡ଼ିବାକୁ ୪ ଲକ୍ଷ

**ଲଣ୍ଡନ:** ବ୍ରିଟେନର ଜଣେ ପ୍ଲମ୍ବର ବା ପାଇପ ମିସ୍ତ୍ରୀଙ୍କ ବିଲ୍ ଏବେ ଚର୍ଚ୍ଚାରେ ରହିଛି। ଏହି ପ୍ଲମ୍ବର ଜଣକ ତାଙ୍କର ଜଣେ ଛାତ୍ରଙ୍କ ଘରେ ଭଙ୍ଗା ପାଇପ ସଜାଡ଼ିବାକୁ ପହଞ୍ଚିଥିଲେ। ରୋଷେଇ ଘରେ ପାଇପ ସଜାଡ଼ି ଦେବାକୁ ମିସ୍ତ୍ରୀ ଜଣକ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ତାଙ୍କ ବିଲ ଦେଖି ଏସ୍ଲେ ଡଗ୍‌ଲସ୍ ନାମକ ଛାତ୍ରଙ୍କ ମୁଣ୍ଡ କିଛି କାମ କଲାନି। ୨୩ ବର୍ଷୀୟ ଏସ୍ଲେ ବର୍ତ୍ତମାନ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। କାରଣ ମିସ୍ତ୍ରୀ ଜଣକ ତାଙ୍କୁ ବାରମ୍ବାର ଟଙ୍କା ମାଗୁଛନ୍ତି। ସେ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ରୋଷେଇ ଘରେ ପାଇପରୁ ପାଣି ପଡୁଥିଲା। ସେ ଫୋରନ ପିଏମ ପ୍ଲମ୍ବର ସର୍ଭିସକୁ ଫୋନ କରିଥିଲେ। ପାଇପ ମିସ୍ତ୍ରୀ ମେହଦୀ ପରଡ଼ି କାମ କରିଥିଲେ। ଯେତେବେଳେ ସେ ମୋତେ ବିଲ୍ ଦେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି। କାରଣ ୩୯୦୦ ପାଉଣ୍ଡ ଅର୍ଥାତ ପ୍ରାୟ ୪ ଲକ୍ଷ ଟଙ୍କାର ସେ ବିଲ୍ ଦେଇଥିଲେ। ଯାହାକି ସବୁଠୁ ଆଶ୍ଚର୍ଯ୍ୟଜନକ ଥିଲା। ନିରୁପାୟ ହୋଇ ଏସ୍ଲେ ଥାନାରେ ଅଭିଯୋଗ କରିଛନ୍ତି।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଣ୍ଣଲତା ଦାସ
ଏଫ୍-୨୮/୨, ସ୍ୱର୍ଣ୍ଣକୁଞ୍ଜ, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ : ତା୧୦.୦୧.୧୯୪୫
ତିରୋଧାନ : ତା୨୫.୦୪.୨୦୨୧
ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା।
- ଶ୍ରଦ୍ଧାଞ୍ଜଳି ସହ -
ନିକୁଞ୍ଜ କିଶୋର ଦାସ (ସ୍ୱାମୀ)
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୬୬୨

# ଅଂଶୁଘାତ: ଏବେଠୁ ହୁଅନ୍ତୁ ସତର୍କ



ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ । ତେଣୁ ବର୍ଷାଋତୁ ପୂର୍ବରୁ ଅର୍ଥାତ୍ ଚଳିତ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପି.ପି.ଆର୍. ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

# ଅଦା-ହଳଦୀ ଲଗାଉଥିଲେ...



ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ରୁ ୧୭ କୁଇଣ୍ଟାଲ୍ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର। ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳି କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳି ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ। ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

# ଅଳ୍ପରେ...

➤ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।

➤କୁକୁଡାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

➤ବନରାଜ ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।



➤କୁକୁଡାଙ୍କର ନାଳି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

# ଖରିଫ ଫସଲ ଯୋଜନା



ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନି ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।

# ଚାଷୀଙ୍କ ପାଇଁ...

**ରାଶି ଫସଲରେ ପତ୍ର ବିନ୍ଧା ପୋକ ଲାଗିଲେ:** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀରେ କଳଙ୍କି ରୋଗ ଦମନ:** କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ/ ଥାୟୋଫ୍ୟାନେଟ୍ ମିଥାଇଲ୍ ୧.୫ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।







# ଡାଲୁଅ ଧାନ ଅମଳ ପରବର୍ତ୍ତୀ ଯତ୍ନ

ଡାଲୁଅ ଧାନର ଶତକଡ଼ା ୮୦ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ। ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ। ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ଜମିର କିସମ ଅନୁସାରେ ଖରିଫ୍ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ। କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇ ଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟ କରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲି:** ମୁଗ ଓ ବିରି ଫସଲରେ ଛୁଇଁ ୮୦ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ଖରାଟିଆ ବିରି ଓ ମୁଗ ଫୁଲ ଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ।

**ନଳିତା:** ଏପ୍ରିଲ୍ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ। ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆଖୁ:** ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୁସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ।

**କୁକୁଡ଼ା ଓ ବତକ ପାଳନ :** -କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଯିବା ଆସିବାର ସୁବିଧା କରନ୍ତୁ। ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ। ଦିନକୁ ୨ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ। ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ। ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ।

**ଖରାଟିଆ ଚାଷ ସମୟରେ :** ଖରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨-୩ ଓଡ଼ ଖରାଟିଆ ଚାଷ କରନ୍ତୁ। ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ। ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ। ମାଟି ପରୀକ୍ଷା କରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ। ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମେ ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ।

## ଖରାଟିଆ ପନିପରିବା ଚାଷରେ ଜଳସେଚନ

ଖରାଟିଆ ପନିପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ। ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ। ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ। ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ। ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ।



*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

# ଅଣଧାନ ଚାଷ କରୁଥିଲେ...

ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡି, ହରଡ, ବିରି, ମାଣ୍ଡିଆ, ଚିନାବାଦାମ, ଜଡା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢ଼ିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



# ବିଦେଶୀଙ୍କ ଫେରିବା ବ୍ୟବସ୍ଥା କରିବ ବିସିସିଆଇ

**ନୂଆଦିଲ୍ଲୀ, ୪।୫ (ପି.ଟି.)**



ବାୟୋ-ବବ୍‌ଲରେ କୋଭିଡ୍ ଦେଖାଦେବା ପରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ କରାଯାଇଛି। ଫଳତଃ ଇଭେଣ୍ଟରେ ଭାଗ ନେଇଥିବା ବିଦେଶୀ ଖେଳାଳିଙ୍କୁ ସେମାନଙ୍କ ଦେଶକୁ ପଠାଇବାର ଉପାୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାହାର କରିବ ବୋଲି ଆଇପିଏଲ ଚେୟାରମ୍ୟାନ ବ୍ରିଜେଶ ପଟେଲ କହିଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦ ଉଇକେଟକିପର- ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଓ ଦିଲ୍ଲୀ କ୍ୟାପିଟାଲ୍ସ ଭେଟେରାନ ସ୍ପିନର ଅମିତ ମିଶ୍ର କୋଭିଡ୍ ପଜିଟିଭ ଚିହ୍ନଟ ପରେ ଟୁର୍ନାମେଣ୍ଟକୁ ସସ୍‌ପେଣ୍ଡ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଭାରତରେ କରୋନାର ଦ୍ୱିତୀୟ ଲହର ଦେଶରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି। ଦୈନିକ ରେକର୍ଡ ସଂଖ୍ୟା ଲୋକ କରୋନା ସଂକ୍ରମିତ ହେଉଥିବା ବେଳେ ବହୁ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଏଥିପାଇଁ ବହୁ ଦେଶ ଭାରତ ସହ ବିମାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ଫଳରେ ବିଦେଶୀ ଖେଳାଳି ସ୍ୱଦେଶ ଫେରିବା ନେଇ ସମସ୍ୟା ଉପୁଜିଛି। ବିଦେଶୀ ଖେଳାଳିମାନେ ଯେପରି ସୁରକ୍ଷିତ ଭାବେ ନିଜ ଦେଶକୁ ଯଥାଶୀଘ୍ର ଫେରିପାରିବେ ତାହାର ବ୍ୟବସ୍ଥା କରାଯିବ ବୋଲି ବିସିସିଆଇ ଦୃଢ଼ ପ୍ରତିଶ୍ରୁତି ଦେଇଛି। ଆଇପିଏଲର ୧୪ ଜଣ ଅଷ୍ଟ୍ରେଲିଆ ଖେଳାଳି ସେମାନଙ୍କ ଦେଶକୁ ଫେରିବେ। କିଛିଦିନ ପୂର୍ବେ ୩ଜଣ ଟୁର୍ନାମେଣ୍ଟ ଅଧାରୁ ନିଜ ଦେଶକୁ ଫେରିଯାଇଛନ୍ତି। ଏହାଛଡ଼ା ନ୍ୟୁଜିଲାଣ୍ଡର ୧୦, ଇଂଲଣ୍ଡର ୧୧, ଦକ୍ଷିଣ ଆଫ୍ରିକାର ୧୧ ବ୍ୟତୀତ ୱେଷ୍ଟଇଣ୍ଡିଜର ୯, ଆଫଗାନିସ୍ତାନର ୩ ଏବଂ ବାଂଲାଦେଶର ୨ ଆଇପିଏଲ୍ ଖେଳାଳି ଅଛନ୍ତି। ଏଣେ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଓ ଅଷ୍ଟ୍ରେଲିଆନ କ୍ରିକେଟ ଆସୋସିଏଶନ (ଏସିଏ) ସେମାନଙ୍କ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଅଷ୍ଟ୍ରେଲିଆ ସରକାର କୋଭିଡ୍ ଯୋଗୁ ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ମେ' ୧୫ ପର୍ଯ୍ୟନ୍ତ ଭାରତ ସହ ବିମାନ ଚଳାଚଳକୁ ସସ୍‌ପେଣ୍ଡ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ସିଧାସଳଖ ଯୋଗାଯୋଗରେ ରହିଛି। ଅଷ୍ଟ୍ରେଲିଆ ଖେଳାଳି, କୋଚ୍, ମ୍ୟାଚ ଅଫିସିଆଲ ଓ କମେଣ୍ଟେଟର କିପରି ସୁରକ୍ଷିତ ରହିପାରିବେ ଏବଂ ଅଷ୍ଟ୍ରେଲିଆ ଫେରିପାରିବେ ସେ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ମଧ୍ୟ ଜାରି ରହିଛି। ବିସିସିଆଇର ନିଷ୍ପତ୍ତି ପରେ ଦକ୍ଷିଣ ଆଫ୍ରିକା କ୍ରିକେଟ (ସିଏସ୍ଏ) ତାଙ୍କ ଖେଳାଳିମାନଙ୍କ ସହ ସମ୍ପର୍କ ସ୍ଥାପନ କରିଛି। ତାଙ୍କ ଖେଳାଳିମାନେ ଯଦି ଭାରତରୁ ଫେରନ୍ତି ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ସୁପାରିସ ଅନୁଯାୟୀ ସେମାନେ ପହଞ୍ଚିଲା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ବାଧ୍ୟତାମୂଳକ ହେବ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଲିଗ୍‌କୁ ସସ୍‌ପେଣ୍ଡ କରିବା ଲାଗି ବିସିସିଆଇ ଯେଉଁ ନିଷ୍ପତ୍ତି ନେଇଛି ସିଏସ୍ଏ ତାହାକୁ ସମର୍ଥନ କରିଛି। ଅନ୍ୟପକ୍ଷରେ ପରିସ୍ଥିତିକୁ ହାତେଇବା କ୍ଷେତ୍ରରେ ବିସିସିଆଇର ସାମର୍ଥ୍ୟ ଉପରେ ନିଜର ଭରସା ଜାହିର କରିଛି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି)। ଜୁନ୍‌ରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ଲାଗି ଭାରତ ଓ ନ୍ୟୁଜିଲାଣ୍ଡ ଖେଳାଳିମାନେ ଏକ ସ୍ୱତନ୍ତ୍ର ବିମାନରେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଗସ୍ତ କରିବେ। ସବୁଠାରୁ ଅସୁବିଧାରେ ଅଛନ୍ତି ଅଷ୍ଟ୍ରେଲୀୟମାନେ। କଟକଣା ଯୋଗୁ ବର୍ତ୍ତମାନ ସେମାନେ ନିଜ ଦେଶକୁ କିପରି ଫେରିବେ ସେନେଇ ଚିନ୍ତାରେ ଅଛନ୍ତି। କ୍ରିକେଟରୁ କମେଣ୍ଟେଟର ହୋଇଥିବା ମାଇକେଲ ସ୍ଲାଟର ଆଇପିଏଲ୍‌ରେ କମେଣ୍ଟ୍ରି କରୁଥିଲେ। ସେ ମାଳଦ୍ୱୀପ ପଳାଇଛନ୍ତି। ସେ ତାଙ୍କ ଦେଶର ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଭାରତରୁ ତାଙ୍କ ଦେଶର ନାଗରିକମାନଙ୍କୁ ଫେରିବା ଲାଗି ଅନୁମତି ନ ଦେବା ଅପମାନଜନକ ବୋଲି ସେ କହିଛନ୍ତି। ଆଇପିଏଲ୍‌ରେ କାର୍ଯ୍ୟକରିବା ଲାଗି ସେ ସରକାରଙ୍କଠାରୁ ଅନୁମତି ନେଇଥିଲେ। ବର୍ତ୍ତମାନ ସରକାର ତାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଛି ବୋଲି ସ୍ଲାଟର ପ୍ରକାଶ କରିଛନ୍ତି। ଦୁଇ ଦିନ ପୂର୍ବେ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ କହିଥିଲେ, ଆଇପିଏଲ୍ ପରେ ଭାରତ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଖେଳାଳିମାନଙ୍କୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ନେଇକରି ଯାଉଥିବା ସ୍ୱତନ୍ତ୍ର ବିମାନରେ ତାଙ୍କ ଦେଶର ଖେଳାଳିମାନଙ୍କୁ ଯଦି ନିଆଯାଇପାରନ୍ତା ତାହାହେଲେ ଭଲ ହୁଅନ୍ତା। ସୂଚନାଯୋଗ୍ୟ, ସୋମବାର ଚେନ୍ନାଇ ସୁପର କିଙ୍ଗ୍ସ ବୋଲିଂ କୋଚ୍ ଏଲ୍. ବାଲାଜୀ ଏବଂ କୋଲକାତା ନାଇଟ ରାଇଡର୍ସର ସନ୍ଦୀପ ୱାରିୟର ଓ ବରୁଣ ଚକ୍ରବର୍ତ୍ତୀ ପ୍ରମୁଖ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ନିଷ୍ପତ୍ତିକୁ ଆଇପିଏଲ୍ ବ୍ରଡ୍‌କାଷ୍ଟରର ସମର୍ଥନ

**ମୁମ୍ବାଇ, ୪।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବାୟୋ ବବଲରେ କୋଭିଡ୍‌ର ଆକସ୍ମିକ ଆବିର୍ଭାବ ଯୋଗୁ ଏହି ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନେଇଥିବା ନିଷ୍ପତ୍ତିକୁ ଇଭେଣ୍ଟର ବ୍ରଡ୍‌କାଷ୍ଟର ଷ୍ଟାର ଇଣ୍ଡିଆ ସମର୍ଥନ ଜଣାଇଛି। ଖେଳାଳି, ଷ୍ଟାଫ୍ ଏବଂ ଆଇପିଏଲ୍ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରଦାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବିସିସିଆଇ, ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ, ଖେଳାଳି, ଫ୍ରାଞ୍ଚାଇଜ୍ ଓ ସ୍ପନସର ଆଦିଙ୍କ ସମର୍ଥନ ପାଇଁ ଷ୍ଟାର ଇଣ୍ଡିଆ ଧନ୍ୟବାଦ ଜ୍ଞାପନ କରିଛି। ବ୍ରଡ୍‌କାଷ୍ଟର ଆହୁରି ମଧ୍ୟ ଏହାର କର୍ମଚାରୀଙ୍କ ଆଗରେ ଋଣୀ



ବୋଲି କହିଛି, ଯେଉଁମାନେ ଏକ ଚ୍ୟାଲେଞ୍ଜପୂର୍ଣ୍ଣ ସମୟରେ କୋଟି କୋଟି ଖେଳପ୍ରେମୀଙ୍କ ନିକଟରେ ଆଇପିଏଲ୍‌କୁ ପହଞ୍ଚାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ।




# ଭାରତର ହକି ପ୍ରୋ ଲିଗ୍ ମ୍ୟାଚ ସ୍ଥଗିତ


**ଲାଉସାନେ, ୪।୫ (ପି.ଟି.):** ଚଳିତ ମାସ ଶେଷ ଭାଗରେ ଭାରତୀୟ ହକି ଦଳ ସ୍ପେନ ଏବଂ ଜର୍ମାନୀ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଏସୀୟ ଦେଶ ଗୁଡ଼ିକରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ଯୋଗୁ ଅନ୍ତର୍ଜାତୀୟ ଭ୍ରମଣ କଟକଣା ଲଗା ଯାଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ଭାରତୀୟ ଦଳ ମେ' ୧୫ ଓ ୧୬ରେ ସ୍ପେନ ବିପକ୍ଷରେ ଏବଂ ୨୩ ଓ ୨୪ ତାରିଖରେ ଜର୍ମାନୀ ବିପକ୍ଷରେ ମ୍ୟାଚ ଖେଳିବାର ଥିଲା। ଏଫ୍‌ଆଇଏଚ୍, ହକି ଇଣ୍ଡିଆ ଏବଂ ଜର୍ମାନୀ, ସ୍ପେନ ଓ ଗ୍ରେଟ୍ ବ୍ରିଟେନର ଜାତୀୟ ହକି ଆସୋସିଏଶନଗୁଡ଼ିକ ଆଗାମୀ ଦିନରେ ମ୍ୟାଚଗୁଡ଼ିକୁ ପୁନଃ ଆୟୋଜନ ସମ୍ପର୍କରେ ଚିନ୍ତା କରୁଛନ୍ତି। ବିଶ୍ୱ ହକି ସମୁଦାୟ ପକ୍ଷରୁ ଏଫ୍‌ଆଇଏଚ୍ ଭାରତୀୟ ହକି ପ୍ରତି ସମର୍ଥନ ଜଣାଇବା ସହ ସହାନୁଭୂତି ଦେଖାଇଛି। ଗତ ମାସରେ ଲଣ୍ଡନରେ ମେ' ୮ ଓ ୯ରେ ହେବାକୁଥିବା ବ୍ରିଟେନ ବିପକ୍ଷ ମ୍ୟାଚକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଭାରତରେ କୋଭିଡ୍-୧୯ ସଂକ୍ରମଣ ବଢୁଥିବାରୁ ୟୁକେ ସରକାର ଭାରତୀୟଙ୍କ ଭ୍ରମଣକୁ 'ଲାଲ' ତାଲିକାଭୁକ୍ତ କରିଥିଲା। ଏବେ ଭାରତରେ ଦୈନିକ ୩ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ହେଉଥିବାବେଳେ ୩୦୦୦ରୁ ଅଧିକ ମୃତ୍ୟୁବରଣ କରୁଛନ୍ତି। ସେଥିପାଇଁ ଅଷ୍ଟ୍ରେଲିଆ, ମାଲେସିଆ, ଜର୍ମାନୀ, ସିଙ୍ଗାପୁର, ନ୍ୟୁଜିଲାଣ୍ଡ ଓ ୟୁକେ ଆଦି ଦେଶ ଭାରତରୁ ଅନ୍ତର୍ଜାତୀୟ ବିମାନକୁ ବାତିଲ କରିଛନ୍ତି। ଭାରତ ଏବେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଷ୍ଟାଣ୍ଡିଂରେ ୧୫ ପଏଣ୍ଟ ସହିତ ନେଦରଲାଣ୍ଡସ, ଜର୍ମାନୀ ଓ ବେଲ୍‌ଜିୟମ ତଳକୁ ୪ର୍ଥ ସ୍ଥାନରେ ଅଛି।

# ବିସିସିଆଇ ୨୦୦୦ କୋଟି ଟଙ୍କା କ୍ଷତି ସହିବ

**ନୂଆଦିଲ୍ଲୀ,୪।୫(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସସ୍‌ପେଣ୍ଡ ହେବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବଡ଼ ଆକାରର କ୍ଷତି ସହିବା ନିଶ୍ଚିତ ହୋଇଛି। ପ୍ରସାରଣ ଓ ପ୍ରାୟୋଜନ ପାଉଣା ବାବଦରେ ବୋର୍ଡ ୨୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବ। ଆମେ ୨୦୦୦ରୁ ୨୫୦୦ କୋଟି ଟଙ୍କା ମଧ୍ୟରେ କ୍ଷତି ସହିବୁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

୫୨ ଦିନ ଧରି ଚାଲିବାକୁ ଥିବା ଏହି ୬୦ ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟରେ ମାତ୍ର ୨୪ ଦିନର ଖେଳ ସମ୍ଭବ ହୋଇଛି ଓ କେବଳ ୨୯ଟି ମ୍ୟାଚ୍ ଖେଳାଯାଇଛି। ଷ୍ଟାର ସ୍ପୋର୍ଟ୍ସ ପ୍ରସାରଣ ଦାୟିତ୍ୱରେ ରହିଛି। ୧୬,୩୪୭ କୋଟି ଟଙ୍କା ବିନିମୟରେ ଷ୍ଟାର ସ୍ପୋର୍ଟ୍ସ ୫ ବର୍ଷ ପାଇଁ ଚୁକ୍ତି କରିଥିଲା। ଫଳରେ ଷ୍ଟାର ସ୍ପୋର୍ଟ୍ସକୁ ବର୍ଷକୁ ୩୨୬୯.୪ କୋଟି ଟଙ୍କା ପୈଠ କରିବାର ଥିଲା। ଗୋଟିଏ ସେସନରେ ଯଦି ୬୦




ମ୍ୟାଚ୍ ଖେଳାଯାଏ, ତାହାହେଲେ ମ୍ୟାଚ୍ ପ୍ରତି ବୋର୍ଡ ୫୪.୫ କୋଟି ଟଙ୍କା ହାସଲ କରିଥାନ୍ତା। ୨୯ଟି ମ୍ୟାଚ୍ ଖେଳାଯାଇଥିବାରୁ ବୋର୍ଡ ୧୫୮୦ କୋଟି ଟଙ୍କା ହାସଲ କରିଛି। କିନ୍ତୁ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳାଯାଇଥିଲେ ବୋର୍ଡ ୩୨୭୦ କୋଟି ଟଙ୍କା ହାସଲ କରିଥାନ୍ତା। ଫଳରେ ବୋର୍ଡ ୧୬୯୦ କୋଟି ଟଙ୍କା ହରାଇବା ସ୍ପଷ୍ଟ ହୋଇଛି।

ମୋବାଇଲ ଉତ୍ପାଦନକାରୀ କମ୍ପାନୀ ଭିଭୋ ଟୁର୍ନାମେଣ୍ଟ ଟାଇଟଲ ପ୍ରାୟୋଜକ ଭାବେ ପ୍ରତ୍ୟେକ ସେସନରେ ୪୪୦ କୋଟି ଟଙ୍କା ପ୍ରଦାନ କରିଥାଏ। ଆଇପିଏଲ ସ୍ଥଗିତ ରହିବା ଫଳରେ ବୋର୍ଡ ଏହାର ଅଧା ଅର୍ଥ ହରାଇବ। ପୁଣି ସହକାରୀ ପ୍ରାୟୋଜକ ଭାବେ ଅନ୍‌ଏକାଡେମୀ, ଡ୍ରିମ୍ ୧୧, ସିଆରଇଡି, ଅପ୍‌ଷ୍ଟୋକ୍ସ ଓ ଟାଟା ମୋଟର୍ସ ପ୍ରତ୍ୟେକ ୧୨ କୋଟି ଟଙ୍କା ପ୍ରଦାନ କରିଥାନ୍ତି। ବର୍ତ୍ତମାନ ଏହି ପ୍ରାୟୋଜକମାନେ ଏହାର ଅଧା ଅର୍ଥ ପ୍ରଦାନ କରିବେ। ଫଳରେ ଏ ବାବଦରେ ବୋର୍ଡ ମୋଟ ଉପରେ ୨୨୦୦ କୋଟି ଟଙ୍କା ହରାଇବ। ପ୍ରକୃତରେ ଏହାଠାରୁ ଅଧିକ ଅର୍ଥ ବିସିସିଆଇ ହରାଇବ ବୋଲି ଅନୁମାନ କରାଯାଉଛି।

# ଟି୨୦ ବିଶ୍ୱକପ୍ ୟୁଏଇକୁ ସ୍ଥାନାନ୍ତର ହୋଇପାରେ

**ନୂଆଦିଲ୍ଲୀ,୪।୫(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସସ୍‌ପେଣ୍ଡ ହେବା ପରେ ଭାରତରେ ଚଳିତ ବର୍ଷ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ସ୍ଥାନାନ୍ତର ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ମେଗା ଇଭେଣ୍ଟ ଭାରତ ବଦଳରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇପାରେ। ଆସନ୍ତା ନଭେମ୍ବରରେ କୋଭିଡ୍-୧୯ର ତୃତୀୟ ଲହର ଆସିବା ଅନୁମାନ କରାଯାଉଛି। ଏପରିସ୍ଥଳେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡିକ ଭାରତ ଆସିବାକୁ ଅମଙ୍ଗ ହେବ। ଫଳରେ ଏହି ମେଗା ଇଭେଣ୍ଟ ଭାରତରୁ ସ୍ଥାନାନ୍ତର ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଗୋଟିଏ ମାସ ମଧ୍ୟରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଟି୨୦ ବିଶ୍ୱକପ୍ ଆଗାମୀ ଅକ୍ଟୋବର- ନଭେମ୍ବରରେ ୯ଟି ଭେନ୍ୟୁରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏ ପର୍ଯ୍ୟନ୍ତ ବିଶ୍ୱକପ୍‌ର ତାରିଖ ନେଇ ଘୋଷଣା କରାଯାଇନାହିଁ।

ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ



ବୋର୍ଡ (ବିସିସିଆଇ)ର ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ବିଶ୍ୱକପ୍‌କୁ ୟୁଏଇ ସ୍ଥାନାନ୍ତର କରିବା ନେଇ ସହମତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଗତ ୭୦ ବର୍ଷ ମଧ୍ୟରେ ଭାରତ ସବୁଠାରୁ ସ୍ୱାସ୍ଥ୍ୟଗତ ବିପତ୍ତିର ଶିକାର ହୋଇଛି। ଆଇପିଏଲ୍ ସସ୍‌ପେଣ୍ଡ ହେବା ପରେ ଭାରତରେ ବିଶ୍ୱକପ୍ ଭଳି ମେଗା ଇଭେଣ୍ଟ ଆୟୋଜନ ହେବା ଆଦୌ ସୁରକ୍ଷିତ ନୁହେଁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଦେଶରେ ନଭେମ୍ବରରେ କରୋନାର ତୃତୀୟ ଲହର ଆସିବା ଆଶଙ୍କା କରାଯାଉଛି। ତେଣୁ ଭାରତରେ ବିଶ୍ୱକପ୍ ଆୟୋଜନ ଏକପ୍ରକାର ଅସମ୍ଭବ ମନେହେଉଛି ବୋଲି ସେ କହିଛନ୍ତି। ଏପରି ସ୍ଥଳେ ଇଭେଣ୍ଟ ୟୁଏଇକୁ ସ୍ଥାନାନ୍ତର ହୋଇପାରେ ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ୟୁଏଇରେ ୩ଟି ଗ୍ରାଉଣ୍ଡ ଶାରଜା, ଦୁବାଇ ଓ ଆବୁଧାବିରେ ମ୍ୟାଚ୍ ଖେଳାଯିବ। ୩ଟି ଗ୍ରାଉଣ୍ଡ ପାଖାପାଖି ଥିବାରୁ ବିମାନଯାତ୍ରାର ସମ୍ଭାବନା ନାହିଁ। ବିଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୟୁଏଇ ସବୁଠାରୁ ସୁରକ୍ଷିତ ସ୍ଥାନ ବିବେଚିତ ହେଉଛି। ଜୁନ୍‌ରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ବୈଠକ ବସିବ। ଏଥିରେ ବିଶ୍ୱକପ୍ ଆୟୋଜନ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ।




# ସେଲ୍‌ବିଙ୍କୁ ବିଶ୍ୱ ସ୍ନୁକର ଟାଇଟଲ



**ଶେଫିଲ୍ଡ (ଇଂଲଣ୍ଡ), ୪।୫(ଏପି)**

କ୍ରୁସିବଲ ଥିଏଟରରେ ଭରପୂର ଦର୍ଶକଙ୍କ ଗହଣରେ ଇଂଲଣ୍ଡର ମାର୍କ ସେଲବି ବିଶ୍ୱ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ନିଜ ଦେଶର ଶନ ମର୍ଫିଙ୍କୁ ୧୮-୧୫ରେ ହରାଇ ସେଲ୍‌ବି କ୍ୟାରିୟରରେ ୪ର୍ଥ ଥର ପାଇଁ ଚାମ୍ପିୟନ ହୋଇଛନ୍ତି। କେବଳ ସ୍କଟଲାଣ୍ଡର ଷ୍ଟିଫେନ ହେଣ୍ଡ୍ରି (୭ ଥର), ଇଂଲଣ୍ଡର ରୋନି ଓ'ସୁଲିଭାନ, ୱେଲ୍ସର ରୟ ରିଅର୍ଡନ ଏବଂ ଇଂଲଣ୍ଡର ଷ୍ଟିଭ୍ ଡେଭିସ (ସମସ୍ତେ ୬ ଥର ଲେଖାଏ) ସେଲ୍‌ବିଙ୍କଠାରୁ ଅଧିକଥର ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ୪ର୍ଥ ଟାଇଟଲ ସହ ସେଲ୍‌ବି ସ୍କଟଲାଣ୍ଡର ଜନ୍ ହିଗିନ୍ସଙ୍କ ସମକକ୍ଷ ହୋଇଛନ୍ତି। ମହାମାରୀଜନିତ ଲକ୍‌ଡାଉନ୍ କଟକଣା ସମୟରେ ବହୁଳ ସମାବେଶରୁ ସୁରକ୍ଷିତଭାବେ ଘରକୁ ଫେରିବା ପାଇଁ ଇଂଲଣ୍ଡର ଶେଫିଲ୍ଡରେ ୧୭ ଦିନ ବିଶିଷ୍ଟ ଏହି ଇନ୍‌ଡୋର ଟୁର୍ନାମେଣ୍ଟ ପାଇଲଟ ପ୍ରୋଗ୍ରାମର ଅଂଶବିଶେଷ। କ୍ରୁସିବଲ ପକ୍ଷରୁ ପ୍ରଥମ ରାଉଣ୍ଡ ଅବସରରେ ୩୩ ପ୍ରତିଶତ, ଦ୍ୱିତୀୟ ରାଉଣ୍ଡରେ ୫୦ ପ୍ରତିଶତ ଏବଂ ୨ଦିନ ବିଶିଷ୍ଟ ଫାଇନାଲ ବେଳକୁ ଶତ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇଥିଲା। କୌଣସି ଦର୍ଶକ ଭେନ୍ୟୁରେ ପ୍ରବେଶ ପୂର୍ବରୁ କୋଭିଡ୍-୧୯ ଟେଷ୍ଟ ବାଧ୍ୟତାମୂଳକ ଥିଲା। ରିପୋର୍ଟ ନେଗେଟିଭ ଥିବା ବ୍ୟକ୍ତିଙ୍କୁ ହିଁ ଅନୁମତି ମିଳୁଥିଲା।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଜବରଦଖଲ ଉଚ୍ଛେଦ**

**ନୟାଗଡ଼ ଅଫିସ:** ନୟାଗଡ଼ ସହରରେ ନିର୍ମାଣାଧୀନ ବଲାଙ୍ଗୀବନ୍ଧ ପାର୍କ ସମ୍ମୁଖରେ ଜଣେ ବ୍ୟକ୍ତି ଜବରଦଖଲ କରି ସରକାରୀ ଜମିକୁ ଅକ୍ତିଆର କରିଥିଲେ । ମଙ୍ଗଳବାର ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତିରେ ତାହା ଉଚ୍ଛେଦ କରାଯାଇଛି ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଖଣ୍ଡପଡ଼ା,୪।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ତ୍ରିନାଥ ଛକରେ ଘରଭଡ଼ା ନେଇ ରହୁଥିବା ମନୋଜ କୁମାର ନାୟକ(୩୬) ବେକରେ ରଶି ବାନ୍ଧି ସୋମବାର ଆତ୍ମହତ୍ୟା କରିଛନ୍ତି । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପାରିବାରିକ ଅଶାନ୍ତିକୁ କେନ୍ଦ୍ର କରି ମନୋଜ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ଜୋର ଧରିଛି ।

### ୨୫୦ କରୋନା ଆକ୍ରାନ୍ତ ଚିହ୍ନଟ ମୋଟ ପଜିଟିଭ ସଂଖ୍ୟା ୨ ହଜାର ଟପିଲା

**ନୟାଗଡ଼ ଅଫିସ,୪।୫:** ମଙ୍ଗଳବାର ରିପୋର୍ଟ ଅନୁଯାୟୀ, ନୟାଗଡ଼ ଜିଲାରେ ୨୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୭୧ରେ ପହଞ୍ଚିଛି। ଚିହ୍ନଟ ୨୫୦ଜଣଙ୍କ ମଧ୍ୟରୁ ଭାପୁର ବ୍ଲକରେ ୪, ଦଶପଲ୍ଲା ବ୍ଲକରେ ୨୫, ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୫, ନୟାଗଡ଼ ବ୍ଲକରେ ୪୫, ନୂଆଗାଁ ବ୍ଲକ ୬୪ , ଓଡ଼ଗାଁ ବ୍ଲକ ୪୨, ରଣପୁର ବ୍ଲକ ୪୫, ନୟାଗଡ଼ ପୌରାଞ୍ଚଳରେ ୪୭ ଜଣ ଚିହ୍ନଟ ହୋଇଛନ୍ତି ।

### ଫାଇନ୍ ଭୟ, ଜଳଖିଆ ଦୋକାନ ବନ୍ଦ

**ନୟାଗଡ଼ ଅଫିସ,୪।୫:** ନୟାଗଡ଼ ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଜଳଖିଆ ମିଳିଲା ନାହିଁ । ବହୁ ଗ୍ରାହକ ଜଳଖିଆ ନ ଖାଇ ଫେରିଛନ୍ତି । ଏ ସଂକ୍ରାନ୍ତରେ ଜଳଖିଆ ଦୋକାନୀ କହିଛନ୍ତି, ଭିଡ଼ ହେଲେ ଫାଇନ କଟୁଛି । ଭିଡ଼ ନ କରିବା ପାଇଁ ଗ୍ରାହକଙ୍କୁ ବୁଝାଇଲେ ସେମାନେ ଶୁଣୁ ନାହାନ୍ତି । ଅନ୍ୟପକ୍ଷେ ନାଇଟ କର୍ଫ୍ୟୁ ଯୋଗୁ ଶୀଘ୍ର ଦୋକାନ ବନ୍ଦ କରିବାକୁ ପଡୁଛି । ଅଧିକ ଜଳଖିଆ କରିଲେ ବିକ୍ରୀ ହେବ କି ନାହିଁ ଭୟ ରହୁଛି। ଅପରପକ୍ଷେ ବଜାରରେ ମଙ୍ଗଳବାର ଲୋକଙ୍କ ଭିଡ ଲାଗି ରହିଥିଲା । ଏଣୁ ଅନ୍ୟ ଦିନଠାରୁ ଅଧିକ ଜଳଖିଆ ଗ୍ରାହକ ଖୋଜିବାରୁ ଅଭାବ ପରିଲକ୍ଷିତ ହୋଇଛି ।

### ଜଙ୍ଗଲ କିସମ ଜମି ଜବରଦଖଲ
### ତହସିଲଦାରଙ୍କୁ ଫେରାଦ ହେଲେ ଆଦିବାସୀ

**ନୟାଗଡ଼ ଅଫିସ,୪।୫:** ନୟାଗଡ଼ ଜିଲା ନୂଆଗାଁ ତହସିଲ ମହିପୁର ଆରଆଇ ସର୍କଲର ସାନହାମରା ଗାଁରେ ଜଙ୍ଗଲ କିସମ ଓ ସରକାରୀ ଜମି ଜବରଦଖଲ ହୋଇଛି । ଅନ୍ୟ ଗାଁର କେତେଜଣ ଲୋକ ଭୂମିହୀନ ଦର୍ଶାଇ ତାହା ଜବରଦଖଲ କରିଛନ୍ତି । ଗତ କିଛି ଦିନ ତଳେ ବନବିଭାଗ ଓ ଆରଆଇଙ୍କ ଦ୍ୱାରା ସଂପୃକ୍ତ ଜମି ଜବରଦଖଲ ଉଚ୍ଛେଦ କରାଯାଉଥିଲା । ହେଲେ ବିବାଦ ଉପୁଜିଥିବାରୁ ଉଚ୍ଛେଦ ହୋଇ ପାରି ନଥିଲା। ତୁରନ୍ତ ସେହି ଜବରଦଖଲକୁ ଉଚ୍ଛେଦ କରିବାକୁ ସାନାମରା ଗାଁର ଆଦିବାସୀମାନେ ମଙ୍ଗଳବାର ନୂଆଗାଁ ତହସିଲଦାରଙ୍କୁ ଭେଟି ନିବେଦନ କରିଛନ୍ତି ।

# କଟକଣା ବାଟବଣା

**ନୟାଗଡ଼ ଅଫିସ,୪।୫**

ଘାତକ ସାଜିଛି କରୋନା। ଗୋଟିଏ ପରେ ଗୋଟିଏ ଜୀବନ ଅସମୟରେ ଟଳିପଡୁଛି । ରାଜ୍ୟ ସହ ତାଳ ଦେଇ ନୟାଗଡ଼ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ସେଥିଯୋଗୁ ମେ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି । ଏହାପରେ ବି କରୋନା କଟକଣା ନୟାଗଡ଼ ଜିଲାରେ ବାଟବଣା ହୋଇଛି । ସବୁଠି ଭିଡ଼ ଲାଗି ରହିଛି । କେହି ସାମାଜିକ ଦୂରତାକୁ ମାନୁ ନାହାନ୍ତି । ଅଧିକାଂଶ ଲୋକ ମାସ୍କ ବି ଠିକ୍ ଭାବେ ପିନ୍ଧୁନାହାନ୍ତି। ହାତ ଧୋଇବା, ନିରାପଦରେ ରହିବା କଥାକୁ ଲୋକମାନେ ଭୁଲିଯାଉଥିବାରୁ ଏହି ରୋଗ କାୟା ବିସ୍ତାର କରି ଚାଲିଛି ।

### ସମସ୍ତେ ଘରମୁହାଁ

ବୁଧବାରଠାରୁ ଲକ୍‌ଡାଉନ୍ । ସେଥିପାଇଁ ଲୋକମାନେ ଘରମୁହାଁ ହୋଇଛନ୍ତି । ସବୁ କାମକୁ ପଛରେ ପକାଇ ସେମାନେ ପିଲାଛୁଆଙ୍କୁ ଧରି ଘରକୁ ଫେରୁଛନ୍ତି। ଫଳରେ ବସ୍‌ଷ୍ଟାଣ୍ଡରେ ନାହିଁ ନ ଥିବା ଭିଡ଼ ଲାଗି ରହିଛି । ନୟାଗଡ଼ରୁ ଭୁବନେଶ୍ୱର ଓ ଭୁବନେଶ୍ୱରରୁ ଭଞ୍ଜନଗର ବସ୍‌ରେ ସୋମବାର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ବସ ଭିତରେ ସାମାଜିକ ଦୂରତା ମାନିବାକୁ ସ୍ଥାନ ନ ଥିଲା। ସିଟ୍ ନ ଥିବାରୁ ଲୋକମାନେ ଠିଆ ହୋଇ ଗନ୍ତବ୍ୟସ୍ଥଳକୁ ଫେରୁଥିବା ଦେଖିବାକୁ ମିଳିଥିଲା । ଭଞ୍ଜନଗର, ଫୁଲବାଣୀକୁ ଯାଉଥିବା ବସ ଜାମ୍ ଥିଲା । ଯାତ୍ରୀମାନଙ୍କୁ ବସ୍‌କୁ ଉଠିବାକୁ ହେଲ୍‌ପର ମନା କରିଥିଲେ । ହେଲେ କେହି ତାଙ୍କ କଥା ଶୁଣି ନ ଥିଲେ । ଭଞ୍ଜନଗରର ମହେଶ୍ୱତା ପ୍ରଧାନ କୁହନ୍ତି, ମୋ ସହିତ ଅନ୍ୟ ୪ଜଣ ଘରକୁ ଯିବା ପାଇଁ ଗତ ସୋମବାରଠାରୁ ଚେଷ୍ଟା କରୁଛୁ । ଇତିମଧ୍ୟରେ ୩ଟି ବସ୍‌ରେ ସିଟ୍ ନାହିଁ କି ଠିଆ ହୋଇଯିବାକୁ ସ୍ଥାନ ନ ଥିଲା । ସବୁ ବସ୍‌ରେ ଏମିତି ଅବସ୍ଥା । ସେଥିପାଇଁ ଏକ ଅଟୋରିକ୍ସାରେ ଯିବାକୁ ବାଧ୍ୟ ହୋଇଛୁ। ଅନ୍ୟପକ୍ଷେ ବସ୍‌ରେ ଲେଖାଅଛି ମାସ୍କ ନାହିଁ ତ ଗାଡ଼ିରେ ଚଢ଼ନ୍ତୁ ନାହିଁ । ହେଲେ ଟଙ୍କା ଲୋଭରେ ମାସ୍କ ନ ଥିଲେ ବି ନୟାଗଡ଼ ଟ୍ରାଫିକ୍ ଛକରେ ଯାତ୍ରୀମାନଙ୍କୁ ବସ୍‌ରେ ଉଠାଯାଉଛି । ଅଧିକାଂଶ ବସ୍‌ର କଣ୍ଡକ୍ଟର ମାସ୍କକୁ ନାକ ତଳକୁ ଖସାଇ ଟିକେଟ କାଟୁଥିବା ଦେଖିବାକୁ ମିଳିଛି ।

### ବଜାରରୁ ଆଳୁ ଉଭାନ୍

ନୟାଗଡ଼ ସହରରେ ଆଳୁ କିଲୋ ୩୦ରୁ ୩୫ ଟଙ୍କାରେ ମଙ୍ଗଳବାର ବିକ୍ରି ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଦୋକାନରୁ ଆଳୁ ଉଭାନ୍ ହୋଇ ଯାଇଥିଲା। ବ୍ୟବସାୟୀମାନେ ଆଳୁର କୃତ୍ରିମ ଅଭାବ ସୃଷ୍ଟି କରି ଦର ବୃଦ୍ଧି କରିଥିବା ଅଭିଯୋଗ ହୋଇଛି। ଦର ବୃଦ୍ଧି ସତ୍ତ୍ୱେ ଖାଉଟିମାନେ ଆବଶ୍ୟକତାଠାରୁ ଅଧିକ ଆଳୁ ଘରକୁ ନେଉଥିବା ଦେଖିବାକୁ ମିଳିଛି । ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜିଛି ।



ବସ୍‌ରେ ଭିଡ଼ ଯୋଗୁ ଯାତ୍ରୀମାନେ ଅପେକ୍ଷା କରିଛନ୍ତି ।

### ଟିକା ଅଭାବ

ଲକ୍‌ଡାଉନ୍ କାରଣରୁ କାମ ହରାଇ ବହୁ ଲୋକ ନୟାଗଡ଼ ଜିଲାର ବିଭିନ୍ନ ଗାଁ ଓ ସହରକୁ ମଙ୍ଗଳବାର ଫେରିଛନ୍ତି। ଆଉ କେତେଜଣ ଫେରୁଛନ୍ତି। ଗାଁ ଓ ସହରରେ ସେମାନଙ୍କୁ ବିରୋଧ କରାଯାଉଛି। ସରକାର ଏ ଦିଗରେ ପଦକ୍ଷେପ ନ ନେବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ପୂର୍ବରୁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସେହିପରି ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଥିବା ଖବରଦାତାମାନଙ୍କୁ ଅଣଦେଖା କରାଯାଉଛି। କେବଳ ମାନ୍ୟତା ଦେଲେ କିଛି ସୁଫଳ ମିଳିବନି ବୋଲି ଅନେକ ଖବରଦାତା କହିଛନ୍ତି। କରୋନା ବଢ଼ି ଚାଲିଥିବାବେଳେ ସରକାର ଯୋଗାଉଥିବା ଟିକା ସମୁଦ୍ରକୁ ଶଙ୍ଖେ । ଏଥିପାଇଁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାଦାନ ବନ୍ଦ ରହିବା ପରେ ଅସନ୍ତୋଷ ପ୍ରକାଶ ପାଇଛି।

## ମଦ ଦୋକାନରେ ବି ଭିଡ଼


ମଦ କିଣିବା ପାଇଁ ଲୋକମାନେ ଭିଡ଼ ଜମାଇଛନ୍ତି ।

ଲକ୍‌ଡାଉନ୍‌ରେ ମଦ ଦୋକାନ ବନ୍ଦ ରହୁଥିବାରୁ ଅଧିକାଂଶ ଗ୍ରାହକ ଆବଶ୍ୟକତାଠାରୁ ଅଧିକ ମଦ କିଣୁଥିବା ମଙ୍ଗଳବାର ଦେଖିବାକୁ ମିଳିଥିଲା। ମଦ ଦୋକାନ ସମ୍ମୁଖରେ ଭିଡ଼ ଲାଗି ରହିଥିଲେ ମଧ ପୋଲିସ ଓ ଅବକାରୀ ବିଭାଗ ଚୁପ୍ ବସିଥିଲା। ସୁନାଗହଣା ଦୋକାନରେ ବି ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା । ସେହିଭଳି ସହରର ଡ୍ରେସ୍, ଲୁଗା ଦୋକାନରେ ଅନୁରୂପ ଭିଡ଼ ଜମିଥିଲା।

## ୮ ବିଦ୍ୟାଳୟର ସମୀକ୍ଷା କଲେ ୫-ଟି ସଚିବ

**ନୟାଗଡ଼ ଅଫିସ,୪।୫**

ନୟାଗଡ଼ ଜିଲାର ୪ ନିର୍ବାଚନ ମଣ୍ଡଳୀରେ ଥିବା ୮ ବିଦ୍ୟାଳୟର ସମୀକ୍ଷା ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ମଙ୍ଗଳବାର କରିଛନ୍ତି। ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପାଳ ପୋମା ଟୁଡୁ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ସେହି ବ୍ଲକ୍‌ର ବିଡିଓ, ପ୍ରଧାନ ଶିକ୍ଷକମାନେ ସାମିଲ ଥିଲେ । ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ ପାଇଁ ଆଲୁମିନ କମିଟି ଓ ବିଦ୍ୟାଳୟ କମିଟି ସହ ୫-ଟି ସଚିବ ଆଲୋଚନା କରିଥିଲେ ।

## ଜାକେଡାରେ ବୋମାମାଡ଼, ଉତ୍ତେଜନା

**ନୟାଗଡ଼ ଅଫିସ,୪।୫**

ନୟାଗଡ଼ ଜିଲା ଶରଣକୂଳ ଥାନା ଗୋଡିପଡା ଫାଣ୍ଡିର ଜାକେଡା ଗାଁରେ ସୋମବାର ରାତିରେ ୩ରୁ ଊର୍ଦ୍ଧ୍ୱ ବୋମାମାଡ଼ ପରେ ପୁଣି ସେହି ଗାଁ ଅଶାନ୍ତ ହୋଇ ପଡିଛି । ଗାଁର ଗୋଟିଏ ଗୋଷ୍ଠୀଙ୍କ ଅଭିଯୋଗ ଅନୁସାରେ ସୋମବାର ରାତି ପ୍ରାୟ ୮ଟାରେ ବୋମାମାଡ଼ କରାଯାଇଛି। ସରକାରୀ ଜମିରୁ ସେମାନଙ୍କୁ ଉଠାଇବା ପାଇଁ ଏପରି କରାଯାଇଛି । ସରକାରୀ ଜମିରେ ଥିବା ଆମ୍ବ, କାଜୁ ବଗିଚା ନିଲାମ ଅର୍ଥକୁ ନେଇ ୨ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି । ଏନେଇ ଶରଣକୁଳ ଥାନା ଆଇଆଇସି ବିମଳ ମଲ୍ଲିକ କୁହନ୍ତି ବୋମାମାଡ ନେଇ ଅଭିଯୋଗ ହୋଇନାହିଁ । ପୋଲିସ ଜାକେଡାରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରଖିଛି।

# ୧୬ଦିନରେ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ



ପ୍ରାଣୀ ଚିକିତ୍ସକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନୟାଗଡ଼ ଅଫିସ,୪।୫**

### ଦାବି ପୂରଣ ନ ହେଲେ ୧୫ରୁ ସମୂହ ଛୁଟି

ପ୍ରାଣୀଧନ ଚିକିତ୍ସକଙ୍କ ଆନ୍ଦୋଳନ ୧୬ ଦିନରେ ପହଞ୍ଚିଛି । ହେଲେ ସରକାର ସେମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନକାରୀ ମେ ୧୫ରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ଅନୁସାରେ ଗତ ୨୦ ବର୍ଷ ଭିତରେ ମାନବ ସମ୍ବଳ ୩୦ ପ୍ରତିଶତକୁ ହ୍ରାସ ପାଇଛି । କିନ୍ତୁ ବିଭାଗୀୟ କାର୍ଯ୍ୟ ୩୦୦ ପ୍ରତିଶତକୁ ବୃଦ୍ଧି ପାଇଛି। ହେଲେ ପ୍ରାଣୀଧନ ଚିକିତ୍ସକମାନେ କର୍ତ୍ତବ୍ୟରେ ଅବହେଳା କରି ନାହାନ୍ତି । ପୁଣି କରୋନା ଯୋଦ୍ଧାର ମାନ୍ୟତା ମିଳି ନ ଥିଲେ ମଧ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ସମୟରେ ସେବା ଯୋଗାଇ ଆସିଛନ୍ତି। ପ୍ରାଣୀଧନ ଚିକିତ୍ସକମାନେ ସାଧାରଣ ଡାକ୍ତରଙ୍କ ପରି ୫ ବର୍ଷ ୬ମାସର ପାଠ୍ୟକ୍ରମ ପଢ଼ିଥାନ୍ତି। ଏଣୁ କେନ୍ଦ୍ର ଓ ୨୦ରୁ ଊର୍ଦ୍ଧ୍ୱ ରାଜ୍ୟ ସରକାର ସେହି ଡାକ୍ତରଙ୍କୁ ସମାନ ଦୃଷ୍ଟିରେ ଦେଖୁଛନ୍ତି। କିନ୍ତୁ ଓଡିଶାରେ ପ୍ରାଣୀଧନ ଚିକିତ୍ସକମାନେ ଅବହେଳା ଓ ଉପେକ୍ଷିତ ହେବା ପରେ ପ୍ରତିବାଦ ବଢ଼ିଛି । ଏହାର ପ୍ରତିବାଦରେ ଏପ୍ରିଲ ୧୯ରୁ ପ୍ରାଣୀଧନ ଚିକିତ୍ସକମାନେ କଳାବ୍ୟାଚ୍ ପରିଧାନ କରି ନୟାଗଡ଼ରେ ପ୍ରତିବାଦ କରିଥିଲେ। ଦାବି ପୂରଣ ନ ହେବାରୁ ଏପ୍ରିଲ ୧୫ରେ ଡିଜିଟାଲ ସେବା ବର୍ଜନ କରଛନ୍ତି । ମେ ୧ରେ କଲମ ଛାଡ ଆନ୍ଦୋଳନ ମଧ କରିଛନ୍ତି । ମେ ୧୫ରେ ସମୂହ ଛୁଟିରେ ଯିବେ । ଏହା ପରେ ବି ଦାବି ପୂରଣ ନ ହେଲେ ମେ ୨୫ରେ ସମୂହ ଇସ୍ତଫା ଦେବେ ବୋଲି ଓଡ଼ିଶା ପ୍ରାଣୀଧନ ଚିକିତ୍ସକ ସେବା ସଂଘ ନୟାଗଡ଼ ଶାଖା ପକ୍ଷରୁ ବୈକୁଣ୍ଠ ବିହାରୀ ସାହୁ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ପୋଖରୀ, କୂଅ, ରାସ୍ତା ନିର୍ମାଣ ନାଁରେ ଅର୍ଥ ହଡ଼ପ

**ନୟାଗଡ଼ ଅଫିସ,୪।୫**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ବିକାଶ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ କରାଯାଇଛି । ଏପରି ଅଭିଯୋଗ ସୂଚନା କର୍ମୀମାନେ ଆଣି ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି। ଜିଲାସ୍ତରରେ ଅଭିଯୋଗ କଲେ ଦୁର୍ନୀତିରେ ଜଡିତ ବ୍ୟକ୍ତିମାନଙ୍କୁ କ୍ଲିନ୍‌ଚିଟ୍ ଦିଆଯାଉଛି । ସେଥିପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ସଂସ୍ଥା ମାଧ୍ୟମରେ ତଦନ୍ତ କରିବାକୁ ଦାବି ହୋଇଛି।

ଗତ ୫ ବର୍ଷ ମଧ୍ୟରେ ୧୬୦୦ ପୋଖରୀ ଓ ଫାର୍ମପଣ୍ଡ, ୭୫୦ କୂଅ ଖୋଳା ଯାଇଛି ଦର୍ଶାଇ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ୮୦ଟି ରାସ୍ତା ନ କରି ଏହାକୁ କାଗଜପତ୍ରରେ ଦର୍ଶାଇ ସରକାରୀ ଅନୁଦାନକୁ ହଡ଼ପ କରାଯାଇଛି । ଏନେଇ ସୂଚନା ଅଧିକାର କର୍ମୀ କୃଷ୍ଣଚନ୍ଦ୍ର ସାହୁ ଓ ନବ କିଶୋର ବରାଡ କହିଛନ୍ତି, ଭାପୁର ବ୍ଲକର ୨୦ ପଞ୍ଚାୟତରେ କୂଅ, ପୋଖରୀ, ରାସ୍ତା ନାମରେ ଟଙ୍କା ହରିଲୁଟ୍ ହୋଇଛି । ଭଗବାନପୁର, ବିଜିପୁର, ଶାସନରେ ପୋଖରୀ ଦୁର୍ନୀତିର ଅନେକ ପ୍ରମାଣ ରହିଛି । ଅନ୍ୟ ପଞ୍ଚାୟତରେ ରାସ୍ତା ନିର୍ମାଣ ଓ କୂଅ ଖୋଳିବା ନାଁରେ ଅନିୟମିତତା ହୋଇଛି। ଏକ ଗୋଷ୍ଠୀ ଏହି ଦୁର୍ନୀତିରେ ଫାଇଦା ନେଇଛନ୍ତି । ଏଥିରେ କେତେଜଣ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ରାଜନେତାମାନେ ସାମିଲ ଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ହେଲେ ଅନେକ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି ସୂଚନା କର୍ମୀ ଦ୍ୱୟ କହିଛନ୍ତି।

## ରାସ୍ତା ସାରା ଖସିଲା ଟଙ୍କା

**ନୟାଗଡ଼ ଅଫିସ,୪।୫**

ମଙ୍ଗଳବାର ମଧ୍ୟାହ୍ନରେ ନୟାଗଡ଼ର ବାରମାସୀ ଦଣ୍ଡା କଲ୍ୟାଣମଣ୍ଡପ ନିକଟରେ ରାସ୍ତା ସାରା ଟଙ୍କା ପଡିଥିଲା । ଏକ ବାଇକ୍ ଦ୍ରୁତ ଗତିରେ ଯାଉଥିଲା । ସେଥିରେ ବସିଥିବା ଜଣେ ବ୍ୟକ୍ତିଙ୍କ ପକେଟରୁ ସେହି ଟଙ୍କା ଖସି ରାସ୍ତା ସାରା ପଡୁଥିଲା । ଏହାଦେଖି ରାସ୍ତାରେ ଯାଉଥିବା ଲୋକମାନେ ଟଙ୍କା ଖସିଲା ବୋଲି ଚିତ୍କାର କରିଥିଲେ ମଧ ସେହି ବାଇକ୍ ଅଟକି ନ ଥିଲା । ଏହା ପରେ ରାସ୍ତାରେ ଯାଉଥିବା ଲୋକମାନେ ଟଙ୍କାକୁ ଗୋଟାଇ ଏକାଠି କରିଥିଲେ । ନୟାଗଡ଼ କୋଭିଡ କେୟାର ସେଣ୍ଟରର ଅଧ୍ୟକ୍ଷଙ୍କ ପାଖରେ ସେହି ଟଙ୍କା ରଖାଯାଇଛି । ଉପଯୁକ୍ତ ପ୍ରମାଣ ଦେଲେ ଟଙ୍କା ଫେରସ୍ତ କରାଯିବ ବୋଲି ଟଙ୍କା ପାଇଥିବା ଲୋକମାନେ କହିଛନ୍ତି।

## ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ

**ଖଣ୍ଡପଡା,୪।୫(ସ୍ୱ.ପ୍ର.)**

ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ଘୋଷଣା ସହ ସାମାଜିକ ଦୂରତ୍ୱ ଓ ମୁହଁରେ ମାସ୍କ ଲଗାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମାତ୍ର ଖଣ୍ଡପଡ଼ା ବ୍ଲକ୍ ଅଧୀନ ପ୍ରାୟ ସମସ୍ତ ଅଞ୍ଚଳର ବଜାରରେ କ୍ରମାଗତ ଭାବେ ସାମାଜିକ ଦୂରୁତ୍ୱ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି । ପନିପରିବା, ମାଛ, ମାଂସ ଓ ତେଜରାତି ଦୋକାନ ସମ୍ମୁଖରେ ଜନଗହଳି ଲାଗି ରହିଛି । ସେଠାରେ ସାମାଜିକ ଦୂରତ୍ୱ ନିୟମ ପ୍ରତି ଆଦୌ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି । ସେହିପରି ଅନେକ ବ୍ୟକ୍ତି ନାକ ଓ ମୁହଁକୁ ନ ଘୋଡ଼ାଇ ପନିପରିବା ସହ ବିଭିନ୍ନ ସାମଗ୍ରୀ କିଣୁଛନ୍ତି । ଏଥିପ୍ରତି ବ୍ଲକ୍ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଜାଲ ରସିଦରେ ଟଙ୍କା ଆଦାୟ



ଦାବିପତ୍ର ଦେବାକୁ ଆସିଥିବା ଲୋକମାନେ।

**ନୟାଗଡ଼ ଅଫିସ,୪।୫**

### ଘରକୁ ପାଣି ପାଇପ ସଂଯୋଗରେ ଅନିୟମିତତା

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ସିଂଘପଡା ପଞ୍ଚାୟତରେ ଘରକୁ ପାଣି ପାଇପ୍ ସଂଯୋଗ ପାଇଁ ୧ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇଛି । ଜାଲ ରସିଦରେ ୧ଶହ ହିତାଧିକାରୀଙ୍କଠାରୁ ଏପରି ଟଙ୍କା ଆଦାୟ କରାଯାଇଛି । ସେମାନଙ୍କୁ ମାଗଣାରେ ପାଣି ଯୋଗାଇ ଦିଆଯାଇଛି ବୋଲି କୁହଯିବା ପରେ ଏପ୍ରିଲ ୨୬ରେ ସ୍ଥାନୀୟ ଲୋକେ ଖଣ୍ଡପଡ଼ା ବିଡିଓଙ୍କୁ ସ୍ମାରକପତ୍ର ଦେଇ ଏପରି ଅନିୟମିତତାର ତଦନ୍ତ ଦାବି କରିଥିଲେ । ହେଲେ ଜଳ କମିଟି ଗଠନ ପରେ ନିର୍ବାହୀ ଅଧିକାରୀ ଟଙ୍କା ଫେରସ୍ତ କରିବେ ବୋଲି ବିଡିଓ କହିଥିଲେ । ଟଙ୍କା ଫେରସ୍ତ ନ ହେବାରୁ ହିତାଧିକାରୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ପାନୀୟ ଜଳ ଯୋଗାଣରେ ହୋଇଥିବା ଅନିୟମିତତା ସମ୍ପର୍କରେ ଅବଗତ କରାଇବା ସହ ନ୍ୟାୟ ମାଗିଛନ୍ତି।

## ଡିଇଓ କାର୍ଯ୍ୟାଳୟରେ ତାଲା ପଡ଼ିଲା

**ନୟାଗଡ଼ ଅଫିସ,୪।୫**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କ୍ରୀଡା ଓ କଳା ଶିକ୍ଷକମାନେ ବର୍ଷେ ହେଲା ଦରମା ପାଉ ନାହାନ୍ତି । ଏହାର ପ୍ରତିବାଦରେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ସେମାନେ ପ୍ରତିବାଦ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା ଓ ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି । ସୂଚନାଯୋଗ୍ୟ, ୧୩୦ କ୍ରୀଡା ଓ କଳା ଶିକ୍ଷକ ୨୦୧୩ରୁ ନୟାଗଡ଼ ଜିଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାମ କରି ଆସୁଛନ୍ତି । ସେମାନଙ୍କୁ ମାସକୁ ୫ହଜାର ୪୫୨ ଟଙ୍କା ଦରମା ମିଳୁଛି । ହେଲେ ୨୦୨୦ ମେ ୨୦ରୁ ୨୦୨୧ ମେ ପର୍ଯ୍ୟନ୍ତ ଦରମା ନ ମିଳିବାରୁ ସେମାନେ ଆନ୍ଦୋଳନ ପନ୍ଥାକୁ ବାଛି ନେଇଥିଲେ । ମଙ୍ଗଳବାର ଜିଲା ସଂଘ ପକ୍ଷରୁ ଆନ୍ଦୋଳନ ହୋଇଥିଲା ।

## ସିନିୟର ସିଭିଲ ଜଜ କୋର୍ଟ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୪।୫**

ନୟାଗଡ଼ରେ ସିନିୟର ସିଭିଲ ଜଜ କୋର୍ଟ ଭର୍ଚ୍ଚୁଆଲ ମୋଡରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଏହି ଉତ୍ସବରେ ଜିଲା ଜଜ ଓ ଦୌରାଜଜ ରୂପଶ୍ରୀ ଚୌଧୁରୀ, ଜିଲା ବାର ଆସୋସିଏଶନ ସଭାପତି ବିପିନ ଧଳ, ସମ୍ପାଦକ କାଳୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
MCL
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା:MCL/HQ/EE/2021/Medical/594 ତା.30.04.2021ରିଖ
**ଏମ୍‌ସିଏଲ୍ ରେ ଚୁକ୍ତି ଭିତ୍ତିରେ ଅସ୍ଥାୟୀ ଡାକ୍ତରଙ୍କ ଆବଶ୍ୟକତା ନିମନ୍ତେ ସୂଚନା**
ମହାନଦୀ କୋଲଫିଲ୍‌ଡସ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ) ଅସ୍ଥାୟୀ/ଚୁକ୍ତି ଭିତ୍ତିରେ ଏମ୍‌ସିଏଲ୍ / କୋଇଲା କ୍ଷେତ୍ର ର ହସ୍ପିଟାଲ / ଡିସ୍ପେନସରୀ ଠାରେ କାର୍ଯ୍ୟ କରିବା ନିମନ୍ତେ ସମର୍ପିତ ଏବଂ ଉଦ୍ୟମୀ ଡାକ୍ତରଙ୍କ ଆବଶ୍ୟକତା ରହିଛି । ଚୟନ ପ୍ରକ୍ରିୟା ଭିଡ଼ିଓ କନଫ୍ରେସିଂ ର ମାଧ୍ୟମରେ ବ୍ୟକ୍ତିଗତ ସାକ୍ଷାତକାର ନିର୍ଦ୍ଧାରଣ କରାଯାଇଛି । ସାକ୍ଷାତକାର ପରୀକ୍ଷାର ତାରିଖ 20.05.2021 ଦିନ ନିର୍ଦ୍ଧାରିତ କରାଯାଇଅଛି । ବିଜ୍ଞାପନ ର ବିସ୍ତୃତ ବିବରଣୀ Careers@mcl -> Career News -> Recruitment ର ଅଧିନ ୱେବ୍‌ସାଇଟ୍ www.mahanadicoal.in ରେ ଦେଖାଯାଇ ପାରିବ ।
ସ୍ୱା/-
ମହାପ୍ରବନ୍ଧକ (କାର୍ମିକ-ଅ.ସ୍ଥା)
ଏମ୍‌ସିଏଲ, ବୁର୍ଲା, ସମ୍ବଲପୁର
(R-5050)

**ଏସ୍.ଇ. ରେଳପଥ ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ୪୨୮୩-ଜିଆରସି-ସିଇ-ସି-ଏଚ୍‌କ୍ୟୁ-୧୯-୨୦୨୧, (୨) ୪୨୮୪-ଜିଆରସି-ସିଇ-ସି-ଏଚ୍‌କ୍ୟୁ-୨୦-୨୦୨୧, ତାରିଖ: ୦୪।୦୫।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କ୍ର.ସଂ., କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: (୧)** ଦକ୍ଷିଣ ପୂର୍ବ ରେଳପଥର ନାରାୟଣଗଡ଼-ଭଦ୍ରକ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ସମସ୍ତ ୟାର୍ଡ ସମେତ ରାଜଘାଟ (ଇଏକ୍ସ) (କିମି ୧୯୨.୪୦)ରୁ ନୂଆଗାଁ ମୟୂରଭଞ୍ଜ ରୋଡ୍ (ଇଏକ୍ସ) (କିମି ୨୦୬.୫୪) ମଧ୍ୟରେ ଏମ୍ବାଙ୍କମେଣ୍ଟ/କଟିଂରେ ଆର୍ଥୱାର୍କ ଇନ୍ ଫର୍ମେଶନ୍, ଛୋଟ ସେତୁଗୁଡ଼ିକର ସମ୍ପ୍ରସାରଣ, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଏବଂ ତତ୍‌ସମ୍ପର୍କିତ କାର୍ଯ୍ୟ ନିର୍ବାହ । **(୨)** ଦକ୍ଷିଣ ପୂର୍ବ ରେଳପଥର ନାରାୟଣଗଡ଼-ଭଦ୍ରକ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ସମସ୍ତ ୟାର୍ଡ ସମେତ ନୂଆଗାଁ ମୟୂରଭଞ୍ଜ (ଇନ୍) (କିମି ୨୦୬.୫୪)ରୁ ରୂପସା (ଇଏକ୍ସ) (କିମି ୨୧୧.୯୧) ମଧ୍ୟରେ ଏମ୍ବାଙ୍କମେଣ୍ଟ/କଟିଂରେ ଆର୍ଥୱାର୍କ ଇନ୍ ଫର୍ମେଶନ୍, ଛୋଟ ସେତୁଗୁଡ଼ିକର ସମ୍ପ୍ରସାରଣ, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଏବଂ ତତ୍‌ସମ୍ପର୍କିତ କାର୍ଯ୍ୟ ନିର୍ବାହ । **ଆନୁମାନିକ ମୂଲ୍ୟ:** ₹୯୦.୭୦ କୋଟି (କ୍ର.ସଂ. ୧ ପାଇଁ), ₹୪୨.୦୮ କୋଟି (କ୍ର.ସଂ. ୨ ପାଇଁ) । **ସମାପ୍ତି ଅବଧି:** ୧୮ ମାସ (କ୍ର.ସଂ. ୧ ପାଇଁ), ୧୫ ମାସ (କ୍ର.ସଂ. ୨ ପାଇଁ) । **ବନ୍ଦ ହେବା ତାରିଖ:** ତା୨୫।୦୫।୨୦୨୧ରିଖ (କ୍ର.ସଂ. ୧ ପାଇଁ), ତା୨୮।୦୫।୨୦୨୧ରିଖ (କ୍ର.ସଂ. ୨ ପାଇଁ) । ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-55)

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି**
**ପରିସମାପନଧୀନ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**
**ଇ-ନିଲାମ ପାଇଁ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**
ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଛି ଯେ କରୋନା ମହାମାରୀର ଦ୍ୱିତୀୟ ଲହର କାରଣରୁ, **ପରିସମାପନଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର** ଚାଲୁ ବ୍ୟବସାୟ ଭିତ୍ତିରେ ତଥା **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ"** ଏବଂ **"ବିନା ଅବଲମ୍ବନ ଭିତ୍ତିରେ"** ବ୍ୟବସାୟର ବିକ୍ରୟ ପାଇଁ ଇ-ନିଲାମ, ଯାହା ମୂଳତଃ **୧୯ ଏପ୍ରିଲ, ୨୦୨୧**ରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ଏବଂ **ବୁଧବାର, ୫ ମେ, ୨୦୨୧**କୁ ବୃଦ୍ଧି ହୋଇଥିଲା, ତାହାକୁ ପୁନର୍ବାର **ଶନିବାର, ୫ ଜୁନ୍, ୨୦୨୧** କୁ ବୃଦ୍ଧି କରାଯାଇଛି ଏବଂ ସେହି ଅନୁଯାୟୀ ଦସ୍ତାବିଜ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖକୁ ବର୍ତ୍ତମାନ **ଗୁରୁବାର, ୩ ଜୁନ୍, ୨୦୨୧**କୁ ସଂଶୋଧନ କରାଯାଇଛି ।
ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ଓ ଅପରିବର୍ତ୍ତିତ ରହିବ । ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ୱେବ୍‌ସାଇଟ୍: **www.kvknilachalpower.com, https://right2vote.in** ତଥା **www.kgsip.com**ରେ ମଧ ଉପଲବ୍ଧ ।
କୌଣସି ସ୍ପଷ୍ଟୀକରଣ ପାଇଁ, ନିମ୍ନପ୍ରଦତ୍ତ ବିବରଣୀରେ ଯୋଗାଯୋଗ କରନ୍ତୁ ।
ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨,
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

